

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୧୦୬ ● ୧୭ ମଇ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-106 ● 17th May 2026, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ସମ୍ମାନଜନକ ବୃତ୍ତିରେ ଜାଲ୍ ଡିଗ୍ରୀ ମାଧ୍ୟମରେ ପ୍ରବେଶ କରିଥିବା ଯୁବକ ପରଜୀବୀ

# ସଫେଇ ଦେଲେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ





**ନୂଆଦିଲ୍ଲୀ, ୧୬।୫**

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ 'କେତେକ ଯୁବକଙ୍କୁ ଅସରପା' ପରି କହିବା ପରେ ଶନିବାର ତାଙ୍କ ବିବାଦୀୟ ଟିପ୍ପଣୀ ଉପରେ ସଫେଇ ଦେଇଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି, କେତେକ ଗଣମାଧ୍ୟମ ତାଙ୍କର ମୌଖିକ ମତାମତକୁ ଭୁଲ ଭାବରେ ଉଦ୍ଧୃତ କରିଥିଲେ ଓ ସେଗୁଡ଼ିକୁ ଦେଶର ଯୁବପିଢ଼ିଙ୍କ ସମାଲୋଚନା ଭାବରେ ମିଥ୍ୟା ଭାବରେ ପ୍ରଚାରିତ କରିଥିଲେ। ଏହା ପଢ଼ିବା ପରେ ମୁଁ ଖୁବ୍ ଦୁଃଖିତ ହୋଇଥିଲି।

ସେ କହିଛନ୍ତି, ଶୁକ୍ରବାର ଏକ ଅସ୍ୱାଭାବିକ ମାମଲାରେ ଶୁଣାଣି କରିବା ବେଳେ ଆଇନ, ଗଣମାଧ୍ୟମ ଓ ଅନ୍ୟାନ୍ୟ ସମ୍ମାନଜନକ ବୃତ୍ତିରେ ଜାଲ୍ ଡିଗ୍ରୀ ମାଧ୍ୟମରେ ପ୍ରବେଶ କରିଥିବା ଯୁବକଙ୍କୁ ସେ ପରଜୀବୀ ବୋଲି କହିଥିଲେ। ଏହାଦ୍ୱାରା ସେ ଦେଶର ସମଗ୍ର ଯୁବପିଢ଼ିକୁ ସମାଲୋଚନା କରିଥିଲେ ବୋଲି କହିବା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି, ମୁଁ ଦେଶର ଯୁବପିଢ଼ିଙ୍କୁ ନେଇ ଗର୍ବ କରେ ଓ ସେମାନଙ୍କୁ ବିକଶିତ ଭାରତର ସ୍ତମ୍ଭ ଭାବେ ଗ୍ରହଣ କରିଥାଏ।

ସୂଚନାଯୋଗ୍ୟ, ଶୁକ୍ରବାର ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ଓକିଲଙ୍କୁ ବରିଷ୍ଠ ଓକିଲ ଭାବରେ ନିଯୁକ୍ତି ସହିତ ଜଡିତ ଏକ ଆବେଦନର ଶୁଣାଣି କରିଥିଲେ। ଏହି ସମୟରେ ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟ ପରେ ବିବାଦ ଆରମ୍ଭ ହୋଇଥିଲା। ବରିଷ୍ଠ ଓକିଲ ଦାବି କରୁଥିବା ଆବେଦନକାରୀଙ୍କ ବ୍ୟବହାର ବିଶେଷ କରି 'ଫେସ୍‌ବୁକ୍'ରେ ସେ ବ୍ୟବହାର କରୁଥିବା ଭାଷାକୁ ନେଇ ପ୍ରଧାନ ବିଚାରପତି ପ୍ରଶ୍ନ ଉଠାଇଥିଲେ। ଖଣ୍ଡପୀଠ ଆବେଦନକାରୀଙ୍କୁ କହିଥିଲେ ଯେ, ସମଗ୍ର ବିଶ୍ୱ ବରିଷ୍ଠ ଆଡଭୋକେଟ୍ ହେବାକୁ ଯୋଗ୍ୟ ହୋଇପାରନ୍ତି, କିନ୍ତୁ ଆପଣ ସେଥିପାଇଁ ହକ୍‌ଦାର ନୁହନ୍ତି।

ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ, ଯଦି ଦିଲ୍ଲୀ ହାଇକୋର୍ଟ ଆବେଦନକାରୀଙ୍କୁ ବରିଷ୍ଠ ଓକିଲ ପଦବୀ ପ୍ରଦାନ କରନ୍ତି, ତେବେ ସୁପ୍ରିମକୋର୍ଟ ତାଙ୍କ *(ପୃଷ୍ଠା ୭ରେ)*

# ଓଡ଼ିଶାର ଅର୍ଥନୈତିକ ବିକାଶର ପ୍ରମୁଖ ସ୍ତମ୍ଭ ଓଏମ୍‌ସି



**ଭୁବନେଶ୍ୱର, ୧୬।୫**
**ନ୍ୟୁଜ୍ ବ୍ୟୁରୋ**

ବର୍ତ୍ତମାନ ବିଶ୍ୱ ବଜାରରେ ଲୁହାପଥର, ବକ୍ସାଇଟ୍, କ୍ରୋମାଇଟ୍ ଭଳି କଞ୍ଚାମାଲ୍‌ର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଓଡିଶା ଖଣି ନିଗମ ଏହି ବର୍ଦ୍ଧିତ ଚାହିଦାକୁ ନିରନ୍ତର ଭାବେ ପୂରଣ କରିବା ସହିତ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଓଡିଶା ଖଣି ନିଗମର ୭୧ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି।

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୬୦ ଦଶକରେ ମାତ୍ର ୧ କୋଟି ଟଙ୍କାର ଆର୍ଥିକ କାରବାରରୁ ଯାତ୍ରା ଆରମ୍ଭ କରିଥିବା ଓଏମ୍‌ସି ୨୦୨୫-୨୬ ଆର୍ଥିକ ବର୍ଷରେ ୨୫ ହଜାର କୋଟି ଟଙ୍କାର କାରବାର କରିଛି। ଏଥି ସହିତ ୪୫ ନିୟୁତ ଟନ ଖଣିଜ ଉତ୍ତୋଳନ କରିଆରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରି ଦେଶର ଏକ ଅଗ୍ରଣୀ ଖଣି ସଂସ୍ଥା ଭାବେ ପ୍ରତିଷ୍ଠା ହାସଲ କରିଛି। ଏବେ ସମୟ ଆସିଛି, ଓଡିଶା ଖଣି ନିଗମ ତାର କାର୍ଯ୍ୟ ପରିସରକୁ ଆହୁରି ବ୍ୟାପକ କରି, ଦେଶର ଅନ୍ୟାନ୍ୟ ରାଜ୍ୟରେ ଖଣି ଭିତ୍ତିକ କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ। ଆହୁରି ମଧ୍ୟ ଓଡିଶା ଖଣି ନିଗମ ପାଖରେ ପ୍ରଚୁର କଞ୍ଚାମାଲ ଉପଲବ୍ଧ ଅଛି। ଖଣି ଭିତ୍ତିକ କାର୍ଯ୍ୟକଳାପ ସହିତ ଶିଳ୍ପାୟନ ପ୍ରତି ଦୃଷ୍ଟିଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସେ ପୁଣି କହିଥିଲେ, ଦୀର୍ଘ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଓଏମ୍‌ସି କେବଳ ଏକ ବ୍ୟବସାୟିକ ସଂସ୍ଥା ଭାବେ ନୁହେଁ ବରଂ ଓଡିଶାର ଅର୍ଥନୈତିକ ବିକାଶର ଏକ ପ୍ରମୁଖ ସ୍ତମ୍ଭ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ନିଗମ ତା'ର ଲାଭାଂଶର ଏକ ସିଂହଭାଗ ରାଜ୍ୟ ସରକାରଙ୍କୁ ନିୟମିତ ଭାବେ ପ୍ରଦାନ କରିଆସୁଛି। ରାଜ୍ୟରେ ମୂଲ୍ୟବାନ୍ ଖଣିଜ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରି ଓଏମ୍‌ସି ଆଜି ରାଜ୍ୟ ଓ ଦେଶର ସମୃଦ୍ଧିରେ ଅତୁଳନୀୟ ଅବଦାନ ରଖୁଛି। କେନ୍ଦୁଝର ଜିଲ୍ଲାର ବାଙ୍ଗୁର କ୍ରୋମାଇଟ୍ ଖଣିରୁ ପ୍ଲାଟିନମ୍ ଗ୍ରୁପ୍ ଏଲିମେଣ୍ଟ ଉତ୍ତୋଳନ କରିବାରେ ଓଏମ୍‌ସି ଏହାର *(ପୃଷ୍ଠା ୭ରେ)*

## ରବିବାର ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ନୀତିନ ନବୀନ

**ଭୁବନେଶ୍ୱର, ୧୬।୫**
**ନ୍ୟୁଜ୍ ବ୍ୟୁରୋ**

ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ରବିବାର ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ନୀତିନ ନବୀନ । ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ସାଧାରଣ ଯାତ୍ରୀବାହୀ ବିମାନରେ ରବିବାର ଭୁବନେଶ୍ୱର ବିମାନ ବନ୍ଦରରେ ରାତି ୧୦ଟାରେ ପହଞ୍ଚିବେ। ସାଂପ୍ରତିକ ବୈଶ୍ୱିକ ତୈଳସଂକଟ ଦୃଷ୍ଟିକୋଣରୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର *(ପୃଷ୍ଠା ୭ରେ)*

### ଆଜିର ମୁଖ୍ୟ ଖବର

- କାକଟପୁରରେ ଘଟିଥିବା ନିର୍ମମ ହତ୍ୟା ମାମଲାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି।
- ଫ୍ଲୋରିଡାରେ ଇସ୍କନ ପକ୍ଷରୁ ରଥଯାତ୍ରା ଆୟୋଜନ ଯୋଜନାକୁ ନେଇ ଜଗନ୍ନାଥ ଭକ୍ତମାନଙ୍କ ମଧ୍ୟରେ ଚର୍ଚ୍ଚା ବଢ଼ିଛି।
- ଦିଲ୍ଲୀ-ତ୍ରିପୁରା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସରୁ ୩ କୋଟି ଟଙ୍କାର ବେଆଇନ ସୁନା ଜବତ।
- ତାମିଲନାଡୁରେ ଏନ୍‌ଇଇଟି ବିରୋଧରେ ରାଜ୍ୟବ୍ୟାପୀ ବିକ୍ଷୋଭ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୬୯୩ (-୯୮)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୮୫ (-୯୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୭୦ (-୭୩)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୦ (-୨୦)

### ଭାରତୀୟ ସେନା ମୁଖ୍ୟଙ୍କ ଚେତାବନୀ

# ଆତଙ୍କବାଦୀ ଆକ୍ରମଣ ବନ୍ଦ ନହେଲେ ପାକିସ୍ତାନର ଭୂଗୋଳ ବଦଳିଯିବ

**ନୂଆଦିଲ୍ଲୀ, ୧୬।୫**

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କ ପୁଣି ବିଗିଡ଼ି ଯାଇଛି। ଭାରତ ଅପରେସନ ସିନ୍ଦୂର ମାଧ୍ୟମରେ ବିଶ୍ୱକୁ ବଡ଼ ବାର୍ତ୍ତା ଦେଇଥିଲା ଯେ,ଦେଶ ଯେକୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ। ପାକିସ୍ତାନର ଏଭଳି କାର୍ଯ୍ୟକଳାପ ନେଇ ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କଡ଼ା ଚେତାବନୀ ଦେଇ କହିଛନ୍ତି, ପାକିସ୍ତାନ ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ ନକଲେ ଦେଶର ଇତିହାସ ଆଉ ଭୂଗୋଳ ବଦଳିଯିବାର ଆଶଙ୍କା ରହିଛି। ଏକ କାର୍ଯ୍ୟକ୍ରମରେ ସେନା ମୁଖ୍ୟଙ୍କୁ ପାକିସ୍ତାନର କାର୍ଯ୍ୟକଳାପ ନେଇ ପ୍ରଶ୍ନ କରାଯିବାରୁ ସେ ଏଭଳି କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି।



କାର୍ଯ୍ୟକ୍ରମରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି, ଯେକୌଣସି ସାମରିକ ଅଧିକାରୀଙ୍କ ପାଇଁ ସବୁଠାରୁ ବଡ଼ ଆନନ୍ଦର ସମୟ ହେଉଛି ଯେତେବେଳେ ତାଙ୍କ ସୈନିକମାନେ ତାଙ୍କୁ ସ୍ୱୀକାର କରନ୍ତି ଏବଂ ତାଙ୍କ ଉପରେ ସମ୍ପୂର୍ଣ୍ଣ ଭରସା କରନ୍ତି। ଯେତେବେଳେ ଜଣେ ସୈନିକ ଏକ ସଫଳ ଅପରେସନ ପରେ ଆଲିଙ୍ଗନ କରନ୍ତି, ସେତେବେଳେ କୌଣସି ପଦ କିମ୍ବା ପଦାନୁକ୍ରମ ନଥାଏ। ସେ ଅନ୍ୟକୁ ଜଣେ ସାଥୀ ବୋଲି ବିବେଚନା କରିଥାନ୍ତି। ତାହା ହେଉଛି ସବୁଠାରୁ ସ୍ୱତନ୍ତ୍ର ମୁହୂର୍ତ୍ତ। ଜଣେ ସୈନିକଙ୍କ ପାଖରେ ସର୍ବଦା ସମୟ କମ୍ ରହିଥାଏ। ଏହା କେବଳ ତାଙ୍କ ୟୁନିଟ୍ ପାଇଁ ନୁହେଁ ବରଂ ତାଙ୍କ ପରିବାର ପାଇଁ ମଧ୍ୟ। ଉଚ୍ଚ ଉଚ୍ଚତା ଅଞ୍ଚଳରେ ନିୟୋଜିତ ସୈନିକମାନେ ପ୍ରାୟତଃ ସେମାନଙ୍କର ପରିବାର ସଦସ୍ୟ ବନ୍ଧୁ ପରିଜନଙ୍କ ବିବାହରେ ଯୋଗଦେଇ ପାରନ୍ତି ନାହିଁ। ସେମାନେ ନିଜ ପିଲାଙ୍କ ଜନ୍ମର ସମୟରେ ମଧ୍ୟ ଉପସ୍ଥିତ ହୋଇ ପାରି ନଥାନ୍ତି। ଆମେ ଏହାକୁ ସୁଧାରିବା ପାଇଁ କାମ କରୁଛୁ, କିନ୍ତୁ କେତେକ ସମୟରେ ଏହା ଆମ ନିୟନ୍ତ୍ରଣ ବାହାରେ ରହୁଛି।

# ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ ନଗର ଉନ୍ନୟନ ବିଭାଗର ଖର୍ଚ୍ଚକାଟ ପରାମର୍ଶାବଳୀ

**ଭୁବନେଶ୍ୱର, ୧୬।୫**
**ନ୍ୟୁଜ୍ ବ୍ୟୁରୋ**

ବର୍ତ୍ତମାନର ବିଶ୍ୱ ଆର୍ଥିକ ଅନିଶ୍ଚିତତା ଏବଂ ପ୍ରଚଳିତ ଅନ୍ତର୍ଜାତୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଥିବା ଅପିଲ ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସରକାରୀ ଯାନବାହାନର ସଚେତନ ଏବଂ ସଂଯମୀ ବ୍ୟବହାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଆଦେଶ ଜାରି କରାଯାଇଛି।

ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଅନୁସରଣ କରି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ସମ୍ବଳ, ବିଶେଷକରି ଇନ୍ଧନ ଏବଂ ଶକ୍ତିର ସୁଚିନ୍ତିତ ଓ ପୋଷଣୀୟ ପରିଚାଳନା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

ଅନାବଶ୍ୟକ ଇନ୍ଧନ ଖର୍ଚ୍ଚ କାଟ୍ କରିବା ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକାରେ କୁହାଯାଇଛି ଯେ ସରକାରୀ ଗାଡ଼ିର ସହଭାଗୀ ବ୍ୟବହାର ବିଭାଗର ଯେଉଁ ଅଧିକାରୀମାନେ ସରକାରୀ କାର୍ଯ୍ୟ ପାଇଁ ଯାନବାହାନ ବ୍ୟବହାର କରୁଛନ୍ତି, ସେମାନଙ୍କୁ ବିଶେଷ କରି ବିଭିନ୍ନ ବୈଠକ, ସରକାରୀ ପରିଦର୍ଶନ, ଯାଞ୍ଚ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମୟରେ "ଭେହିକିଲ ପୁଲିଂ" ବା "ରାଇଡ୍ ସେୟାରିଂ" କରିବାକୁ ପରାମର୍ଶ ଓ ଉତ୍ସାହିତ କରାଯାଇଛି।



ଏହାଦ୍ୱାରା ଅନାବଶ୍ୟକ ଇନ୍ଧନ ବ୍ୟୟ ହ୍ରାସ ପାଇବା ସହ ଜାତୀୟ ଶକ୍ତି ସଂରକ୍ଷଣରେ ବଡ଼ ସହାୟତା ମିଳିବ। ଏହି ପୁଲିଂ ବ୍ୟବସ୍ଥାର ସମନ୍ୱୟ ଦାୟିତ୍ୱ ବୈଠକ କିମ୍ବା କାର୍ଯ୍ୟକ୍ରମରେ ଯୋଗଦେଉଥିବା ବରିଷ୍ଠ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିବ।

କାର୍ଯ୍ୟାଳୟ ସମୟ ମଧ୍ୟରେ ମଧ୍ୟାହ୍ନ ଭୋଜନ କିମ୍ବା କୌଣସି ଅଣ-ଅତ୍ୟାବଶ୍ୟକ ତଥା ପରିହାରଯୋଗ୍ୟ କ୍ଷୁଦ୍ର-ଦୂରତା ବ୍ୟକ୍ତିଗତ ସୁବିଧା ପାଇଁ ସରକାରୀ ଯାନବାହାନ ବ୍ୟବହାର ନ କରିବାକୁ ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ଅଳ୍ପ ଦୂରତା ସମୟରେ ଅଧିକାରୀମାନଙ୍କୁ ପଦଯାତ୍ରା ସହଭାଗୀ ପରିବହନ କିମ୍ବା ଅନ୍ୟାନ୍ୟ ପରିବେଶ ଅନୁକୂଳ ବିକଳ୍ପ ଆପଣାଇବାକୁ ଉତ୍ସାହିତ କରାଯାଉଛି।

ଏହି ଆଦେଶ କେବଳ ସଚିବାଳୟ ମଧ୍ୟରେ ସୀମିତ ନୁହେଁ। ବିଭାଗ ଅଧୀନରେ ଥିବା ସମସ୍ତ ସଂସ୍ଥା ଯେପରିକି ଇ.ଆଇ.ସି. (ପି.ଏଚ୍.), ନିର୍ଦ୍ଦେଶକ (ପୌର ପ୍ରଶାସନ), ଡି.ଟି.ପି., ଭାଲ୍ୟୁଏସନ ଅର୍ଗାନାଇଜେସନ, ସମସ୍ତ ପୌରସଂସ୍ଥା, ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ, ସୁଡା , *(ପୃଷ୍ଠା ୭ରେ)*

## ପ୍ରଶ୍ନପତ୍ର ଲିକ୍ ପଛରେ ଥିବା ଅଭିଯୁକ୍ତ ମାଷ୍ଟରମାଇଣ୍ଡ ଗିରଫ

**ନୂଆଦିଲ୍ଲୀ, ୧୬।୫**

କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ.) ଏନ୍‌ଇଇଟି.-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାରେ ଜୀବବିଜ୍ଞାନ ପ୍ରଶ୍ନପତ୍ର ଲିକ୍ ପଛରେ ଥିବା ଅଭିଯୁକ୍ତ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିଛି। ଏହି ଏଜେନ୍ସି ପୁଣେର ଉଦ୍ଭିଦ ବିଜ୍ଞାନ ଶିକ୍ଷକ ମନୀଷା ଗୁରୁନାଥ ମନ୍ଧାରେଙ୍କୁ ଏଠାରୁ ଗିରଫ କରିଥିଲା। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍.ଟି.ଏ.) ଦ୍ୱାରା ତାଙ୍କୁ ଏନଇଇଟି-ୟୁଜି ୨୦୨୬ ପରୀକ୍ଷା ପ୍ରକ୍ରିୟାରେ ଜଣେ ବିଶେଷଜ୍ଞ ଭାବେ ନିଯୁକ୍ତ କରାଯାଇଥିଲା। *(ପୃଷ୍ଠା ୭ରେ)*

# ଲମ୍ବା ଲାଇନରେ ଛିଡ଼ା ହୋଇ ତେଲ କିଣିବାର ଆବଶ୍ୟକତା ନାହିଁ

**ଭୁବନେଶ୍ୱର, ୧୬।୫**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପେଟ୍ରୋଲ ସଙ୍କଟ ଭିତରେ ଆଇଓସିଏଲ ଓ ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏସନ ସହ ବୈଠକ କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ଏହି ବୈଠକ ପରେ ବଡ଼ ସୂଚନା ଦେଇଛନ୍ତି ଆଇଓସିଏଲ ସିଜିଏମ କମଲ ସିଲ୍ । ସେ କହିଛନ୍ତି, ଓଡ଼ିଶାରେ ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ରହିଛି। ଭୟଭୀତ ହୋଇ ଅତ୍ୟଧିକ ପରିମାଣରେ ତେଲ କିଣିବାରୁ ଏଭଳି ସ୍ଥିତି ଉପୁଜିଛି। ଏଥିରେ ଧୀରେ ଧୀରେ



ଏବେ ସୁଧାର ଆସିଲାଣି। ସମସ୍ତ ଟାଙ୍କିକୁ କମ୍ପାନି ପକ୍ଷରୁ ଯୋଗାଣକୁ ସ୍ୱାଭାବିକ କରାଯାଇଛି। ତେଣୁ ଲମ୍ବା ଲାଇନରେ ଛିଡ଼ା ହୋଇ ତେଲ କିଣିବାର ଆବଶ୍ୟକତା ନାହିଁ। ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ତେଲ ମହଜୁଦ୍ ରହିଛି। ପାରାଦୀପ ରିଫାଇନାରୀରୁ କୌଣସି ତେଲ ସଙ୍କଟ ସୃଷ୍ଟି ହୋଇନି। କୌଣସି ଟାଙ୍କିରେ ପେଟ୍ରୋଲ ଅଭାବ ଦେଖିବାକୁ ମିଳିଲେ ତୁରନ୍ତ ଏହାକୁ ପୂରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ସେହିଭଳି ଉତ୍କଳ ପେଟ୍ରୋଲିୟମ ଡିଲର ସଂଘର ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି, ଅହେତୁକ ଭାବେ ତେଲ ବିକ୍ରି ହେବାରୁ ଏଭଳି ସ୍ଥିତି ସୃଷ୍ଟି ହେଲା। ଯୋଗାଣ ବ୍ୟବସ୍ଥା ବିଳମ୍ବିତ ହୋଇଥିବାରୁ କିଛି ତେଲ ଟାଙ୍କିରେ ପେଟ୍ରୋଲ ସଙ୍କଟ ଦେଖାଦେଇଥିଲା। *(ପୃଷ୍ଠା ୭ରେ)*




### ଏକାଳ ପଖାଳ



ମନେ ପଡିଲାଣି ହଳଲଙ୍ଗଳ
ଟ୍ରାକ୍ଟର ପାରୁନି ଗଡି
ସାଇକେଲ ସବୁ ପ୍ରସ୍ତୁତ କରନ୍ତି
ଜନତା ଗାଡିକୁ ଛାଡି
ଚାଲୁ ଯେତେ ଲଡାଲଡି
ପୁରୁଣା ଯୁଗଟା ଫେରିଆସନ୍ତାନି
ସୁଖ ବି ଆସନ୍ତା ଉଡି।

# ଭାରତକୁ ଛୁଇଁଲା ମୌସୁମୀ



**ନୂଆଦିଲ୍ଲୀ, ୧୬।୫**

ପ୍ରବଳ ଖରା ଓ ଗରମ ମଧ୍ୟରେ ଆଶ୍ୱସ୍ତି ଖବର ଆସିଛି। ଭାରତକୁ ବିଧିବଦ୍ଧ ଭାବେ ପ୍ରବେଶ କରିଛି ଚଳିତ ବର୍ଷର ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ଧାର୍ଯ୍ୟ ସମୟ ଆଗରୁ ମୌସୁମୀ ପ୍ରବେଶ ସମସ୍ତଙ୍କୁ ଉତ୍ସାହିତ କରିଛି।

ଶନିବାର ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରଥମ ପର୍ଯ୍ୟାୟରେ ଆଣ୍ଡାମାନ ଦ୍ୱୀପକୁ ସ୍ପର୍ଶ କରିଛି। ଆଣ୍ଡମାନାର କିଛି ଅଂଶ ସମେତ ନିକୋବର ଦ୍ୱୀପପୁଞ୍ଜରେ ମୌସୁମୀ ନିଜର ଉପସ୍ଥିତି ଜାହିରି କରିଛି। ଦକ୍ଷିଣପୂର୍ବ ଆରବ ସାଗର, ଦକ୍ଷିଣପୂର୍ବ ବଙ୍ଗୋପସଗାର ଓ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ମଧ୍ୟ ମୌସୁମୀ ସକ୍ରିୟ ରହିଛି। ଏହା ଧୀରେ ଧୀରେ ଆଗକୁ ବଢୁଥିବା ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମୌସୁମୀ ଆଗମନ ଯୋଗୁ ସେଠାରେ ମଧ୍ୟ ଶନିବାର ସକାଳ ଠାରୁ ବର୍ଷା ଲାଗି ରହିଛି। ଆଣ୍ଡାମାନରେ ମୌସୁମୀ ଧାର୍ଯ୍ୟ ସମୟରୁ ୫ରୁ ୬ ଦିନ ଆଗରୁ ପହଞ୍ଚିଛି। ତେଣୁ କେରଳମରେ ମଧ ଏହା ମେ' ୨୬ ବେଳକୁ ପହଞ୍ଚି ସାରିଥିବ ବୋଲି ଆକଳନ କରାଯାଇଛଇ।

ସାଧାରଣତଃ ମୌସୁମୀ ଜୁନ ୧ ବେଳକୁ କେରଳମ ଛୁଇଁ ଥାଏ। ଏହାର ୭ରୁ ୧୦ ଦିନ ପରେ ଏହା ଓଡ଼ିଶାରେ ପ୍ରବେଶ କରିଥାଏ। ଯଦି ମେ' ୨୬ ବେଳକୁ ମୌସୁମୀ କେରଳ ଛୁଇଁବ, *(ପୃଷ୍ଠା ୭ରେ)*

# କୋରାପୁଟ ଓ କଳାହାଣ୍ଡିରେ କାଳବୈଶାଖୀର ତାଣ୍ଡବ

**କୋରାପୁଟ, ୧୬।୫**
**ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ଲମତାପୁଟରେ କାଳବୈଶାଖୀର ପ୍ରଭାବ ଅନୁଭୂତ ହୋଇଛି। ପ୍ରବଳ ପବନ ଓ ବର୍ଷା ଯୋଗୁଁ ଗୁନେଇପଡା ନିକଟରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏକ ବିରାଟ ଗଛ ଉପୁଡ଼ି ମୁଖ୍ୟ ରାସ୍ତା ଉପରେ ପଡ଼ିଯାଇଥିଲା । ଫଳରେ ଲମତାପୁଟ-ମାଛକୁଣ୍ଡ ମୁଖ୍ୟ ସଡ଼କରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଗୁଡିକ ଅଟକି ରହିଥିବା ଦେଖିବାକୁ ମିଳିଛି ।

ସେହିପରି କଳାହାଣ୍ଡିରେ କାଳ



ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଭବାନୀପାଟଣା ସହରରେ *(ପୃଷ୍ଠା ୭ରେ)*



# ଅପରାଧୀ ନିର୍ଭୟ : ଅସଜଡ଼ା ପୁଲିସ ବ୍ୟବସ୍ଥା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅପରାଧୀ ଦମନ ପାଇଁ କମିସନରେଟ୍ ପୁଲିସ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଆପଣାଇବା ସହ ପିସିଆର ଭ୍ୟାନ୍ ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛି। ଅପରାଧୀଙ୍କ ଉପରେ ନଜର ରଖିବା ପାଇଁ ଅତ୍ୟାଧୁନିକ ଏଆଇ କ୍ୟାମେରା ଖଞ୍ଜାଯାଇଛି। ଗଳିକନ୍ଦି ବୁଲି ଖୋଜିବା ପାଇଁ ଜିପିଏସ୍ ଟ୍ରାକିଂ ବ୍ୟବସ୍ଥା ରହିଛି। କନ୍‌ଭଏ ପାଟ୍ରୋଲିଂ କରାଯାଉଛି। ପିସିଆରରୁ ଖବର ମିଳୁ କି ସାଧାରଣ ଲୋକଙ୍କ ଫୋନ୍ କଲ୍ ପାଇବା ମାତ୍ରେ ମୋଟାମୋଟି ଭାବେ ୮.୨୮ ମିନିଟ୍ ମଧ୍ୟରେ ପିସିଆର ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ନେଉଛି। ଥାନାରୁ ଜୋନ୍ ସବୁଠି ଦକ୍ଷ ଓ ଅଭିଜ୍ଞ ଅଧିକାରୀ ଅଛନ୍ତି। ଯଦି କମିସନରେଟ୍ ପୁଲିସ ବ୍ୟବସ୍ଥା ଏତେ ସୁଦୃଢ଼, ରାଜଧାନୀରେ ଅପରାଧୀ ଏତେ ନିର୍ଭୟ କାହିଁକି, ଅପରାଧ ଉପରେ କାହିଁକି ଅଂକୁଶ ଲାଗିପାରୁନି, ସବୁଥିରେ ଦକ୍ଷ ପୁଲିସ, ଅପରାଧୀଙ୍କ ସାମ୍ନାରେ ଆତ୍ମସମର୍ପଣ କରି ଅପାରଗତାକୁ ବାରମ୍ବାର ପ୍ରମାଣିତ କରୁଛି। ରାଜଧାନୀରେ ଅଣାୟତ୍ତ ଆଇନଶୃଂଖଳା ସ୍ଥିତି ଓ ଅପରାଧୀଙ୍କ ଭୟ ଛାଡ଼ିଯିବାକୁ ନେଇ ସାଧାରଣ ଲୋକଙ୍କ ମନରେ ଏଭଳି ମାଳମାଳ ପ୍ରଶ୍ନ। କାରଣ କମିସନରେଟ୍ ପୁଲିସର ଦେଖେଇବା ଓ ଚୋବାଇବା ଦାନ୍ତ ସମ୍ପୂର୍ଣ୍ଣ ଓଲଟା। ନା ଉପଯୋଗ ହେଉଛି ସୁଦୃଢ଼ ଭିତ୍ତିଭୂମି ନା ଦକ୍ଷ ଓ ଅଭିଜ୍ଞ ଅଧିକାରୀ ଅପରାଧ ଦମନରେ ସଫଳ ହେଉଛନ୍ତି। ଏହାର ସଦ୍ୟ ଉଦାହରଣ ହେଉଛି ବାଲିଅନ୍ତାରେ କନେଷ୍ଟବଳ ହତ୍ୟା ମାମଲା। ପୁଲିସର ଅବହେଳା ପାଇଁ ସର୍ବସାଧାରଣରେ ଏଭଳି ଏକ ଅଘଟଣ ଘଟିଥିଲା। କେବଳ ବାଲିଅନ୍ତା ଘଟଣା ନୁହେଁ; ରାଜଧାନୀରେ ଅନେକ ଅପରାଧ ଘଟଣାରେ ପୁଲିସ ନିଷ୍କ୍ରିୟତା ଦେଖାଉଥିବା ଅଭିଯୋଗ ହୋଇଛି। ପୀଡ଼ିତଙ୍କ ଅଭିଯୋଗ ପୁଲିସ ଫେରାଇଦେଉଛି। କିଛି ସ୍ଥାନରେ ବାବୁମାନଙ୍କ ବ୍ୟବହାର ଏତେ ଖରାପ ଯେ ଅଭିଯୋଗକାରୀ ଥାନାକୁ ଆସିବାକୁ ଭୟ କରୁଛନ୍ତି। ବାସ୍ତବ ସ୍ଥିତିର ତର୍ଜମାରୁ ଜଣାଯାଏ, ରାଜଧାନୀର ସୁରକ୍ଷା କବଚ କୁହାଯାଉଥିବା ପିସିଆର ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଠିକ୍ ସମୟରେ ପିସିଆର ଘଟଣାସ୍ଥଳରେ ପହଞ୍ଚିପାରୁ ନାହିଁ। ପିସିଆରରେ ଆବଶ୍ୟକ ଅଧିକାରୀ କି କର୍ମଚାରୀ ନାହାନ୍ତି। ରାଜଧାନୀର ୨୯ ଥାନା ଥିବା ବେଳେ ମାତ୍ର ୪୪ ପିସିଆର ଭ୍ୟାନ୍ ପାଟ୍ରୋଲିଂ କରୁଛନ୍ତି। ୪୪ଟି ପିସିଆର ଭ୍ୟାନ୍‌ରେ ଇନ୍‌ଚାର୍ଜ ପାଇଁ ୩ଟି ସିଫ୍ଟରେ ଅତିକମ୍‌ରେ ଏସ୍‌ଆଇଏ, ଏସ୍‌ଆଇ ଏବଂ କନେଷ୍ଟବଳ ପାହ୍ୟାର ୧୩୨ଜଣ ଅଧିକାରୀ ଆବଶ୍ୟକ। ହେଲେ ବର୍ତ୍ତମାନ ମାତ୍ର ୧୨୨ କର୍ମଚାରୀ ଅଛନ୍ତି। ସେହିପରି ୩ଟି ସିଫ୍ଟରେ ୧୩୨ ସଶସ୍ତ୍ର ପୁଲିସ କର୍ମଚାରୀଙ୍କ ସ୍ଥାନରେ ମାତ୍ର ୩୪ ଏପିଆର କର୍ମଚାରୀ ଅଛନ୍ତି। ୪୦ ଏକ୍ସଆର୍ମି ଅଧିକାରୀ ଆବଶ୍ୟକ ଥିବାବେଳେ ୩୦ଜଣ ଅଛନ୍ତି। ସେମାନଙ୍କ ଭିତରୁ ଯଦି କେହି ଛୁଟିରେ ଯାଆନ୍ତି କିମ୍ବା ଅସୁସ୍ଥ ହୁଅନ୍ତି, ଏଭଳି ସ୍ଥିତିରେ ମାନବସମ୍ବଳ ସମସ୍ୟା ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ପ୍ରଭାବିତ କରେ। ଅପରାଧୀ ଜାଣିସାରିଛନ୍ତି ଖବର ପାଇଲେ ପିସିଆର ତୁରନ୍ତ ପହଞ୍ଚିପାରିବ ନାହିଁ। ବର୍ତ୍ତମାନର କମିସନରେଟ୍ ପୁଲିସ ଅଧୀନ ଥାନାଗୁଡ଼ିକର ଚିତ୍ର ଅତ୍ୟନ୍ତ ନୈରାଶ୍ୟଜନକ। ତଳିଆ କର୍ମଚାରୀଙ୍କ ଠାରୁ ଉପରିସ୍ଥ ଅଧିକାରୀ, କର୍ମଚାରୀ କାହାରି କାହା ସହ ପଡୁନାହିଁ। ଗୋଷ୍ଠୀ ଓ ଫାଟ ଯୋଗୁଁ ପୁଲିସ ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିଛି। ଆଉ ଏକଥା ଉପରିସ୍ଥ ଅଧିକାରୀଙ୍କୁ ଅଛପା ତାହା ନୁହେଁ। ଉପରିସ୍ଥ ଅଧିକାରୀଙ୍କ ଭିତରେ ଗୋଷ୍ଠୀକନ୍ଦଳ ତଳିଆ ଅଧିକାରୀଙ୍କୁ ସୁହାଉଛି। ଯାହାର ବେଶ୍ ଫାଇଦା ନେଉଛନ୍ତି ଅପରାଧୀ।

# ପରିବର୍ତ୍ତନ ହେବ ଡିପ୍ଲୋମା ପାଠ୍ୟକ୍ରମ : ବାଦ୍ ପଡ଼ିବ ଏକାଧିକ କୋର୍ସ

**କଟକ, ନ୍ୟୁଜ ବ୍ୟୁରୋ**

ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷରେ ସରକାରୀ ଓ ବେସରକାରୀ ଡିପ୍ଲୋମା ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଜାରି ରହିଛି। ଏହି ପ୍ରକ୍ରିୟା ଗତ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୧୫ ତାରିଖରେ ସରିବାକୁ ଯାଉଛି। ଅନଲାଇନ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଇଂଜିନିୟରିଂ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ଆବେଦନ କରୁଥିବା ବେଳେ ଚଳିତବର୍ଷ ଏଥିରେ ଅନେକ ପାଠ୍ୟକ୍ରମ ପରିବର୍ତ୍ତନ ହେବ ବୋଲି ଜଣାପଡ଼ିଛି ।



ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟରୁ ମିଳିଥିବା ସୂଚନା ଅନୁସାରେ ଛାତ୍ରଛାତ୍ରୀଙ୍କ ପାଇଁ ନିଯୁକ୍ତିଭିତ୍ତିକ ପାଠ୍ୟକ୍ରମକୁ ଗୁରୁତ୍ୱ ଦେଇ ଚଳିତବର୍ଷ ପାଠ୍ୟ ଖସଡ଼ା ପ୍ରସ୍ତୁତ ହେଉଛି । କିଛି କୋର୍ସକୁ ଏଥିରୁ ବାଦ୍ ଦିଆଯିବ ବୋଲି ଜଣାପଡ଼ିଛି । ଭୁବନାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରିଂ(ବୋସ୍) ଭଳି ସରକାରୀ ଶିକ୍ଷାନୁଷ୍ଠାନରେ ସିଭିଲ୍, ଇଲେକ୍ଟ୍ରିକାଲ୍, ମେକାନିକାଲ୍, ଇଲେକଟ୍ରୋନିକ୍ସ, ଆପ୍ଲାଏଡ୍ ଇଲେକଟ୍ରୋନିକ୍ସ, କମ୍ପ୍ୟୁଟର ସାଇନ୍ସ, ଅଟୋମୋବାଇଲ୍, ମେକାଟ୍ରୋନିକ୍ସ, ଡିଜିଟାଲ୍ ମାନୁଫ୍ୟାଚୁରିଂ ଟେକ୍ନୋଲୋଜି, ଅଟୋମେସନ୍ ଏବଂ ରୋବୋଟିକ୍ସ ଭଳି ୧୧ଟି ଟ୍ରେଡ୍ ରହିଛି । ଏହାମଧ୍ୟରୁ ବୋସ୍ ଶିକ୍ଷାନୁଷ୍ଠାନରେ ଏବେ ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ବିଭାଗ ବନ୍ଦ ରହିଛି । ତେବେ ପୂର୍ବରୁ ଅଣ ଇଞ୍ଜିନିୟରିଂ ଟ୍ରେଡରେ ଥିବା ବିୟୁଟି କଲଚର, ଫାର୍ମାସୀ, ଟୁରିଜିମ୍, ଅଫିସ୍ ମ୍ୟାନେଜ୍ମେଣ୍ଟ ଭଳି କୋର୍ସର ଅଲଗା ନାମଲେଖା ହେଉଥିଲା । କିନ୍ତୁ ଏହି ବିଷୟଗୁଡ଼ିକର ନିଜସ୍ୱ ସ୍ୱତନ୍ତ୍ର ପାଠ୍ୟକ୍ରମ ରହିଛି ।

ଏହାଛଡ଼ା ଇଞ୍ଜିନିୟରିଂ ପାଠ୍ୟକ୍ରମ ମଧ୍ୟରେ ଏହି ବିଷୟ ଆସୁ ନ ଥିବାରୁ ଚଳିତବର୍ଷ ଏହି କୋର୍ସକୁ ବାଦ୍ ଦେବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି । ତେଣୁ ଏହି କୋର୍ସରେ ଆବେଦନ ପାଇଁ ପୋର୍ଟାଲ ବନ୍ଦ ରଖାଯାଇ ଥିବା କୁହାଯାଉଛି । କିନ୍ତୁ ପୋର୍ଟାଲ ବନ୍ଦ ସମ୍ପର୍କରେ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ନଥିବାରୁ ଛାତ୍ରଛାତ୍ରୀମାନେ ଅନ୍ଲାଇନରେ ଆବେଦନ ପାଇଁ ଉଦ୍ୟମ କରି ନିରାଶ ହୋଇଛନ୍ତି । ଏନେଇ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାର ଜଣେ ବରିଷ୍ଠ ଅଧ୍ୟାପିକା କହିଛନ୍ତି, ଏହି ସବୁ କୋର୍ସ ଏକ ବୃତ୍ତିଗତ କୁଶଳୀ ଆଧାରିତ ପାଠ୍ୟକ୍ରମ । ଏହା ଦ୍ୱାରା ରୋଜଗାର କରିବାର ସୁଯୋଗ ରହିଛି । ତେଣୁ ଏହାକୁ ସରକାରୀ ଶିକ୍ଷାନୁଷ୍ଠାନରୁ ବନ୍ଦ କରିବା ନିଷ୍ପତ୍ତି ଉଚିତ୍ ନୁହେଁ । କାରଣ ବେସରକାରୀ ଶିକ୍ଷାନୁଷ୍ଠାନରେ ଗରିବ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏଥିରେ ଅଧିକ ଅର୍ଥ ଦେଇ ପଢ଼ିବା ସମ୍ଭବ ନୁହେଁ ।

ଅନ୍ୟପଟେ ଏ ସମ୍ପର୍କରେ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋର କହିଛନ୍ତି, ଇଞ୍ଜିନିୟରିଂ ପାଠ୍ୟକ୍ରମର ସଫଳତା ନେଇ ଏକ ଆପେକ୍ସ କମିଟି ଦ୍ୱାରା ସମସ୍ତ ପାଠ୍ୟକ୍ରମର ଗତ ୫ ବର୍ଷର ସମସ୍ତ ତଥ୍ୟକୁ ଅନୁଧ୍ୟାନ କରାଯାଇଛି । ଏଥିରେ ନାମଲେଖା ସହ ଡ୍ରପ୍‌ଆଉଟ୍, ପାସ୍ ପ୍ରତିଶତ ଏବଂ ଭିତ୍ତିଭୂମିକୁ ଯାଞ୍ଚ କରାଯାଇ ଯେଉଁ କୋର୍ସରେ ଅଧିକ ଡ୍ରପ୍‌ଆଉଟ୍, କମ୍ ପାସ୍ ପ୍ରତିଶତ ଏବଂ କମ୍ ନିଯୁକ୍ତି ଅଛି ସେହି କୋର୍ସକୁ ବନ୍ଦ କରାଯିବ। ଅନ୍ୟଯେଉଁ କୋର୍ସର ଚାହିଦା ଏବଂ ନିଯୁକ୍ତି ସୁଯୋଗ ରହିଛି ସେହି କୋର୍ସର ଭିତ୍ତିଭୂମି ବଢ଼ାଯିବା ସହ ସିଟ୍ ସଂଖ୍ୟା ବୃଦ୍ଧି କରାଯିବ । ଏହି ୪ଟି କୋର୍ସରେ ନିଯୁକ୍ତି ସୁଯୋଗ ନ ଥିବାରୁ ଏହାକୁ ବନ୍ଦ କରାଯିବ ବୋଲି କହିଛନ୍ତି । ଡିପ୍ଲୋମା ଇଞ୍ଜିନିୟରିଂରେ ଆଉ କିଛି ନୂଆ କୋର୍ସ ଅନ୍ତର୍ଭୁକ୍ତ କରାଯିବା ପାଇଁ ଏଆଇସିଟିଇର ଅନୁମୋଦନ ପାଇଁ ଆବେଦନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

### ଅଦାଲତ ଅବମାନନା ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ଦରମା ଉଠାଇ ପାରିବେ ନାହିଁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବ

**କଟକ, ନ୍ୟୁଜ ବ୍ୟୁରୋ**

ହାଇକୋର୍ଟଙ୍କ ନିର୍ଦ୍ଦେଶ ସଂପୂର୍ଣ୍ଣ କାର୍ଯ୍ୟକାରୀ ନ କରିବା ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମହଙ୍ଗା ପଡ଼ିଛି। କର୍ମଚାରୀଙ୍କୁ ଅର୍ଥ ପ୍ରଦାନ ସଂପର୍କିତ ପୂର୍ବ ନିର୍ଦ୍ଦେଶ ପାଳନ ନ ହେବା ପର୍ଯ୍ୟନ୍ତ ଅଦାଲତ ଅବମାନନା ମାମଲାର ପ୍ରତିପକ୍ଷ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବ ସେମାନଙ୍କ ଦରମା ଉଠାଇ ପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଯଦି ଆବେଦନକାରୀ କର୍ମଚାରୀଙ୍କୁ ଏ ବାବଦ ଅର୍ଥ ପ୍ରଦାନ କରାଯାଏ, ତେବେ ପ୍ରତିପକ୍ଷ ଆଇନ ଅନୁସାରେ ସେମାନଙ୍କ ଦରମା ଉଠାଇ ପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଅନନ୍ତ କୁମାର ନାୟକଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୧୯୮୭ରେ ଚାକିରିରେ ଯୋଗଦେବା ଦିନଠାରୁ ଆବେଦନକାରୀଙ୍କୁ ନିୟମିତ କରିବା ପାଇଁ ହାଇକୋର୍ଟ ରାୟ ଦେଇଥିଲେ। ଏଥି ସହିତ ଆବେଦନକାରୀଙ୍କୁ ନିର୍ଦ୍ଦିଷ୍ଟ ତାରିଖରୁ ଆର୍ଥିକ ସୁବିଧା ପ୍ରଦାନ ପାଇଁ ହାଇକୋର୍ଟ କହିଥିଲେ। ୨୦୨୫ ସେପ୍ଟେମ୍ବର ୧୦ର ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନଥିବା ଅଭିଯୋଗ କରି ଆବେଦନକାରୀ ୨୦୨୬ରେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ମାମଲାର ଶୁଣାଣି ସମୟରେ ପୂର୍ବ ନିର୍ଦ୍ଦେଶ ଆଂଶିକ କାର୍ଯ୍ୟକାରୀ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏଭଳି ସ୍ଥିତିକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ୨୦୨୫ ସେପ୍ଟେମ୍ବର ୧୦ର ନିର୍ଦ୍ଦେଶ ସରଳ ଇଂରାଜୀରେ ଥିବା ବେଳେ ଜଣେ ମାଟ୍ରିକ୍ ପାସ୍ କରି ନଥିବା ବ୍ୟକ୍ତି ଏହାକୁ ବୁଝି ପାରିବ। ନିର୍ଦ୍ଦେଶର ଅର୍ଥ କଣ ତାକୁ ନେଇ କିଛି ବିବାଦ ନାହିଁ। ତଥାପି ସେହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନାହିଁ। ଆଂଶିକ ନିର୍ଦ୍ଦେଶ ପାଳନ କରାଯାଇଛି ବୋଲି ରିପୋର୍ଟ କରାଯାଇଛି। ଆଂଶିକ ଅନୁପାଳନ, ନିର୍ଦ୍ଦେଶ ଅନୁପାଳନ ହୋଇ ନଥିବା ସହିତ ସମାନ ବୋଲି ହାଇକୋର୍ଟ କହିଥିଲେ। ଏଭଳି ସ୍ଥିତିରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦର୍ଶାଯାଇଥିଲା ଯେ, ଅର୍ଥ ପ୍ରଦାନ ସଂପର୍କିତ ନିର୍ଦ୍ଦେଶ ତିନି ସପ୍ତାହ ଭିତରେ ପାଳନ କରାଯିବ। ଏଭଳି ସ୍ଥିତିରେ ହାଇକୋର୍ଟ ଅଦାଲତ ଅବମାନନା ମାମଲାର ଶୁଣାଣିରେ ଅନ୍ତ ଘଟାଇଛନ୍ତି। ଯଦି ଦେଇଥିବା ପ୍ରତିଶ୍ରୁତି ପାଳନ କରିବା କ୍ଷେତ୍ରରେ ବିଫଳ ହୁଅନ୍ତି ତେବେ ପ୍ରତିପକ୍ଷ ଅଦାଲତ ଅବମାନନା ମାମଲାର ସମ୍ମୁଖୀନ ହେବେ। ଦେଇଥିବା ଭରସା ଅନୁସାରେ ଅର୍ଥ ପ୍ରଦାନ ପର୍ଯ୍ୟନ୍ତ କୁଳପତି ଓ କୁଳସଚିବ ଦରମା ଉଠାଇ ପାରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଯଦି ଆବେଦନକାରୀଙ୍କୁ ଅର୍ଥ ପ୍ରଦାନ କରାଯାଏ ତେବେ ପ୍ରତିପକ୍ଷ ନିୟମିତ ଦରମା ଉଠାଇବାରେ କିଛି ଅସୁବିଧା ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସଞ୍ଜୀବ ମହାନ୍ତି ମାମଲା ପରିଚାଳନା କରୁଥିଲେ।



# ବିଏମ୍‌ସିର ସ୍ୱଚ୍ଛ ସର୍ବେକ୍ଷଣ ସମୀକ୍ଷା ବୈଠକ : ସିଟିଜେନ ଫିଡ୍ ବ୍ୟାକ୍ ସଂଗ୍ରହ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୬କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ସହକାରୀ କମିଶନର ଲୋକନାଥ ବେଜ୍ ମଞ୍ଚାସୀନ ଥିଲେ । ଏହି ବୈଠକରେ ସମସ୍ତ ସ୍ୱଚ୍ଛ ସାଥୀ, ପରିମଳ ନିରୀକ୍ଷକ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଜେଇସି, ଆଇଇସି ପ୍ରମୁଖ ଉପସ୍ଥିତ ଥିଲେ । ସଂପ୍ରତି ନାଗରିକମାନଙ୍କର ମତାମତ ସଂଗ୍ରହ ଜାରି ରହିଛି । ଅଧିକରୁ ଅଧିକ ସଂଖ୍ୟକ ନାଗରିକଙ୍କୁ ଏଥିରେ ସାମିଲ କରି ସେମାନଙ୍କର ସକରାତ୍ମକ ମତାମତ ସଂଗ୍ରହ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।



ଲୋକମାନେ ଆଗ୍ରହର ସହ ସେମାନଙ୍କର ମତାମତ ଦେଉଛନ୍ତି । ତେବେ କେତେକ କ୍ଷେତ୍ରରେ ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଉଥିବା ଓଟିପି ଦେବାକୁ ଲୋକେ ଅରାଜି ହେଉଥିବା ନେଇ ସ୍ୱଚ୍ଛସାଥୀମାନେ କହିଥିଲେ । ସ୍ୱଚ୍ଛ ସର୍ବେକ୍ଷଣ ଫିଡ୍ ବ୍ୟାକ୍ ପାଇଁ ଆସୁଥିବା ଓଟିପି କୌଣସି ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର ହୋଇପାରିବ ନାହିଁ ବୋଲି ଲୋକମାନଙ୍କୁ ସଚେତନ କରାଇବାକୁ କୁହାଯାଇଛି । ଏହା କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଏକ କୋର୍ଡ । ଏହି କୋର୍ଡ ଜରିଆରେ କେଉଁଲୋକ କେଉଁ ମୋବାଇଲରୁ ମତାମତ ଦେଇଛନ୍ତି, କେବଳ ତାହା ଜାଣିବା ପାଇଁ ଉଦ୍ଦିଷ୍ଟ । ଏଥିରେ କାହାରି ଡାଟା କିମ୍ବା କୌଣସି ତଥ୍ୟ ପ୍ରକାଶ ପାଇବ ନାହିଁ କିମ୍ବା ହ୍ୟାକ୍ ହେବାର ସମ୍ଭାବନା ନାହିଁ ବୋଲି ବିଏମ୍ ସି ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି । କେବଳ ସେତିକି ନୁହେଁ, ମତାମତ ଦେଉଥିବା ବ୍ୟକ୍ତିଙ୍କର ସମସ୍ତ ତଥ୍ୟ ଗୋପନୀୟ ରହିବ । ଏଥିପାଇଁ ଜନ ସାଧାରଣ ଭୟ କରିବାର କିଛି ନାହିଁ ବୋଲି ବିଏମ୍ ସି ପକ୍ଷରୁ କୁହାଯାଇଛି ।

ଜନ ସାଧାରଣଙ୍କ ସହଯୋଗରେ ସ୍ୱଚ୍ଛତାର ପାହାଚରେ ଦିନକୁ ଦିନ ଆଗେଇ ଚାଲିଛି ସ୍ମାର୍ଟ ସିଟି ଭୁବନେଶ୍ୱର । ଚଳିତ ବର୍ଷ, ସ୍ୱଚ୍ଛ ସର୍ବେକ୍ଷଣରେ, ଦେଶର ମୋଟ ୪୭୮୯ ଗୋଟି ସହର ମଧ୍ୟରେ ଭୁବନେଶ୍ୱର ମଧ୍ୟ ଭାଗ ନେଇଛି । ତେଣୁ, ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ ଏକ ନମ୍ବର ସ୍ୱଚ୍ଛ ସହର କରିବା ପାଇଁ ଭୁବନେଶ୍ୱରବାସିଙ୍କ ମତାମତ ଗୁରୁତ୍ୱପୂର୍ଣ୍ଣ । ସ୍ମାର୍ଟ ସିଟି ଭୁବନେଶ୍ୱର ଜଣେ ସଚେତନ ଓ ଦାୟିତ୍ୱବାନ ନାଗରିକ ଭାବେ ଆପଣ ନିଜ ନିଜର ମୋବାଇଲରେ ଗୁଗଲକୁ ଯାଇ ସିଟିଜେନ୍ ଫିଡ୍ ବ୍ୟାକ୍-୨୦୨୬ ରେ କ୍ଲିକ୍ କରନ୍ତୁ କିମ୍ବା ବିଏମ୍ ସି ସଫେଇ ଗାଡିରେ ଲାଗିଥିବା କ୍ୟୁଆର କୋର୍ଡ ସ୍କାନ କରି ଆମ ସହର ଭୁବନେଶ୍ୱରକୁ ଏକ ନମ୍ବର କରିବା ପାଇଁ ଏଥିରେ ଥିବା ୧୩ ଗୋଟି ପ୍ରଶ୍ନର ସକରାତ୍ମକ ଉତ୍ତର ଦେବାକୁ କୁହାଯାଇଛି । ସିଟିଜେନ୍ ଫିଡ୍ ବ୍ୟାକ୍-୨୦୨୬ କ୍ଲିକ୍ କରି ଉତ୍ତର ଦେବା ସହ ଭୁବନେଶ୍ୱରକୁ ଏକନମ୍ବର କରିବାରେ ସହାୟକ ହେବା ପାଇଁ ବିଏମ୍ ସି ଅଂଚଳରେ ବସବାସ କରୁଥିବା ସବୁ ବର୍ଗର ଲୋକଙ୍କୁ ଅନୁରୋଧ କରାଯାଇଛି ।

# ହାଇୱା ଧକାରେ ୨ ମୃତ, ୫ ଗୁରୁତର

**ମେଣ୍ଢାଶାଳ, ନ୍ୟୁଜ ବ୍ୟୁରୋ**

ଭୋଜିଭାତ ସାରି ବିଳମ୍ବିତ ରାତିରେ ସାଙ୍ଗମାନେ କାର ନେଇ ବୁଲିବାକୁ ବାହାରିଥିଲେ। ତେବେ କିଏ ଜାଣିଥିଲା ଯେ ରାସ୍ତା ଉପରେ ମୃତ୍ୟୁ ଅପେକ୍ଷା କରିଛି। ରାସ୍ତାକୁ କାର ଉଠାଉ ଉଠାଉ ଏକ ଗୋଡ଼ି ବୋଝେଇ ହାଇୱା ଧକ୍କାରେ ସବୁ ଚୂରମାର ହୋଇଗଲା। ଗତକାଲି ବିଳମ୍ବିତ ରାତିରେ ଚନ୍ଦକା ଥାନା ଅନ୍ତର୍ଗତ ଭୋଳାଗ୍ରାମ-କୁଜିମହଲ ରାସ୍ତା ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ଜଣ ଗୁରୁତର ହୋଇଛନ୍ତି। ଚନ୍ଦକାରୁ ପିତାପଲ୍ଲୀ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଗୋଟିଏ ଗୋଡ଼ି ବୋଝେଇ ହାଇୱା, କାରକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଚନ୍ଦକା ଅଞ୍ଚଳରେ ଥିବା ଏକ ଘରୋଇ କଲେଜ୍‌ରେ ପଢୁଥିବା ଭଦ୍ରକ ତିହିଡ଼ି ଅଞ୍ଚଳର ସମ୍ବିତ ବେହେରା(୨୦) ଓ ଓମ୍ ପ୍ରକାଶ ସାହୁ(୨୧)ଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଗଞ୍ଜାମ କୁକୁଡ଼ାଖଣ୍ଡି ଗ୍ରାମର ଶିବରାମ ଭୂୟାଁ, ଜଟଣୀ ଅଞ୍ଚଳର ଜଗଦୀଶ ପରିଡ଼ା, ଜିତ ଜୁଏଲ ପାତ୍ର, କୋରାପୁଟର ଆଶୁତୋଷ ରାଉତ ଓ ଢେଙ୍କାନାଳର ଜିନୁ ବେହେରା ଗୁରୁତର ଆହତ ହୋଇଛନ୍ତି। ଚନ୍ଦକା ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ହାଇୱା ଧକ୍କାରେ କାରଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିବାରୁ ଗ୍ୟାସ୍‌କଟର ମେସିନ୍ ସାହାଯ୍ୟରେ ସମସ୍ତ ମୃତାହତଙ୍କୁ ଉଦ୍ଧାର କରାଯାଇଥିଲା।

# ରାଜଧାନୀରେ ନଦୀ ଓ କେନାଲ ଜଳ ବିଷାକ୍ତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲିଅନ୍ତା ବ୍ଲକ୍ ଦେଇ ପ୍ରବାହିତ କୁଆଖାଇ ଓ ପୁରୀ କେନାଲ ନଦୀ ଜଳରେ ଚିଙ୍ଗୁଡ଼ି ଓ ଅନ୍ୟାନ୍ୟ ପ୍ରଜାତିର ଛୋଟ ଓ ବଡ଼ ମାଛ ଧରିବା ପାଇଁ କିଛି ଦୁର୍ବୃତ୍ତ ନଦୀ ଓ କେନାଲ ଜଳରେ ମାରାତ୍ମକ କୀଟନାଶକ ପକାଇ ଦେଉଥିବା ଜଣାପଡ଼ିଛି। ଫଳରେ ଗଭୀର ଓ ଅଗଭୀର ଜଳ ଭିତରେ ଥିବା ଚିଙ୍ଗୁଡ଼ି, ଛଟା, ମୀନ, ଜରାଡ଼ି, କେରାଣ୍ଡି, ପୋହଳା, କଳାବଇଁଶି, ରୋହି, ଭାକୁଡ଼, ମିରିକାଳି, ଶାଳ ଭଳି ବିଭିନ୍ନ ପ୍ରଜାତିର ମାଛ ଆଘାତ ପାଇ ଉପରେ ଭାସୁଛନ୍ତି। ବିଶେଷ କରି ଚିଙ୍ଗୁଡ଼ି, ଛଟା, ମୀନ ଓ ଜରାଡ଼ି ବଉଳି କୂଳରେ ଲାଗୁଛନ୍ତି। ମାଛଧରାଳିମାନେ ଅତି ସହଜରେ କୂଳରେ ଲାଗିଥିବା ମାଛ ସଂଗ୍ରହ କରି ବଜାର ହାଟରେ ବିକ୍ରି କରୁଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଘୋର ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଏନେଇ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷ ଏବଂ ବ୍ଲକ୍ ମତ୍ସ୍ୟ ବିଭାଗ କର୍ତ୍ତୃପକ୍ଷ ଏବଂ ତହସିଲ ପ୍ରଶାସନକୁ ଜଣାଇଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ଦୀନବନ୍ଧୁ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ବିଶେଷ କରି ହୀରାପୁର ଭଣ୍ଡାରିଆ ଶଙ୍ଖ, ଅଲାରପୁର, ବାଳକାଟି ସାଇଫନ ନିକଟସ୍ଥ ସ୍ଥାନ ଓ କୁଆଖାଇ ନଦୀର ବିଭିନ୍ନ ସ୍ଥାନରେ ବାଲି ଖନନ ପରେ ପାଣି ଜମିଥିବା ବଡ଼ ବଡ଼ ଗର୍ତ୍ତରେ ଏଭଳି କୀଟନାଶକ ପ୍ରୟୋଗ କରି ମାଛ ମାରୁଛନ୍ତି। ଫଳରେ କୁଆଖାଇ ଓ ପୁରୀ କେନାଲ ଜଳ ଏକ ପ୍ରକାର ବିଷାକ୍ତ ହୋଇଯାଉଛି। ତଳମୁଣ୍ଡର ଯେଉଁ ସ୍ଥାନ ପର୍ଯ୍ୟନ୍ତ ପାଣିରେ ମିଶିଥିବା କୀଟନାଶକ ଯେପର୍ଯ୍ୟନ୍ତ ବହି ବହି ଯାଉଛି ସେପର୍ଯ୍ୟନ୍ତ ନାନାଦି ଜଳଚର ଛୋଟମୋଟ ପ୍ରାଣୀ କ୍ଷତିଗ୍ରସ୍ତ ହେଉଛନ୍ତି। ମାଛ ମାରିବା ପାଇଁ ଏଭଳି ପନ୍ଥା ଅବଲମ୍ବନ କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦୀନବନ୍ଧୁ ଦାବି କରିଛନ୍ତି। ଅପରପକ୍ଷରେ, ବିଷାକ୍ତ ନଦୀ ଓ କେନାଲ ଜଳ ବ୍ୟବହାର କରୁଥିବା ଜୀବଜନ୍ତୁ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହିଛି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଲୋକସଂଖ୍ୟା ଅନୁପାତରେ ବଢୁନି ମଣ୍ଡପ: ସହରକୁ ନିଅଣ୍ଟ ସରକାରୀ କଲ୍ୟାଣମଣ୍ଡପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀର କଳେବର ଦିନକୁ ଦିନ ବଢ଼ିବାରେ ଲାଗିଛି। ଶିକ୍ଷା, କ୍ରୀଡ଼ା ତଥା ନିଯୁକ୍ତି ପାଇଁ ବିଭିନ୍ନ ଜିଲ୍ଲା ସମେତ ରାଜ୍ୟ ବାହାରୁ ମଧ୍ୟ ବହୁ ଲୋକ ଏଠାରେ ଆସି ବସବାସ କରୁଛନ୍ତି। ଫଳସ୍ୱରୂପ, ପୂର୍ବରୁ ଗାଁ ଗହଳିର ବେଦି ବାହାଘର, ବ୍ରତଘର ତଥା ଅନ୍ୟ ଉତ୍ସବ ବର୍ତ୍ତମାନ ସହରର ତାରକା ହୋଟେଲ, ରିସର୍ଟ ଓ କଲ୍ୟାଣ ମଣ୍ଡପରେ ପହଞ୍ଚିଲାଣି। ଲୋକଙ୍କ ଚାହିଦା ବଢୁଥିବାରୁ ସହରର ବେସରକାରୀ ମଣ୍ଡପର ସଂଖ୍ୟା ଓ ଦର ହୁହୁ ହୋଇ ବଢ଼ିବାରେ ଲାଗିଛି। ହେଲେ ସହରବାସୀଙ୍କୁ କମ୍ ମୂଲ୍ୟରେ ବିବାହ ତଥା ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାପାଇଁ ତିଆରି ହୋଇଥିବା ବିଏମ୍‌ସି ଓ ବିଡିଏ ଦ୍ୱାରା ପରିଚାଳିତ କଲ୍ୟାଣମଣ୍ଡପ ସଂଖ୍ୟା ସହରର ବ୍ୟାପ୍ତୀ ଓ ଲୋକସଂଖ୍ୟା ଅନୁପାତରେ ବଢୁନାହିଁ। ପୁଣି ଯେଉଁଠି ଅଛି ସେଠାରେ କେଉଁଠି ବେଦି ଭାଙ୍ଗିଗଲାଣି ତ କେଉଁଠି ପାର୍କିଂ ସୁବିଧା ନାହିଁ ତ ଆଉ କେଉଁଠି ଭଡ଼ାରେ ଲାଇଟ୍ ଆଣିବାକୁ ପଡୁଛି। ୨୦୧୨ ଫେବୃୟାରୀ ମାସରେ ତତ୍‌କାଳୀନ ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା ସହରରେ ୧୦ଟି କଲ୍ୟାଣ ମଣ୍ଡପ ହେବ ବୋଲି ଘୋଷଣା କରିଥିଲେ। ଏପରିକି ସେହି ବର୍ଷ ମାର୍ଚ୍ଚ ମାସରେ ତତ୍‌କାଳୀନ ଇଞ୍ଜିନିୟର ଟିବିକେ ସର୍ଫ ସହରରେ ୧୯ଟି କଲ୍ୟାଣ ମଣ୍ଡପ ହେବ ବୋଲି କହିଥିଲେ। ବିଶେଷ କରି ଲୋକଙ୍କ ଆବଶ୍ୟକତା ଅନୁସାରେ ପାଇକନଗର, ରସୁଲଗଡ଼, ଲୁମ୍ବିନୀ ବିହାର, ସୁନ୍ଦରପଦା, ପଟିଆ, ମୈତ୍ରୀବିହାର ଆଦି ଅଞ୍ଚଳରେ ଜାଗା ମଧ୍ୟ ମଞ୍ଜୁର ହୋଇଥିଲା। ହେଲେ ଏଯାବତ୍ ତାହା ହୋଇପାରିଲା ନାହିଁ। ବର୍ତ୍ତମାନ ରାଜଧାନୀରେ ବିଏମ୍‌ସି ଓ ବିଡିଓ ଦ୍ୱାରା ପରିଚାଳିତ ୭ଟି କଲ୍ୟାଣ ମଣ୍ଡପ ଯେପରିକି ବଡ଼ଗଡ଼, ବିଡିଏ କଲ୍ୟାଣ ମଣ୍ଡପ କେ୭, ଚନ୍ଦ୍ରଶେଖରପୁର, ଦକ୍ଷିଣଚଣ୍ଡୀ, ସହିଦନଗର, ୟୁନିଟ୍ ୬, ଭିଏସ୍‌ଏସ୍ ନଗର କଲ୍ୟାଣ ମଣ୍ଡପ ରହିଛି। ସେହିପରି ୪ଟି କମ୍ୟୁନିଟି ସେଣ୍ଟର ଯେପରିକି ବୁଦ୍ଧେଶ୍ୱରୀ, କପିଳେଶ୍ୱର, ଶାସ୍ତ୍ରୀନଗର, ୟୁନିଟ୍ ୮ ରହିଛି। ସହରରେ ପାଖାପାଖି ୧୦ଲକ୍ଷ ଲୋକ ରହୁଥିବା ବେଳେ ମଣ୍ଡପ ସଂଖ୍ୟା ମାତ୍ର ୧୧ ରହିଛି, ଯାହାକି ସମୁଦ୍ରକୁ ଶଙ୍ଖେ ଭଳି। ପୁଣି ଯେଉଁଠି ରହିଛି ସେଠାରେ ମଧ୍ୟ ଅବହେଳିତ ହୋଇପଡ଼ିରହିଛି। ସେହିପରି ୟୁନିଟ୍ ୬ କଲ୍ୟାଣ ମଣ୍ଡପ ପାଇଁ ଗତ ବର୍ଷ ୪୮ ହଜାର ୩୮୦ ଟଙ୍କା ଭଡ଼ା ଦେବାକୁ ପଡୁଥିଲେ ମଧ୍ୟ ଭିତ୍ତିଭୂମି ଭଲ ନାହିଁ। ରୋଷେଇ ଘର ଛୋଟ ହୋଇଥିବାରୁ ବାହାରେ ରୋଷେଇ କରାଯାଉଛି। ଡ୍ରେନ୍ ପାଣି ନିଷ୍କାସିତ ହେଇପାରୁନାହିଁ। ମଣ୍ଡପ ଚାରିପାଖରେ ନିକଟସ୍ଥ ବସ୍ତିର ଲୋକମାନେ ଲୁଗାପଟା ଶୁଖାଉଛନ୍ତି। ପାଚେରି ଛୋଟ ଥିବାରୁ ଓ ଗେଟ୍ ଖୋଲା ରହୁଥିବାରୁ ବାହାର ଲୋକଙ୍କ ଆଡ଼ା ଜମୁଛି। ପୁଣି ଭିତରେ ପଡ଼ିଥିବା ପେଭରବ୍ଲକ୍ ମଧ୍ୟ ଦବିଗଲାଣି। ସେହିପରି ସହିଦନଗର, ଶାସ୍ତ୍ରୀନଗର ଆଦି ସ୍ଥାନରେ ଶୌଚାଳୟଠାରୁ ଆରମ୍ଭ କରି ଅନ୍ୟ ଭିତ୍ତିଭୂମି ଉଜୁଡ଼ିଗଲାଣି। ଏନେଇ ବିଏମ୍‌ସି ଡେପୁଟି କମିସନର ପ୍ରିୟଙ୍କା ମଲ୍ଲିକ କହିଛନ୍ତି, ବର୍ତ୍ତମାନ ଚନ୍ଦ୍ରଶେଖରପୁରରେ ପିପିପି ମୋଡ୍‌ରେ କଲ୍ୟାଣ ମଣ୍ଡପର ଆଧୁନିକୀକରଣ ହେବ। ବାକି ଯେଉଁ ସ୍ଥାନରେ ଅସଜଡ଼ା ପଡ଼ିଛି ତାକୁ ସଜଡ଼ାଯିବ। ସେହିପରି ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଡିଭିଜନ-୩ ତରାସ କୁମାର ମାରାଣ୍ଡି କହିଛନ୍ତି ଯେ ଡିଭିଜନ ଅଧୀନରେ ଥିବା ସହିଦନଗର ଓ ଅନ୍ୟାନ୍ୟ ମଣ୍ଡପର ଉନ୍ନତୀକରଣ କରାଯିବ।

# ଏବେ ବନ୍ଦ ହେବାକୁ ବସିଛି ଓୟୁଏଟି ପକ୍ଷରୁ ବିକଶିତ ପ୍ରଥମ ରଙ୍ଗୀନ ବ୍ରଏଲର : ସଂରକ୍ଷଣ ନାହିଁ, ଉତ୍ପାଦନ ବାଧକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

'ବ୍ରଏଲର', ସାଧାରଣତଃ ଏମାନେ ତୋଫାଧଳା ବୋଲି ଆମେ ଦେଖୁ । ହେଲେ ଏ ବ୍ରଏଲର ଧଳା ନୁହେଁ, ରଙ୍ଗୀନ । ଦେଖିବାକୁ ପୂରା ଅଷ୍ଟ୍ରେଲିଆ ବାର୍ଡ ଭଳି । ଦେଖିବାକୁ ଯେମିତି ଗୁଣ ବି ସେମିତି । ରୋଗବୈରାଗ୍ୟ ହେବନି । ମାଂସ ବି ଭାରି ସୁଆଦିଆ । ଆଉ କେଉଁଠି ନୁହେଁ, ଆମ ରାଜ୍ୟ ଓଡ଼ିଶାରେ ଏଭଳି ଏକ ଆଶ୍ଚର୍ଯ୍ୟଜନକ କରିଦେଖାଇଥିଲା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)। ଓୟୁଏଟି କଳିଙ୍ଗ ପଲ୍ଲିଶ୍ରୀ ନାମକ ଏକ ଉନ୍ନତମାନର ରଙ୍ଗୀନ ଉତ୍ପାଦନ କରିଥିଲା। ଯାହାକୁ ନେଇ ରାଜ୍ୟର ଗୌରବ ସାରା ଦେଶରେ ଉଚ୍ଚା ରହିଥିଲା। ଏହି ଉନ୍ନତମାନର ବ୍ରଏଲର ଏବେ ହଜିଯିବାକୁ ବସିଛି। କାରଣ ଏହାର ନା ସଂରକ୍ଷଣ ରହିଛି ନା ଆବଶ୍ୟକ ସଂଖ୍ୟାରେ ଉତ୍ପାଦନ। ଫଳରେ ଏହାର ଭବିଷ୍ୟତ ଏବେ ଅନ୍ଧାର ହୋଇପଡ଼ିଛି । ଦେଶରେ ପ୍ରଥମ କରି ଓଡ଼ିଶା ଏହି ରଙ୍ଗୀନ ବ୍ରଏଲର ସୃଷ୍ଟି କରିଥିଲା । ଏବେ ସରକାର ଏହି ବ୍ରଏଲର ପ୍ରଜାତିଙ୍କୁ ସଂରକ୍ଷଣ କରନ୍ତୁ । ଏହି ରଙ୍ଗୀନ ବ୍ରଏଲର ଓୟୁଏଟି କଳିଙ୍ଗ ପଲ୍ଲିଶ୍ରୀ ପଛରେ ଅନେକ ପରିଶ୍ରମ ହୋଇଛି । କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ନେତୃତ୍ୱ ଓ ତତ୍କାଳୀନ ବୈଜ୍ଞାନିକ ତଥା ପ୍ରଫେସର ସୁଶାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଏହି କାମ ହୋଇଥିଲା । ୨୦୨୨ରେ ଏହି ସିନ୍‌ଥେଟିକ ବ୍ରିଡ୍ ବିକଶିତ ହୋଇଥିଲା। ପ୍ରଫେସର ଦାସ ବରେଲିରୁ ଦୁଇପ୍ରକାର ଜେନେଟିକ୍ ଅଣ୍ଡା ଆଣିଥିଲେ । ଯାହାକୁ ଲ୍ୟାବ୍ରେ ପ୍ରକ୍ରିୟା କରାଯାଇ ଛୁଆ ବାହାର କରାଯାଇଥିଲା । ପରେ ଏମାନଙ୍କଠାରୁ ଆସିଥିବା ଛୁଆଙ୍କୁ ମିଶାଯାଇ ଏଭଳି ବ୍ରଏଲର ଉତ୍ପାଦନ କରାଯାଇଥିଲା । ସାଧାରଣ ବ୍ରଏଲର ତୁଳନାରେ ଏହି ରଙ୍ଗୀନ ବ୍ରଏଲର ଅଧିକ ଓଜନ(ଏଫ୍‌ସିଆର) ଥାଏ । ଅତଏବ: ସାଧାରଣ ବ୍ରଏଲରର ଓଜନ ଯଦି ୧.୭ କିଗ୍ରା ହେବ ତେବେ ରଙ୍ଗୀନ ବ୍ରଏଲରର ଓଜନ ୧.୮ କିଗ୍ରା ହେବ। ହେଲେ ରଙ୍ଗୀନ ବ୍ରଏଲର ୨.୫୦ କିଗ୍ରା ପର୍ଯ୍ୟନ୍ତ ହୋଇପାରିବ। ଯାହା କୌଣସି ବି ବ୍ରଏଲରର ସର୍ବାଧିକ ଓଜନ। ଏହି ବ୍ରଏଲର ଜନ୍ମରୁ ୩୫ଦିନ ମଧ୍ୟରେ ବିକଶତ ହେବ ବା ବିକ୍ରି ଯୋଗ୍ୟ ହେବ । ଏହାର ରୋଗପ୍ରତିରୋଧକ ଶକ୍ତି ବି ଅଛି । ଫଳରେ ଜ୍ୱର, ଝାଡ଼ା କିମ୍ବା ବାର୍ଡଫ୍ଲୁ ବି ସହଜରେ ଆକ୍ରାନ୍ତ କରିପାରିବନି। ଏଣୁ ଚାଷ ଦୃଷ୍ଟିରୁ ଏହା ଏକ ଲାଭଜନକ ବ୍ରଏଲର । ଯେଉଁ ସମୟରେ ଓୟୁଏଟି ଏହି ବ୍ରଏଲର ସୃଷ୍ଟି କଲା, ସେସମୟରେ କୁଳପତି ପ୍ରଥମେ ଚାଷୀଙ୍କୁ ଏହାର ବ୍ରିଡ୍ ପ୍ରଦାନ କରିଥିଲେ । ଏକ ବିଶ୍ୱାସ ଜନ୍ମିଥିଲା ଯେ ଓଡ଼ିଶା ମାଂସ ଉତ୍ପାଦନରେ ଦେଶରେ ଅଗ୍ରଣୀ ହେବ । ଯେଉଁ ମାଂସ ଅଣ୍ଟୁନି ବୋଲି କହୁଛେ, ଏହାର ଅଭାବ ଦୂର ହେବ। ଏହାକୁ ନଜରରେ ରଖି ଓୟୁଏଟି ଭୁବନେଶ୍ୱରରେ ହିଁ ଏହାର ଉତ୍ପାଦନ କରୁଥିଲା । ବର୍ଷକୁ



୨୦ହଜାର ବ୍ରିଡ୍ ଉତ୍ପାଦନ କରାଯାଇ ଜିଲ୍ଲାସ୍ତରୀୟ କୃଷି ବିଜ୍ଞାନ କେନ୍ଦ୍ର(କେଭିକେ) ଙ୍କୁ ପ୍ରଦାନ କରାଗଲା। କେଭିକେ ଗାଁ ଗାଁରେ ଚାଷୀଙ୍କୁ ଚିଆଁ ଯୋଗାଇଥିଲା । ଏଭଳି ଭାବରେ ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ଠିକ୍ ଠାକ୍ ଚାଲିଥିଲା । ହେଲେ ଏବେ ଉତ୍ପାଦନ ଧିମେଇ ଯାଇଛି । ଆଖିଦୃଶିଆ ଉତ୍ପାଦନ ନାହିଁ । ସେଥିପାଇଁ କେଭିକରେ ଆଉ ଏହି ଚିଆଁ ମିଳୁନି ବୋଲି ଅଭିଯୋଗ ହୋଇଛି ।

ପ୍ରାକ୍ତନ ଜେନେଟିକ ବିଭାଗର ମୁଖ୍ୟ ପ୍ର. ଦାସ କହିଛନ୍ତି, ଏହା ଓୟୁଏଟି ପାଇଁ ଏକ ବିରାଟ ସଫଳତା ଥିଲା । ଏହାର ଉଦ୍ଦେଶ୍ୟ ହେଉଛି, କୁକୁଡ଼ା ଚାଷୀଙ୍କୁ ସ୍ୱାବଲମ୍ବୀ କରିବା । ଏହା ଏକ ଅର୍ଥକାରୀ ପକ୍ଷୀ ମଧ୍ୟ । ହେଲେ ଏବେ କୁଆଡ଼େ ଶୁଣିବାକୁ ମିଳୁଛି ଯେ, ଉତ୍ପାଦନ କମିଛି । ଆଗଭଳି ହେଉନି। ଜିଲ୍ଲାସ୍ତରକୁ ଅଣ୍ଡା କି ଚିଆଁ ଯାଉନି । ଏମିତି ହେଲେ ଇଏ ଯୋଜନା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ । ହେଲେ ଏହାକୁ ଖଣ୍ଡନ କରିଛି ଓୟୁଏଟି । ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଏମିତି ହୋଇନି । ଓୟୁଏଟି କଳିଙ୍ଗ ପଲ୍ଲିଶ୍ରୀର ଉତ୍ପାଦନ ହେଉଛି। ହେଲେ ଆମେ ଉତ୍ପାଦନରେ ପଛେଇଛୁ । ହେଲେ ଯୋଜନା ଚାଲିଛି, ଆଗକୁ ଉତ୍ପାଦନ ବଢ଼ିବ, ସେଦିଗରେ କାମ ଚାଲିଛି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ମଇ ୨୦୨୬ ରବିବାର





# ଗାଡ଼ି କାଚ ଭାଙ୍ଗି ସୁନା ଗହଣା ଓ ଟଙ୍କା ଲୁଟ୍:ଯୁବକ ଗିରଫ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବ୍ୟାସନଗର ବା ଯାଜପୁର ରୋଡ ସହରରେ ଚୋରମାନଙ୍କର ଉପଦ୍ରବ କହିଲେ ନସରେ କେଉଁଠି ଦୋକାନ ଷଟର ଭାଙ୍ଗି ଚୋରି କଲେଣିତ କେଉଁଠି ଘରୁ ଚୋରି ହେଲାଣି ଗୁରୁବାର ଯାଜପୁରରୋଡ଼ ପୋଲିସ ଚୋରି ଅଭିଯୋଗରେ ଜଣେ ଯୁବକକୁ ଗିରଫ କରିବା ସହ ତା ନିକଟରୁ ଚୋରି ଜିନିଷ ଜବତ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ଏହି ଥାନା ଅନ୍ତର୍ଗତ ବ୍ୟାସନଗର ପୌରାଞ୍ଚଳ ସୋବରା ଗ୍ରାମର ଫୁକୁନ ମୁଦୁଲି (୩୦) ବୋଲି ପୋଲିସ ସୂଚନା ରହିଛି । ପୋଲିସ ଅଭିଯୁକ୍ତ ନିକଟରୁ ଏକ ସୁନା ରାଣୀହାର, ଦୁଇପଟ ସୁନା ଚୁଡ଼ି, ଏକ ହୀରାମୁଦୀ, ଏକ ସୁନାମୁଦୀ, କଳା ଟାଇଟନ୍ ହାତଘଣ୍ଟା ସହ ନଗଦ ୫୮ ହଜାର ଟଙ୍କା ଉଦ୍ଧାର କରିଛି । ସୂଚନା ମୁତାବକ ଅଭିଯୋଗକାରୀ କେନ୍ଦୁଝର ଜିଲ୍ଲା ବଲାଣି ଥାନା ଅଞ୍ଚଳର ଆକାଶ କେଇନ୍ଥ ଗତ ୭ ତାରିଖି ରାତି ବ୍ୟାସନଗର ସହର କୋର୍ଟ ପଛ ନୀଳାଞ୍ଚଳ କଲୋନୀରେ ରହୁଥିବା ତାଙ୍କର ଜଣେ ବନ୍ଧୁଙ୍କ ବିବାହ ଉତ୍ସବକୁ ଆସିଥିଲେ। ସେ ଆସିଥିବା ବଲେରୋ ଗାଡିରେ ସମସ୍ତ ଅଳଙ୍କାର ଟଙ୍କା ଥିବା ଏକ ବ୍ୟାଗ୍ ରଖି ବିବାହ ଉତ୍ସବକୁ ଯାଇଥଲେ । ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଜଣଙ୍କ ବଲେରୋ ଗାଡିର କାଚ ଭାଙ୍ଗି ଉକ୍ତ ବ୍ୟାଗ୍‌କୁ ଚୋରି କରିନେଇଥିଲା । ଏନେଇ ଆକାଶ ୮ ତାରିଖରେ ଯାଜପୁର ରୋଡ଼ ଥାନାରେ ଅଭିଯୋଗ କରିଥିଲେ । ପୋଲିସ କେସ୍ ନଂ ୨୫୬/୨୬ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲେ । ତଦନ୍ତ ଅଧିକାରୀ ଏଏସ୍‌ଆଇ ହରେକୃଷ୍ଣ ସ୍ୱାଇଁ ଅଭିଯୁକ୍ତକୁ ଗିରଫ କରିବା ସହ ତାନିକଟରୁ ଚୋରି ଜିନିଷ ଜବତ କରିଥିଲେ। ଗୁରୁବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଫୁକୁନ ନାମରେ ପୂର୍ବରୁ ଯାଜପୁରରୋଡ଼ ଥାନାରେ ୯ଟି ଅପରାଧିକ ମାମଲା ରହିଥିବା ଥାନାଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି ।

## ନଦୀ ବନ୍ଧ ନିର୍ମାଣ କାର୍ଯ୍ୟରେ ଅନିୟମିତତା

# ଦୁର୍ବଳ ନଦୀବନ୍ଧ ଭାଙ୍ଗି ବନ୍ୟା ଆଶଙ୍କାରେ ଅଞ୍ଚଳବାସୀ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଜଳସମ୍ପଦ ବିଭାଗ ଅଧିନ ତିର୍ତ୍ତୋଲ ଠାରୁ କୃଷ୍ଣାନନ୍ଦପୁର ପର୍ଯ୍ୟନ୍ତ ଯାଇଥିବା ମହାନଦୀ ବନ୍ଧ ପୋଷଲ ଠାରୁ କୃଷ୍ଣାନନ୍ଦପୁର ପର୍ଯ୍ୟନ୍ତ ୨୦୨୪ରୁ ଚାଲିଛି ନିର୍ମାଣ କାର୍ଯ୍ୟ । ଏହି ବନ୍ଧକୁ କେନ୍ଦ୍ରାପଡ଼ା ଅଞ୍ଚଳର ଜନୈକ ଠିକାଦାର ୪ କିଲୋମିଟରରୁ ଉର୍ଦ୍ଧ୍ୱ ନଦୀ ବନ୍ଧକୁ ୭ କୋଟିରୁ ଉର୍ଦ୍ଧ୍ୱ ଅର୍ଥରେ ଟେଣ୍ଡର ପାଇଥିଲେ । ଟେଣ୍ଡର ଚୁକ୍ତି ଅନୁଯାଇ ନଦୀ ବନ୍ଧର ଦୁଇ ପାର୍ଶ୍ୱରେ ବେଶ୍ କରାଯାଇ ବାହାରୁ ମାଟି ଫିଲିଙ୍ଗ କରି ଆବଶ୍ୟକ ଚଉଡା ପରେ ଅନ୍ୟ କାମ କରାଯିବା କଥା। ହେଲେ ଠିକାଦାର ନିଜ ମନ ମୁତାବକ ସେହି ବନ୍ଧର ତଳୁ ଜେସିବି ମେସିନ୍ ସାହାଯ୍ୟରେ ବାଲି ମିଶା ମାଟି ତାଡି ବନ୍ଧ ଉପରେ ପକାଇ କାମ ସାରିବାକୁ ବସିଥିଲା। ଯାହାଫଳରେ ଗତବର୍ଷ ବର୍ଷାରେ ଅତଡ଼ା ଖାଇଯିବା ଦ୍ୱାରା ନଦୀ ବନ୍ଧର ଅନେକ ସ୍ଥାନରେ ବଡ଼ ବଡ଼ ଗାଡ଼ ସୃଷ୍ଟି ହେଲା। ବନ୍ଧକୁ ଲାଗି ଅଳ୍ପ କେତେ ମିଟର ଦୂରରେ ମହାନଦୀ ଜଳ ପ୍ରଭାବିତ ହେଉଛି । ନଦୀରେ ବନ୍ୟା ଆସିଲେ ବନ୍ଧ ପର୍ଯ୍ୟନ୍ତ ପାଣି ଆସିଥାଏ । ନଦୀ ବନ୍ଧ ଏଭଳି ଅବସ୍ଥାରେ ରହିଛି ଯେ ନଦୀରେ ବନ୍ୟା ଆସିଲେ ପାଣି ବନ୍ଧକୁ ଛୁଇଁଲେ ବନ୍ଧ ଖାଇଯାଇ ବନ୍ୟା ହେବାର ବହୁ ଆଶଙ୍କା ରହିଛି । ଗତ ବର୍ଷ ଅଭିଯୋଗ ପରେ ନଦୀବନ୍ଧ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆରେ ବନ୍ଦ ରହିଥିଲା। ଏବେ ଠିକାଦାର ଆସି ନଦୀ ବନ୍ଧର କେନାଲ ପଟରେ ମାଟି ଚାଞ୍ଛି ବିଲ୍ ନେବାପାଇଁ ମସୁଧା ଚଳାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି । ଠିକାଦାର ଟେଣ୍ଡର ଚୁକ୍ତି ଅନୁଯାଇ ନଦୀବନ୍ଧର ଦୁଇ କଡ଼ରେ ଆବଶ୍ୟକ ମାଟି ପକାଇ ଚଉଡା ନକରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆକ୍ରୋଶର ଶିକାର ହୋଇପାରନ୍ତି । ଏହି ନଦୀ ବନ୍ଧ କଡରେ କୃଷ୍ଣାନନ୍ଦପୁର ଥାନା ରହିଛି, କନିମୁଳ ମେଡିକାଲ ରହିଛି । ନଦୀବନ୍ଧ ସଠିକ୍ ଭାବେ ସମ୍ପୂର୍ଣ୍ଣ ହେଲେ ଆମ୍ବୁଲାନ୍ସ, ପୋଲିସ ଗାଡି, ଅଗ୍ନିଶମ ଗାଡି ଯାତାୟାତ ସହିତ ଜନସାଧାରଣ ମାନଙ୍କ ଯାତାୟାତରେ ବହୁତ ସୁବିଧା ହୋଇପାରିବ ବୋଲି ଅଞ୍ଚଳବାସୀ କହିଛନ୍ତି। ଠିକାଦାର ନଦୀବନ୍ଧରେ ଗୋଡି ପକାଇ ଅଧାପନ୍ତରିଆ କରିଥିବାରୁ ଜନସାଧାରଣ ମାନଙ୍କର ଯାତାୟାତ କରିବାରେ ବହୁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି । ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଠିକାଦାରର କାର୍ଯ୍ୟକୁ ବାତିଲ୍ କରି ନୂତନ ଭାବେ ଟେଣ୍ଡର କରାଇଲେ ରାସ୍ତା ସୁଦୃଢ଼ୀକରଣ ହୋଇପାରିବ ବୋଲି ସ୍ଥାନୀୟ ଲୋକେ କହିଥିଲେ । ଠିକାଦାର ଗତବର୍ଷ ନଦୀବନ୍ଧ କଡ଼ରୁ ବହୁ ମୋଟା ମୋଟା ମୂଲ୍ୟବାନ ଗଛ କାଟି ସଫା କରିଦେଇଥିବାରୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ ସୁଦ୍ଧା କର୍ଣ୍ଣପାତ କରିନଥିଲେ । ଠିକାଦାର ନଦୀବନ୍ଧ ନିର୍ମାଣ ବାହାନାରେ ସରକାରୀ ସମ୍ପତ୍ତି ନଷ୍ଟ କରିଥିବାରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଜଗତସିଂହପୁର ଜିଲ୍ଲାପାଳ ଏଥିପ୍ରତି ବିଶେଷ ଦୃଷ୍ଟି ଦେଇ ସ୍ଥାନୀୟ ଅଞ୍ଚଳବାସୀ ଓ ଜନସାଧାରଣ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନଦୀବନ୍ଧର କାର୍ଯ୍ୟକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି।



# ବୈତରଣୀ ସେତୁ ତଳୁ ବାଲି ଚୋରା ଚାଲାଣ:ପ୍ରଶାସନ ଚୁପ୍

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ତହସିଲ ଅଧୀନ ସୋହଡ଼ା ପଞ୍ଚାୟତର ସେଶପୁର ସ୍ଥିତ ବୈତରଣୀ ନଦୀର ମୁକୁନ୍ଦଦେବ ସେତୁ ତଳୁ ଦିନ ରାତି ବେଆଇନ୍ ବାଲି ଉଠାଣ ଓ ଚୋରା ଚାଲାଣ ଚାଲିଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଧାମନଗରର ସେଶପୁର ଓ ଯାଜପୁର ଜିଲ୍ଲାର କଟିକଣା ଅଞ୍ଚଳର କିଛି ଯୁବକ ମିଶି ପ୍ରତିଦିନ ବୈତରଣୀ ନଦୀର ଉଭୟ ପାର୍ଶ୍ୱରୁ ବହୁ ପରିମାଣରେ ବାଲି ଉଠାଉଛନ୍ତି । ଅଭିଯୋଗ ଅନୁସାରେ ପ୍ରତିଦିନ ୪୦ରୁ ଅଧିକ ଟ୍ରାକ୍ଟର ଓ ଟ୍ରକ୍ ଲଗାଇ ବାଲି ଚୋରାଚାଲାଣ କରାଯାଉଛି । ପ୍ରତ୍ୟେକ ଟ୍ରିପ୍‌କୁ ୩ ହଜାରରୁ ଅଧିକ ଟଙ୍କାରେ ଲୋକଙ୍କୁ ବିକ୍ରି କରୁଛନ୍ତି । ଏହାଦ୍ୱାରା ନଦୀ ମଧ୍ୟଭାଗ ଓ ସେତୁ ନିକଟରୁ ଅନିୟନ୍ତ୍ରିତ ଭାବେ ବାଲି ଉଠାଯାଉଥିବାରୁ ମୁକୁନ୍ଦଦେବ ସେତୁର ଭିତ୍ତିଭୂମି ଦୁର୍ବଳ ହେବା ଆଶଙ୍କା ସୃଷ୍ଟି ହୋଇଛି। ବର୍ଷା ଦିନରେ ଏହା ସେତୁ ସୁରକ୍ଷା ପାଇଁ ବଡ଼ ବିପଦ ହେବ ବୋଲି ସ୍ଥାନୀୟ ଲୋକ ମତ ପ୍ରକାଶ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ ସେତୁ, ବନ୍ଧ ଓ ରାସ୍ତା ନିକଟରୁ ବାଲି ଉଠାଣ ଉପରେ କଠୋର ନିଷେଧ ରହିଛି। ଖଣିଜ ସମ୍ପଦର ବେଆଇନ୍ ଉତ୍ତୋଳନ ଓ ଚୋରାଚାଲାଣକୁ ଓଡ଼ିଶା ମାଇନର ମିନେରାଲ କନ୍‌ସେସନ୍ ନିୟମାବଳୀ ଅନୁଯାୟୀ ଦଣ୍ଡନୀୟ ଅପରାଧ ରହିଛି। ଏପରି ଘଟଣାରେ ଯାନବାହନ ଜବତ, ଭାରି ଜରିମାନା ସହ ଜେଲ୍ ଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି। ହେଲେ ବାଲି ମାଫିଆ କୌଣସି ନିୟମକୁ ଖାତିର ନକର ବାଲି ଉତ୍ତୋଳନ କରି ଚୋରାଚାଲାଣ କରୁଛନ୍ତି। ବେଆଇନ୍ ବାଲି ଉଠାଣ ଯୋଗୁଁ ନଦୀର ପ୍ରାକୃତିକ ପ୍ରବାହ ବାଧାପ୍ରାପ୍ତ ହେବା ସହ ପରିବେଶ ସନ୍ତୁଳନ ନଷ୍ଟ ହେଉଛି। ନଦୀ ତଟ ଧସିବା, ବନ୍ୟା ପାଣି ବାହାରି ଚାଷ ଜମି କ୍ଷତିଗ୍ରସ୍ତ ହେବା ଓ ସେତୁ ଭଳି ସରକାରୀ ସଂରଚନା ଦୁର୍ବଳ ହେବାର ଆଶଙ୍କା ବଢୁଛି। ଏହି ଘଟଣାର ତଦନ୍ତ କରି ବେଆଇନ୍ ବାଲି ଚୋରା ଚାଲାଣରେ ସଂପୃକ୍ତ ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ଭଦ୍ରକ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ କୁହନ୍ତି ଚୋରି ଘଟଣା ଖବର ମିଳିବା କ୍ଷଣକେ ଚଢ଼ଉ କରାଯାଇ ଜରିମାନା ଆଦାୟ ହେଉଛି। ଏହି ସ୍ଥାନରେ ଶିଘ୍ର ଚଢ଼ଉ କରାଯିବ ବୋଲି କହିଛନ୍ତି।

# ସୁଧୁରୁନି ସ୍ଥିତି, ରୁଗ୍ଣ ହେଉଛି ଶିଳ୍ପ:ଇଷ୍ଟେଟ୍ କୋର୍ଟରେ ଗଡୁଛି ମାମଲା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ସରକାର ଶିଳ୍ପ ପ୍ରସାରର ଢେଙ୍କୁରା ପିଟୁଛନ୍ତି । ବାହ୍ୟ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେଉଥିବା କହୁଛନ୍ତି । ଗୋଟିଏ ପରେ ଗୋଟିଏ ଶିଳ୍ପାଞ୍ଚଳ ସ୍ଥାପନ ହେଉଛି । ବ୍ରହ୍ମପୁରରେ ଆଙ୍କୁଲି ଶିଳ୍ପାଞ୍ଚଳ ପରେ ଅଟୋନଗର ଠାରେ ଦୁଇଟି ଶିଳ୍ପାଞ୍ଚଳ ପ୍ରତିଷ୍ଠା ହୋଇଛି । ଏବେ ବଉଲାଗାରେ ଆଉ ଗୋଟିଏ ଶିଳ୍ପାଞ୍ଚଳ ବିକଶିତ ହେଉଛି । ଅଥଚ ବହୁ ପୁରାତନ ଆଙ୍କୁଲି ଶିଳ୍ପାଞ୍ଚଳ ଅବହେଳିତ ଅବସ୍ଥାରେ । ଶିଳ୍ପ ଶୂନ୍ୟ ହେବାକୁ ବସିଲାଣି । କିଏ ବନ୍ଦ କିଏ ରୁଗ୍ଣ । ଭଡ଼ା ଆଦାୟ କରୁଛନ୍ତି ତ ଆଉ କିଏ ଆବାସିକ କୋଠା ନିର୍ମାଣ କରିଲେଣି । ବନ୍ଦ ପଡ଼ିଥିବା ଶିଳ୍ପ ସଂସ୍ଥାର ଜମିକୁ ବାତିଲ କରି ପୁନଃ ଆବଣ୍ଟନ ପାଇଁ ବାଟ ଫିଟୁନି । ବର୍ଷ ବର୍ଷ ଧରି ଇଷ୍ଟେଟ୍ କୋର୍ଟରେ ଚାଲିଛି ମାମଲା । ମାର୍କେଟ ଉଡ଼କୋ ସିଏମ୍‌ଡି ଉଷା ପାଢ଼ୀ ବ୍ରହ୍ମପୁର ଗସ୍ତରେ ଆସିଥିଲେ । ବିବାଦୀୟ ଜମି, ବନ୍ଦ ପଡ଼ିଥିବା ଶିଳ୍ପ ସଂସ୍ଥା, ଇଷ୍ଟେଟ୍ କୋର୍ଟରେ ଚାଲିଥିବା ମାମଲାର ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ । କିନ୍ତୁ ସେପରି କିଛି ହୋଇନଥିବା ଇଡ଼କୋ ଡ଼ିଭିଜନ୍ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଇଡ଼କୋରୁ ମିଳିଥିବା ସୂଚନା ଅନୁସାରେ ବ୍ରହ୍ମପୁର ପାଣ୍ଡ୍ରା ଲୁମ୍ ୧୯୮୩ରେ ଆଙ୍କୁଲି ଶିଳ୍ପାଞ୍ଚଳରେ ତିନୋଟି ପ୍ଲଟ୍ ହାତେଇଥିଲା । ସେଠାରେ ସ୍ପିନିଂ ମିଲ୍ ସ୍ଥାପନ କରିଥିଲା । ବହୁ ବର୍ଷ ହେଲା ମିଲ୍ ବନ୍ଦ ହୋଇଯାଇଛି ଏବଂ ସେଠି ଜମିକୁ ... କମିଶନର ସିଲ୍ କରିଛନ୍ତି । ସେହିପରି ଏହି ଶିଳ୍ପାଞ୍ଚଳରେ ଜମି ପାଇଥିବା ଶେଖର ଇଞ୍ଜିନିୟରିଂ, କଳିଙ୍ଗ ଗ୍ରୁପ୍ ଆଣ୍ଡ ଆର୍ଟିକେଲ୍ ମଧ୍ୟ ବନ୍ଦ ହୋଇସାରିଛି । ଆଉ କେତେକ ସରକାରୀ ଜମି ହାତେଇ ସବ୍ ଲିଜରେ ଅନ୍ୟ ଜଣଙ୍କୁ ହସ୍ତାନ୍ତର କରିସାରିଲେଣି । ଏପରି ସ୍ଥଳେ ଶିଳ୍ପାଞ୍ଚଳର ଅଭିବୃଦ୍ଧି ଆଶା କ୍ଷୀଣ ହୋଇଗଲାଣି । ବ୍ରହ୍ମପୁର ଆଙ୍କୁଲି ଅଞ୍ଚଳରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ପଡ଼ିଲା । ୧୩୮ ଏକର ଜମିରେ ଗଢ଼ି ଉଠିଲା ଛୋଟବଡ଼ ଶିଳ୍ପ । ପାରିପାର୍ଶ୍ୱିକ ଉନ୍ନତି ପରେ ୬୯ଟି ସେଡ୍ ଏହି ଶିଳ୍ପାଞ୍ଚଳରେ ନିର୍ମାଣ କରାଯାଇଛି । କିଏ ଗୋଟିଏ ପ୍ଲଟ୍ ତ ଆଉ କିଏ ଏକାଧିକ ପ୍ଲଟ୍ ହାତେଇଛନ୍ତି । ପ୍ରଥମେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ହାତରେ ଥିବା ଏହି ଶିଳ୍ପାଞ୍ଚଳ ପରେ ଇଡ଼କୋକୁ ହସ୍ତାନ୍ତର ହୋଇଥିଲା । ୬୯ଟି ସେଡ୍‌ରୁ ୫୮ ଟି ସେଡ୍ ବିଭିନ୍ନ ଶିଳ୍ପାନୁଷ୍ଠାନକୁ ଆବଣ୍ଟନ ହୋଇଛି । ଇଡ଼କୋ ସୂଚନା ଅନୁସାରେ ସେଥିରୁ ୨୪ ରୁ ୨୫ଟି ଶିଳ୍ପ ଏବେ କାର୍ଯ୍ୟକ୍ଷମ । ଦୁଇଟି ଆଂଶିକ କାର୍ଯ୍ୟକ୍ଷମ, ଗୋଟିଏ ଆବଣ୍ଟନ ହୋଇନି, ୨୫ଟି ସେଡ୍‌ର ଦୁରୁପଯୋଗ ହୋଇଛି, ୯ଟି ସେଡ୍ ସମ୍ପୂର୍ଣ୍ଣ ବନ୍ଦ ପଡ଼ିଛି। ୭ଟି ସେଡ୍ କାର୍ଯ୍ୟକ୍ଷମ ନାହିଁ ଏବଂ ଅବଶିଷ୍ଟ ଭଡ଼ାରେ ଲାଗିଛି । ବନ୍ଦ ପଡ଼ିଥିବା କେତେକ ଶିଳ୍ପାନୁଷ୍ଠାନ ମାଲିକଙ୍କ ବିରୋଧରେ ଇଷ୍ଟେଟଗ କୋର୍ଟରେ ମାମଲା ଚାଲିଛି । ବର୍ଷ ବର୍ଷ ଧରି ମାମଲା ଚାଲିଛି । ହେଲେ ନିଷ୍କର୍ଷ ବାହାରିନି । ନିୟମିତ ବ୍ୟବଧାନରେ ଯାଞ୍ଚ ହେଉଛି ବୋଲି ଇଡ଼କୋ ଅଧିକାରୀ କହିଛନ୍ତି । ନିୟମ ବହିର୍ଭୂତ କାର୍ଯ୍ୟ ହେଉଥିଲେ ନୋଟିସ୍ କରାଯାଉଛି । ସେଡ୍ ଇଡ଼କୋ ଅଧିନକୁ ଆସିଲେ ଫ୍ରେସ୍ ଆବଣ୍ଟନ ହେବ ବୋଲି କୁହାଯାଉଛି ।

# କେନ୍ଦ୍ରାପଡ଼ା ଜିଲ୍ଲା ବିକାଶ କାର୍ଯ୍ୟର ସମୀକ୍ଷା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲାରେ ଥିବା ୯ଟି ବ୍ଲକରେ ଚାଲୁ ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ୍. ଆର୍.ଆୟାର୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ଚାଲିଥିବାରୁ ରୁରାଲ୍ ହାଉସିଂ ଯୋଜନାର ପ୍ରତ୍ୟେକ ବ୍ଲକରେ କେତେ ସଫଳତା ମିଳିଛି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ତୋଦ୍ୟ ଯୋଜନା, ନରେଗା ଯୋଜନାରେ କେତେ ଶ୍ରମିକ ନିଯୁକ୍ତି ହୋଇଛନ୍ତି, କେତେ ଟଙ୍କା ବ୍ୟୟ ହୋଇଛି, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ୨୦୨୫-୨୬ ଓ ୨୦୨୬-୨୭ର ସମସ୍ତ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟଗୁଡ଼ିକ କେତେ ଅଗ୍ରଗତି ହୋଇଛି ଏବଂ କେତେ ବ୍ୟୟ ହୋଇଛି ତାହା ସମୀକ୍ଷା କରାଯାଇଥିଲା। ଏଥିସହିତ ଜିଲ୍ଲାରେ ମୁଖ୍ୟତଃ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି। ଜିଲ୍ଲାର କେଉଁ ବ୍ଲକରେ ପାନୀୟ ଜଳର ସମସ୍ୟା ଅଛି ସେଗୁଡିକୁ ତୁରନ୍ତ ସମାଧାନ କରି ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ଜିଲ୍ଲାପାଳ ଆଇ.ଆର୍ ବିଡିଓ ପାନୀୟ ଜଳ ଯୋଗାଣକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଠାରୁ ମିଳିଥିବା ଅର୍ଥର ସମୀକ୍ଷା କରାଯାଇଥିଲା। ଏଥିସହିତ ଜୀବିକା ମିଶନ ଓ ଜିଲ୍ଲାରେ ଥିବା ବିଭିନ୍ନ ସ୍କୁଲର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଓ ମରାମତି ପାଇଁ ସମୀକ୍ଷା କରାଯାଇଛି। ଏହି ସମୀକ୍ଷା ବୈଠକରେ ଜିଲ୍ଲାର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ବିଳମ୍ବ ହେବାରୁ ଜିଲ୍ଲାପାଳ ଆଇ.ଆର୍ ଅସନ୍ତୋଷ ପ୍ରକାଶ କରି ଆସିଥିବା ଅର୍ଥକୁ ତୁରନ୍ତ ଅଙ୍ଗନୱାଡି ଗୃହ ନିର୍ମାଣ କରି ସିଡିପିଓ ମାନଙ୍କୁ ହସ୍ତାନ୍ତର କରିବା ପାଇଁ ଉପସ୍ଥିତ ଥିବା ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ନିର୍ମାଣ ସରି ବ୍ୟବହାର ଉପଯୋଗୀ ଥିବା ଅଙ୍ଗନୱାଡି ଗୃହକୁ ତୁରନ୍ତ ବିଡିଓମାନେ ସିଡିପିଓମାନଙ୍କୁ ହସ୍ତାନ୍ତର କରିବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଛି। ଏଥିସହିତ ବିଭିନ୍ନ ବ୍ଲକରେ ଥିବା ବାତ୍ୟା ଆଶ୍ରୟସ୍ଥଳ ଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ମରାମତି କରି ଜରୁରୀ ସମୟରେ ଜନସାଧାରଣ ଆଶ୍ରୟ ନେଇପାରିବେ ସେଥିପ୍ରତି ସମସ୍ତ ବ୍ୟବସ୍ଥା କରିବାକୁ ଏହି ବୈଠକରେ ଆଲୋଚନା କରାଯାଇଛି। ବିଡିଓ, ଅତିରିକ୍ତ ବିଡିଓ, ସହକାରୀ ଯନ୍ତ୍ରୀଙ୍କ ସହ ସମସ୍ତ ଜରୁରୀ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସମସ୍ୟା ଗୁଡିକୁ ସମୀକ୍ଷା କରାଯାଇ କାର୍ଯ୍ୟ ଗୁଡିକ ଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।





# 'ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଏବଂ ଆଇଟି ପ୍ରତିଭା ବିକାଶ' ଆଲୋଚନାଚକ୍ରରେ ମୟୂରଭଞ୍ଜର ପ୍ରତିନିଧିତ୍ୱ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

କୋଲକାତା ସ୍ଥିତ ନୋଭୋଟେଲ ହୋଟେଲ ଆଣ୍ଡ ରେସିଡେନ୍ସିରେ ଅନୁଷ୍ଠିତ ସମ୍ମାନଜନକ ନାସକମ୍ (NASSCOM) CXO କନେକ୍ଟ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ସ୍ୱତନ୍ତ୍ର ନେଟୱର୍କ ଏବଂ ପାରସ୍ପରିକ ଆଲୋଚନା ଅଧିବେଶନରେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ପ୍ରମୁଖ ଆଇଟି ଉଦ୍ୟୋଗୀ, ଶିଳ୍ପ ନେତୃତ୍ୱ ଏବଂ ନାସକମ୍ ସଦସ୍ୟ କମ୍ପାନୀଗୁଡ଼ିକ ନାସକମ୍ ସଭାପତି ରାଜେଶ ନାମ୍ବିଆରଙ୍କ ସହ ଯୋଗଦେଇଥିଲେ। ଉତ୍ତର ଓଡ଼ିଶା ତଥା ମୟୂରଭଞ୍ଜର ପ୍ରତିନିଧିତ୍ୱ କରି ଉଦ୍ୟୋଗୀ ଏବଂ ଶିଳ୍ପ ପ୍ରତିନିଧି ଇଂ ସୌମ୍ୟରଞ୍ଜନ ମିଶ୍ର, ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗକୁ ସୁଦୃଢ଼ କରି ମୟୂରଭଞ୍ଜରେ ଏକ ସ୍ଥାୟୀ ଷ୍ଟାର୍ଟଅପ୍ ଏବଂ ଇନୋଭେସନ୍ ଇକୋସିଷ୍ଟମ୍‌ର ବିକାଶ ସମ୍ପର୍କରେ ରାଜେଶ ନାମ୍ବିଆର୍‌ଙ୍କ ସହ ଅର୍ଥପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ସେ ଆକାଂକ୍ଷା ଆଇଟି ହବ୍' (Aakanksha IT Hub) ମାଧ୍ୟମରେ ଜାରି ରହିଥିବା ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଏହା ଏକ ଉଦୀୟମାନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ଯେଉଁଠାରେ ବର୍ତ୍ତମାନ ପ୍ରାୟ ୯୦ ଜଣ ଆଇଟି ସ୍ନାତକଙ୍କୁ ବୈଷୟିକ କ୍ଷେତ୍ର ପାଇଁ ଶିଳ୍ପ-ଉପଯୋଗୀ ପେସାଦାର ଭାବରେ ପ୍ରଶିକ୍ଷଣ ଦିଆଯାଉଛି। ଜିଲ୍ଲା ପ୍ରଶାସନ ଏବଂ ଆଇଟିଡିଏ (ITDA) ବାରିପଦାର ସହଯୋଗରେ ବାରିପଦାରୁ କାର୍ଯ୍ୟକାରୀ ହେଉଥିବା ଏହି ପଦକ୍ଷେପକୁ ନାସକମ୍ ସଭାପତି ପ୍ରଶଂସା କରିଥିଲେ। ଭାରତର ଅନ୍ୟତମ ବୃହତ୍ତମ ଆଦିବାସୀ ବହୁଳ ଜିଲ୍ଲାରେ ଏଭଳି ପ୍ରଭାବଶାଳୀ କାର୍ଯ୍ୟ କରାଯାଉଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ଏହି ଆଲୋଚନାରେ ମୟୂରଭଞ୍ଜ ଚେମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି (MAYCCI)ର ଭୂମିକା ଉପରେ ମଧ୍ୟ ଧ୍ୟାନ ଦିଆଯାଇଥିଲା, ଯାହା ଅଞ୍ଚଳରେ ଉଦ୍ୟୋଗୀତା, ଷ୍ଟାର୍ଟଅପ୍, ଶିଳ୍ପ ଅଭିବୃଦ୍ଧି ଏବଂ ନବସୃଜନ-ଭିତ୍ତିକ ବିକାଶକୁ ପ୍ରୋତ୍ସାହିତ କରୁଛି। ମୟୂରଭଞ୍ଜରେ ଗଢ଼ି ଉଠୁଥିବା ଏହି ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ପାଇଁ ନାସକମ୍ ପକ୍ଷରୁ ମାର୍ଗଦର୍ଶନ ଏବଂ ପ୍ରାତିଷ୍ଠାନିକ ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ନାମ୍ବିଆର ପ୍ରତିଶ୍ରୁତି ଦେଇଛନ୍ତି। ନାସକମ୍ CXO କନେକ୍ଟ ପରି ଏକ ଜାତୀୟ ସ୍ତରର ଶିଳ୍ପ ମଞ୍ଚରେ ମୟୂରଭଞ୍ଜର ଅଂଶଗ୍ରହଣକୁ ଭାରତର ବିକାଶଶୀଳ ଡିଜିଟାଲ୍ ଅର୍ଥନୀତି ଏବଂ ଷ୍ଟାର୍ଟଅପ୍ ପରିବେଶ ସହିତ ଜିଲ୍ଲାକୁ ଯୋଡ଼ିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି। ଏହି କାର୍ଯ୍ୟକ୍ରମରେ ଆଇଟି ଏବଂ ପ୍ରଯୁକ୍ତିବିଦ୍ୟା ଶିଳ୍ପର ଅନେକ ପ୍ରମୁଖ CXO, ପ୍ରତିଷ୍ଠାତା ଏବଂ ନେତୃବୃନ୍ଦ ଯୋଗଦେଇଥିଲେ, ଯାହା ଆଞ୍ଚଳିକ ନବସୃଜନ ପାଇଁ ନେଟୱର୍କ, ସହଯୋଗ ଏବଂ ଭବିଷ୍ୟତର ସୁଯୋଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ସାବ୍ୟସ୍ତ ହୋଇଛି।

# ଜେ.କେ. ପେପର ମିଲ୍‌କୁ 'ଇଣ୍ଡିଆ ଗୋଲ୍ଡ଼ ଆୱାର୍ଡ-୨୦୨୬' ସମ୍ମାନ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**




ରାୟଗଡ଼ା ଜେକେ କାଗଜ କଳ ଜେକେପୁର, ରାୟଗଡ଼ା ତାଙ୍କର କର୍ପୋରେଟ୍ ସୋସିଆଲ୍ ରେସ୍ପନ୍ସିବିଲିଟି (CSR) କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ "Welfare of Divyangs" ବିଭାଗରେ ଗ୍ରୀନଟେକ୍ CSR ଇଣ୍ଡିଆ ଗୋଲ୍ଡ ଅୱାର୍ଡ ୨୦୨୬ ଦ୍ୱାରା ସମ୍ମାନିତ ହୋଇଛି। ଏହି ପୁରସ୍କାରଟି Greentech CSR India Awards ୨୦୨୬ ଅବସରରେ ମେ ୧୩ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଥିଲା। ରାମଦାସ ଅଠାୱଲେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗର ରାଜ୍ୟମନ୍ତ୍ରୀ, "ମୁଖ୍ୟ ଅତିଥି" ଭାବେ ଉପସ୍ଥିତ ହୋଇ ପୁରସ୍କାର ପ୍ରଦାନ କରିଥିଲେ। ସଂସ୍ଥା ପକ୍ଷରୁ ସ୍ମୃତିରେଖା କର୍ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ସମ୍ମାନଟି ଡିଭ୍ୟାଙ୍ଗ ବ୍ୟକ୍ତିମାନଙ୍କର କଲ୍ୟାଣ ପାଇଁ ସଂସ୍ଥାର ଉଲ୍ଲେଖନୀୟ ପଦକ୍ଷେପକୁ ସ୍ୱୀକୃତି ଦେଇଛି। "ନୂତନ ଜ୍ଞାନ ବର୍ଦ୍ଧିନୀ" ନାମକ ଏକ ବିଶେଷ ବିଦ୍ୟାଳୟ, ଯାହା ରାୟଗଡ଼ା ଜିଲ୍ଲାର କୋଲନରାରେ ଅବସ୍ଥିତ, ସେଠାରେ ମନୋବୃତ୍ତିକ ଅସମର୍ଥ ଶିଶୁମାନଙ୍କୁ ଶିକ୍ଷା, ଫିଜିଓଥେରାପି ଏବଂ ସାର୍ବିକ ବ୍ୟକ୍ତିତ୍ୱ ବିକାଶ ସହାୟତା ଦିଆଯାଉଛି। ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଏହାରୁ ଲାଭାନ୍ୱିତ ହେଉଛନ୍ତି। ଏହି ପ୍ରକଳ୍ପଟି ଜିଲ୍ଲା ସମାଜ କଲ୍ୟାଣ ବିଭାଗ ସହଯୋଗରେ ପରିଚାଳିତ ହେଉଛି। ଦିବ୍ୟାଙ୍ଗ ଯୁବମାନଙ୍କ ମଧ୍ୟରେ କ୍ରୀଡା ପ୍ରୋତ୍ସାହନ ପାଇଁ ମଧ୍ୟ ସଂସ୍ଥା ବିଭିନ୍ନ ପଦକ୍ଷେପ ନେଇଛି। ବିଶେଷକରି ପ୍ରତିଭାଶାଳୀ ପାରା-ଖେଳାଳି L. Ramesh Kumarଙ୍କୁ ନିରନ୍ତର ସମର୍ଥନ ଯୋଗାଇ ଆସୁଛି। ସେ ଜାପାନ, ମାଲେସିଆ ଓ ଶ୍ରୀଲଙ୍କା ଭଳି ଦେଶରେ ଆୟୋଜିତ କାରାଟେ, କୁଙ୍ଗଫୁ ଓ ତାଇକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। କଳା ବେଲ୍ଟ ଧାରୀ ରମେଶ କୁମାର ବିଭିନ୍ନ ଆନ୍ତର୍ଜାତୀୟ ମଞ୍ଚରେ ସୁନା, ରୂପା ଓ କାଞ୍ଚ ପଦକ ଜିତି ରାୟଗଡ଼ା ଓ ସଂସ୍ଥାର ଗର୍ବ ବଢ଼ାଇଛନ୍ତି। ତାଙ୍କର ଏହି ଯାତ୍ରାରେ ଜେକେ ପେପର୍ ମିଲ୍ସ ଆର୍ଥିକ ସହାୟତା ଯୋଗାଇ ଆସୁଛି। ଏହା ସହିତ, ଜିଲ୍ଲା ସ୍ତରର ଦିବ୍ୟାଙ୍ଗ ଖେଳାଳିମାନଙ୍କୁ ବିଭିନ୍ନ ପାରା-ସ୍ପୋର୍ଟସ୍ ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ସମଗ୍ର ସହଯୋଗ ମଧ୍ୟ ଯୋଗାଯାଉଛି, ଯାହା ତାଙ୍କର ଆତ୍ମବିଶ୍ୱାସ ଓ ସାମାଜିକ ସମାବେଶକୁ ବଢ଼ାଇଛି। ଏହି ପ୍ରୟାସମାନେ ପାର୍ଶ୍ୱବର୍ତୀ ଗ୍ରାମମାନଙ୍କର ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଜୀବନରେ ଲକ୍ଷଣୀୟ ପରିବର୍ତ୍ତନ ଆଣିଛି। CSR କାର୍ଯ୍ୟକ୍ରମ ଅଧୀନରେ ସଂସ୍ଥା ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପାଇପାଇଁ ଢାଞ୍ଚା ଓ ସଂସ୍କୃତି-କ୍ରୀଡା ପ୍ରଚାରରେ ସକ୍ରିୟ ଭାବେ କାମ କରୁଛି। ଜେକେ ପେପର୍ ମିଲ୍ସ, ରାୟଗଡ଼ା ୟୁନିଟ୍‌ର ଏକ୍ଜିକ୍ୟୁଟିଭ୍ ଭାଇସ୍ ପ୍ରେସିଡେଣ୍ଟ (ୱର୍କ୍ସ) ବିନୟ ଦ୍ୱିବେଦୀ PR I CSR ଟିମ୍‌ର ପ୍ରୟାସକୁ ପ୍ରଶଂସା କରି ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ଆଗାମୀ ଦିନରେ ମଧ୍ୟ ସମାଜ ଉନ୍ନତି ପାଇଁ ଏପରି କାର୍ଯ୍ୟକ୍ରମ ଅବ୍ୟାହତ ରହିବ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧ ଲରଚବୃ / ୨ ବୃଶୁ | ୧୨ମ | ଶ୍ର୧୧ / ୧୦ରା |
| ୩ | ୩ / ୨ | ୯ |
| ୪କେ / ୫ | ୬ | ୭ / ୮ |

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୭।୦୫।୨୦୨୬, ଜୈଷ୍ଠ ଦି୩ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୧୩।୦୩ ଚନ୍ଦ୍ରୋଦୟ- ନିଘ ୫।୩୩।୨୧**

**ପ୍ରତିପଦ-** ରାଘ ୯।୪୩ ପର୍ଯ୍ୟନ୍ତ, କୃତ୍ତିକା ନକ୍ଷତ୍ର ଦିଘ ୨।୩୩ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର। **ଘାତଚନ୍ଦ୍ର-** ବିଛା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ରାଘ ୯।୪୩ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୯ ଗତେ ଦିଘ ୯।୩୫ ମଧ୍ୟେ ଦିଘ ୧।୨୨ ଗତେ ଦିଘ ୨।୪୫ ମଧ୍ୟେ। **ପର୍ବୋତ୍ସବ-** ବିଶ୍ୱ ଦୂରସଂଚାର ଦିବସ, ମଳମାସ ଆରମ୍ଭ।

**ମେଷ:** ଶତ୍ରୁ ନାଶ ହେବ। ପରୋପକାରୀ ହେବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଆନନ୍ଦ ଦେଖାଦେବ। ବ୍ୟବସାୟରେ ଲାଭବାନ୍ ହେବେ। ମହିଳାମାନେ ସୁଖୀ ହେବେ। ଶରୀର ସୁସ୍ଥ ରହିବ ।

**ବୃଷ:** ଦେହ ଭଲ ରହିବ। କର୍ମକ୍ଷେତ୍ରରେ କାର୍ଯ୍ୟହାସଲ ହେବ। ଦେବ ଦର୍ଶନ ସହ ମାଙ୍ଗଳିକ କାର୍ଯ୍ୟରେ ମଧ୍ୟ ଯୋଗଦେଇପାରନ୍ତି। ରୋଜଗାର ଭଲ ରହିବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।

**ମିଥୁନ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। କୌଶଳକ୍ରମେ କାର୍ଯ୍ୟ ହାସଲ କରିପାରନ୍ତି। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଉତ୍ତମ ଭୋଜନ କରିପାରନ୍ତି।

**କର୍କଟ:** ଶରୀରରୁ ସାମାନ୍ୟ ଅସୁସ୍ଥତା ଉପଶମ ମିଳିବ। ଆୟର ପରିମାଣ ବଢ଼ିବ। ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଭଲ। ପାରିବାରିକ ଜୀବନ ସୁଖମୟ ହେବ। ଭ୍ରମଣ ଯୋଗ ରହିଛି ।

**ସିଂହ:** ସାଧନାରେ ସିଦ୍ଧି ଲାଭ କରିବେ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଆୟର ପରିମାଣ ସ୍ଥିର ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମହିଳାମାନେ ସୁଖୀ ହେବେ ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଆୟ ଓ ବ୍ୟୟ ସ୍ଥିର ରହିବ। ଘରେ ଶାନ୍ତି ରହିବ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ସାପେକ୍ଷ ଜନିତ ହେବ ।

**ତୁଳା:** ଶତ୍ରୁ ନାଶ ହେବେ। ପରିଶ୍ରମର ପରିମାଣ ଅଧିକ ମାତ୍ରାରେ କରିବାକୁ ପଡ଼ିବ। ହଠାତ୍ କୌଣସି ଏକ ଜାଗାରୁ ଶୁଭ ଖବର ଆସିନାରେ। ବ୍ୟୟର ପରିମାଣ ଅଧିକ ହେବ। ଘରେ ଆନନ୍ଦ ଲାଭ ।

**ବିଛା:** ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ହେବନାହିଁ। ବ୍ୟବସାୟରେ ଲାଭବାନ୍ ହେବେ। ଆୟରେ ଉନ୍ନତି ଦେଖାଦେବ। ପାରିବିରକ ସୁଖ ଲାଭ ହେବ। ମହିଳାମାନେ ସୁଖୀ ହେବେ। ବନ୍ଧୁ ଦର୍ଶନ।

**ଧନୁ:** ସାଧନାରେ ସିଦ୍ଧି ଲାଭ କରିବେ। ପରୋପକାର କରି ଆନନ୍ଦିତ ହେବେ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ରୋଜଗାର ଭଲ ହେବ। ଘରେ ଶାନ୍ତି ଲାଭ ହେବ। ଉତ୍ତମ ଭୋଜନ କରିପାରନ୍ତି ।

**ମକର:** ଶରୀର ସୁସ୍ଥ ରହିବ। ଆୟର ପରିମାଣ ବୃଦ୍ଧି ପାଇବ। ବନ୍ଧୁ ଦର୍ଶନ ସହିତ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ। ପରିବାରରେ ପିଲାଙ୍କ ପାଇଁ ଖୁସିର ମାହୋଲ ଲାଗି ରହିବ। ରୋଜଗାର ଭଲ ହେବ ।

**କୁମ୍ଭ:** ପାରିବାରିକ ଶାନ୍ତି ମିଳିବ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। ଖର୍ଚ୍ଚର ମାତ୍ରା ସାମାନ୍ୟ ବଢ଼ିପାରେ। କୁଭୋଜନ କରି ଉଦରରେ ସାମାନ୍ୟ ପୀଡ଼ା ଦେଖାଦେଇପାରେ। ମହିଳାମାନେ ସୁଖୀ ହେବେ ।

**ମୀନ:** ବନ୍ଧୁମାନଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି। ଶୁଭ କାର୍ଯ୍ୟରେ ଲିପ୍ତ ହେବେ। ପରୋପକାର କରି ଆନନ୍ଦିତ ହେବେ। ଘରେ ସୁଖ ଲାଭ। ଆୟ ଓ ବ୍ୟୟ ସମାନ ରହିବ। ଦୂରଯାତ୍ରା କରିପାରନ୍ତି।

# ୩ ବାଲି ବୋଝେଇ ହାଇୱା ଅଟକ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ୩ଟି ବାଲି ବୋଝେଇ ହାଇୱା ଅଟକ ରଖାଯାଇଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ବିଳମ୍ବିତ ରାତିରେ ବୌଦ୍ଧ ତହସିଲ ଓ ପୋଲିସ ପକ୍ଷରୁ ବୌଦ୍ଧ ସହର ମଧ୍ୟରୁ ବାଲି ବୋଝେଇ ୩ଟି ହାଇୱାକୁ ଯାଞ୍ଚ କରି ବାଲି ଚାଲାଣ ଓ ପରିବହନ ସମ୍ପର୍କିତ କାଗଜପତ୍ର ନଥିବାରୁ ଅଟକ ରଖିଥିଲା । କାଗଜପତ୍ର ଯାଞ୍ଚ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖଣି କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି । ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଖଣି ଅଧିକାରୀ ପର୍ଶୁରାମ ପ୍ରଧାନଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିଲେ। ପ୍ରକାଶଥାଉକି କିଛିଦିନ ତଳେ ବାଲି ଚୋରାଚାଲାଣକୁ ନେଇ ପ୍ରଗତିବାଦୀରେ ଖବର ପ୍ରକାଶ ପାଇଥିଲା। ଏନେଇ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୮।୦୫।୨୦୨୬, ଜୈଷ୍ଠ ଦି୪ନ, ସୋମବାର**


**ସୂର୍ଯ୍ୟୋଦୟ- ଘ ୫।୧୧।୪୦ ଚନ୍ଦ୍ରୋଦୟ- ପ୍ରାଘ ୬।୦୨।୪୮**

**ଦ୍ୱିତୀୟା-** ସଂଘ ୫।୫୫ ପର୍ଯ୍ୟନ୍ତ, ରୋହିଣୀ ନକ୍ଷତ୍ର ଦିଘ ୧୧।୩୪ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ରାଘ ୧୦।୦୭ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର। ରାଘ ୧୦।୦୭ ଗତେ ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** ବିଛା ରାଶିର। ରାଘ ୧୦।୦୭ ଗତେ କନ୍ୟା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ସଂଘ ୫।୫୫ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୩ ଗତେ ଦିଘ ୧୦।୨୭ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ବିଦେଶ ଯାତ୍ରା ପାଇଁ ଲାଗୁ ହେବନାହିଁ ଟିକସ

ବିଦେଶ ଯାତ୍ରା ଉପରେ ଭାରତ ସରକାର ଟିକସ-ସେସ୍ ଲାଗୁ କରିବାକୁ ବିଚାର କରୁଛନ୍ତି ବୋଲି ପ୍ରକାଶିତ ଖବରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖଣ୍ଡନ କରିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ମୋଦି ଲେଖିଛନ୍ତି ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏଥିରେ କାଣିଚାଏ ସତ ନାହିଁ। ବିଦେଶ ଯାତ୍ରା ଉପରେ ଏଭଳି କଟକଣା ଲଗାଯିବାର ପ୍ରଶ୍ନ ହିଁ ଉଠୁନାହିଁ । ଆମେ ନିଜ ଲୋକଙ୍କ ପାଇଁ ଇଜ୍ ଅଫ୍ ଡୁଇଂ ବିଜିନେସ ଏବଂ ଇଜ୍ ଅଫ୍ ଲିଭିଂକୁ ଉନ୍ନତ କରିବା ଲାଗି ସମ୍ପୂର୍ଣ୍ଣ ଭାବେ ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି କହିଛନ୍ତି । ଭାରତ ସରକାର ବିଦେଶ ଯାତ୍ରା ଉପରେ ଟିକସ, ସେସ୍ କିମ୍ବା ସରଚାର୍ଜ ଲଗାଇବାକୁ ବିଚାର କରୁଛନ୍ତି ବୋଲି ଖବର ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ଏଭଳି ସ୍ପଷ୍ଟୀକରଣ ଦିଆଯାଇଛି । ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁ ସୃଷ୍ଟି ହୋଇଥିବା ତୈଳ ସଙ୍କଟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମେ ୧୧ ତାରିଖରେ ଗୁଜରାଟର ବଡୋଦରା ଠାରେ ପେଟ୍ରୋଲ-ଡିଜେଲର ବ୍ୟବହାର କମାଇବାମେଟ୍ରୋ, ଇଲେକ୍ଟ୍ରିକ ବସ୍ ଓ ସାର୍ବଜନୀନ ପରିବହନ ବ୍ୟବସ୍ଥାର ଉପଯୋଗ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ । ସେହିଭଳି ସେ ବିଦେଶରେ ରହୁଥିବା ଭାରତୀୟଙ୍କୁ ବିଦେଶ ଯାତ୍ରା ନ କରିବାକୁ କହିଥିଲେ । ଏଥିସହ ୫ ଜଣ ବିଦେଶୀ ନାଗରିକଙ୍କୁ ଭାରତ ଆଣିବାକୁ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ସୁନା ଆମଦାନୀ ଯୋଗୁ ଦେଶରୁ ବିପୁଳ ଅର୍ଥ ବିଦେଶ ଚାଲିଯାଉଛି । ତେଣୁ ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ସୁନା ନ କିଣିବାକୁ ସେ ଅପିଲ କରିଥିଲେ । ସେହିଭଳି ଏହା ପୂର୍ବରୁ ମେ ୧୦ ତାରିଖରେ ହାଇଦ୍ରାବାଦରେ ମୋଦି ଦେଶ ହିତ ପାଇଁ ୧ ବର୍ଷ ପର୍ଯ୍ୟନ୍ତ ସୁନା ନ କିଣିବାକୁ ପରାମର୍ଶ ଦେଇଥିଲେ । ଏଥିସହ ଅନାବଶ୍ୟକ ଯାନବାହନ ଉପଯୋଗ କମାଇବା, ମେଟ୍ରୋରେ ଯାତ୍ରା କରିବା ଏବଂ କାର ପୁଲିଂ କରିବାକୁ କହିଥିଲେ । ଏଥିସହ ଦେଶ ହିତରେ ବିବାହ, ଛୁଟି ଓ ଅନ୍ୟାନ୍ୟ କାରଣରୁ ବିଦେଶ ଯାତ୍ରା ଅନ୍ତତଃ କିଛି ଦିନ ପର୍ଯ୍ୟନ୍ତ ବନ୍ଦ କରିଦେବାକୁ ମଧ୍ୟ ସେ କହିଥିଲେ । ଏକ ରିପୋର୍ଟରେ ଦାବି କରାଯାଇଛି ଯେ, କେନ୍ଦ୍ର ସରକାର ବିଦେଶ ଯାତ୍ରା ଉପରେ ଟିକସ, ସରଚାର୍ଜ ଲଗାଇବା ପାଇଁ ଏକ ପ୍ରସ୍ତାବ ଉପରେ ବିଚାର କରୁଛନ୍ତି । ରିପୋର୍ଟ ଅନୁଯାୟୀ, ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ଏବଂ ଏହା ଫଳରେ ସୃଷ୍ଟି ହୋଇଥିବା ଆର୍ଥିକ ଚାପର ସମାଧାନ ପାଇଁ ଏହି ପ୍ରସ୍ତାବ ବିକଶିତ କରାଯାଉଛି । ରିପୋର୍ଟରେ ପରାମର୍ଶ ଦିଆଯାଇଛି ଯେ ଏହି ସରଚାର୍ଜକୁ ଗୋଟିଏ ବର୍ଷ ପାଇଁ ଅସ୍ଥାୟୀ ଭାବରେ ଲାଗୁ କରାଯାଇପାରିବ, ଯାହାର ଆୟ ସିଧାସଳଖ କେନ୍ଦ୍ର ସରକାରଙ୍କୁ ଯିବ । ଏହା ମଧ୍ୟ ଦାବି କରାଯାଇଛି ଯେ, ବୃଦ୍ଧି ପାଉଥିବା ଅଶୋଧିତ ତୈଳ ମୂଲ୍ୟ ଏବଂ ଆମଦାନୀ ଖର୍ଚ୍ଚର ପ୍ରଭାବକୁ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯାଇପାରେ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଚରିତ୍ର

ଶ୍ରଦ୍ଧେୟ ଭକ୍ତବୃନ୍ଦ,ଏହି ସମାଜରେ ପ୍ରତ୍ୟେକ ମନୁଷ୍ୟ ସ୍ୱାଭିମାନୀ,ଧନୀ ହେଉ କି ଗରିବ ହେଉ । ଛୋଟ ହେଉ କି ବଡ ହେଉ ଜାତି ହେଉ କି ଅଜାତି ହେଉ ସମସ୍ତଙ୍କୁ ଈଶ୍ୱର ସୃଷ୍ଟିକୁ ପଠାଇଛନ୍ତି । ତେଣୁ ଏ ସୃଷ୍ଟିରେ ଯିଏ ଯେଉଁ ଅଭିନୟ କରିବାକୁ ଆସିଛି ସେ କରିବ । ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । କିନ୍ତୁ ଏ ଚରିତ୍ର ଶବ୍ଦଟି ବଡ ଜଟିଳ,ପାନରୁ ଚୂନ ଖସିଗଲେ କଥା ସଇଲା,କିନ୍ତୁ ସୁଧିବୃନ୍ଦ ସବୁ ଚରିତ୍ରର ସଂଯୋଗ ସମାନ ନୁହେଁ,ଅନ୍ୟର ଚରିତ୍ରକୁ ଆକ୍ଷେପ କରିବା ପୂର୍ବରୁ ନିଜର ଚରିତ୍ରକୁ ସମୀକ୍ଷା କର,ପ୍ରକୃତରେ ତମ ଚରିତ୍ରରେ କଣ ଦାଗ ଲାଗିନାହିଁ ?କାୟ,ମନ,ବାକ୍ୟ ଦ୍ୱାରା କେଉଁଠି ନା କେଉଁଠି ଦାଗ ଥିବ ତାକୁ ସମୀକ୍ଷା କର । ତାପରେ ଯାଇ ଅନ୍ୟର ଚରିତ୍ର ଉପରକୁ କଥା ଉଠାଇବ । କିନ୍ତୁ କଥାରେ ଅଛି ଯାହା ନଦେଖିବ ଦୁଇନୟନେ,ପରତେ ନ ଯିବ ଗୁରୁ ବଚନେ,ଏହି କଥାଟିକେ ବିଚାର କରନ୍ତୁ,ଶୁଣିବା କଥା କି କାନ କୁହାକଥାରେ ଭାସିଯାଅନାହିଁ,ଫଳ ହେବ ବିପରୀତ ସାବଧାନ । ହରିଓଁ ।

### ବାଧକ ନଥିଲେ ସାଧକ ନୁହେଁ

ହେ ସୁଧିଜନ ଦୁଃଖ ନଥିଲେ ସୁଖ ନାହିଁ । ଦିନ ନଥିଲେ ରାତି ନାହିଁ । ବାଧା ନଥିଲେ ଜଣେ ସାଧୁ ହୋଇପାରେ ନାହିଁ । କାରଣ ବାଧକ ହିଁ ଅଗ୍ନି,ତେଜ,ଶକ୍ତିକୁ ଉତ୍ପନ୍ନ କରିଥାଏ ସାଧକର ଶରୀର ଭିତରେ,ସେହିଁ ଗୁରୁ,ସେହିଁ ଅଚେତ ଘଟକୁ ଚେତନା ରୂପକ ଚୈତନ୍ୟ ଶକ୍ତିକୁ ସାଧକକୁ ଆଧାର ଦେଇଥାଏ । ତେଣୁ କଥାରେ ଅଛି କଷ୍ଟ କଲେ କୃଷ୍ଣ ମିଳନ୍ତି । ସେଠାରେ ଧନ ଲେଖାନଥାଏ । ଭକ୍ତ ହେଉ କି ଶିଷ୍ୟ ହେଉ କି ସାଧକ ହେଉ ତାକୁ ପ୍ରଥମେ ତାର ଲକ୍ଷ କଣ ବୁଝିବାକୁ ପଡିବ । ସେହି ଲକ୍ଷ ସ୍ଥଳରେ ପହଞ୍ଚିବା ପାଇଁ ତାକୁ ସେହିପରି ବିନମ୍ରତା ,ସାଧୁତା,ସତ୍ୟତା,ସଂଯମତା,ସେବା,ଦୟାଭାବ,ଦାନଭାବ ଉପରେ ଗୁରୁତ୍ୱ ଦେବାକୁ ପଡିଥାଏ ।ଏହି ସବୁ ହେଉଛି ମାୟାର ବାଧକ । ଏହାହିଁ ସରଳ ସାଧନା ବା ସାଧନାର ମାର୍ଗ ।ତେଣୁ ଗୁରୁମୁଖୀ ହୋଇ କର୍ମରେ ଦେଖିବ ତୁମର ନିଶ୍ଚୟ ସାଧନା ମାର୍ଗରେ ସିଦ୍ଧି ଲାଭ ହୋଇପାରିବ । ହରିଓଁ ।

(କ୍ରମଶଃ ...)

◆◆

# "ସମାଜ ମୋତେ କରିଛି ବଡ, ଶୁଝିବି ଋଣ ନ ହୋଇ ଜଡ଼"



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରାଧ୍ୟାପକ ଓ ଉପ ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ajayakumarnanda@gmail.com

**(ମଣିଷ ଭୁଲିଯାଉଛି ଯେ ତା'ର ଜୀବନର 'ସାମୁହିକ ଅଭିବୃଦ୍ଧି' ପଛରେ ସାମାଜିକ ପ୍ରଭାବର ଭାଗୀଦାର ଅଧିକ ଥାଏ । ସାମାଜିକ ଚେତନା ମଣିଷ ମନରେ ଆଶ୍ୱସ୍ତି ଆଣିବା ସହ ଦୃଢମନା କରେ, ଯାହା ଜୀବନର ଲକ୍ଷ୍ୟ ବା ସିଦ୍ଧି ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।)**

ସାମାଜିକ ପ୍ରାଣୀ ହିସାବରେ ମଣିଷ ସମାଜ ପ୍ରତି ପ୍ରତିବଦ୍ଧତା ହେବା ଏକ ସହଚର ଗୁଣ, ଯାହାକୁ ପାଥେୟ କରି ଏକ ସୁସ୍ଥ ସମାଜ ଗଠନରେ ଅନେକ ଭାଗୀଦାର ହୋଇଥାଏ। ମଣିଷ ଅନେକ ସମୟରେ ସାଧୁ, ସନ୍ଥ, ମୁନି, ଋଷି ମାନଙ୍କ ପ୍ରଦତ୍ତ ଅନେକ ହିତୋପଦେଶକୁ ଦୈନନ୍ଦିନ ଜୀବନରେ ଉପଯୋଗ କରି ପ୍ରତିକୂଳ ପରିସ୍ଥିତିରେ ସାମ୍ନା କୁ ଆସୁଥିବା ଅନେକ ଜଟିଳ ସମସ୍ୟାକୁ ସହଜରେ ଟାଳି ପାରିଥାନ୍ତି । ଅନ୍ୟପ୍ରତି ସ୍ନେହ, ଶ୍ରଦ୍ଧା, ମମତା, ସାହାଯ୍ୟ, ସହାୟତା ଭଳି ମହତ ଗୁଣ ମଣିଷ ମଧ୍ୟରେ ନିବିଡତା ବଢାଇବା ସହିତ ଉଭୟ ପାରିବାରିକ ଓ ସାମାଜିକ ସମ୍ପର୍କ କୁ ଦୃଢ଼ କରେ, ବର୍ତ୍ତମାନ ଯାହାର ପ୍ରାସଙ୍ଗିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜୀବନ ଆନନ୍ଦ ର ଅନ୍ୟ ଏକ ଭାଷା ହେଉଛି "ସର୍ବଦା କୃତଜ୍ଞ ହେବା, କୃତଘ୍ନ ହେବା ନାହିଁ"। "କୃତଜ୍ଞତା" ପ୍ରବୃତ୍ତି ମଣିଷର ଏକ ବ୍ୟକ୍ତିଗତ ସ୍ୱଭାବ, ଯାହା ମଣିଷ ହୃଦୟରେ ସର୍ବଦା "ପରୋପକାରାୟ ସ୍ୱର୍ଗାୟ" ଭଳି ଐଶ୍ୱରୀକ ଅନୁଭବ ଜାଗ୍ରତ କରିବାରେ ସହାୟକ ହୋଇଥାଏ। ଅପରପକ୍ଷେ 'କୃତଘ୍ନ' ହେଉଛି ମଣିଷ ର ଏକ ମନ୍ଦ ପ୍ରବୃତ୍ତି, ଯାହା ଅନ୍ୟକୁ ବହୁତ ବ୍ୟଥିତ କରିବା ସହିତ ଶତ୍ରୁତା ବଢାଇବା ରେ ଅନେକ ଖୋରାକ ଯୋଗାଏ। ଅନ୍ୟପକ୍ଷରେ ମନରେ ଜାଗ୍ରତ ହେଉଥିବା "ସକାରାତ୍ମକ ମନୋଭାବ" ମଣିଷକୁ ସର୍ବଦା ଆଗକୁ ବଢିବାରେ ପ୍ରେରଣା ଦେବା ସହ ମନୋବଳକୁ ଦୃଢ଼ କରିବାରେ ବେଶ୍ ସହାୟକ ହୋଇଥାଏ। ବର୍ତ୍ତମାନର ବସ୍ତୁବାଦୀ ଦୁନିଆରେ ଲୋକମାନେ ଭୋଗ, ପ୍ରାଚୁର୍ଯ୍ୟ ରେ ବୁଡି ରହିବା ସହିତ ଅତ୍ୟଧିକ ସ୍ୱାର୍ଥପରତା ଆଚରଣ, ପରୋକ୍ଷରେ ଅନେକ ଅପ୍ରୀତିକର ପରିସ୍ଥିତି ଉପୁଜିବାରେ ସାହଯ୍ୟ କରୁଛି ଯାହା ପାରିବାରିକ ଜୀବନ ଦୁର୍ବିସହ ହେବା ସହିତ ସାମାଜିକ ଗଠବନ୍ଧନ ସଶକ୍ତ କରିବାରେ ଅନେକ ପ୍ରତିକୂଳ ପ୍ରଭାବ ପକାଉଛି । ମଣିଷ ଭୁଲିଯାଉଛି ଯେ ତା'ର ଜୀବନର 'ସାମୁହିକ ଅଭିବୃଦ୍ଧି' ପଛରେ ସାମାଜିକ ପ୍ରଭାବର ଭାଗୀଦାର ଅଧିକ ଥାଏ । ସାମାଜିକ ଚେତନା ମଣିଷ ମନରେ ଆଶ୍ୱସ୍ତି ଆଣିବା ସହ ଦୃଢମନା କରେ, ଯାହା ଜୀବନର ଲକ୍ଷ୍ୟ ବା ସିଦ୍ଧି ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସବୁଠାରୁ ବଡ କଥା ହେଉଛି "ଦାରିଦ୍ର୍ୟତା" ଗୀତା କୁ ଯିଏ ଯେତେ ଭଲଭାବରେ ବୁଝିଛି, ସେ ଜଣେ ଅଭାବୀ ଲୋକ ନୀରବ ଭାଷା, ମନର କଥା ଓ ଆବଶ୍ୟକତା କୁ ସହଜରେ ଉପଲବ୍ଧ କରିପାରେ। ପରବର୍ତ୍ତୀ ସମୟରେ ଅଭାବୀ ଲୋକର ଆବଶ୍ୟକତା ପୂରଣ ଲାଗି ଅନେକ ସୁଯୋଗ ଖୋଜିବା ସହିତ ତା' ମୁହଁ ରେ ହସ ଫୁଟାଇ ବେଶ୍ ଆତ୍ମତୃପ୍ତି ଲାଭ କରେ । ଅନ୍ୟପକ୍ଷରେ କହିଲେ "ଦାତା" ସେତେବେଳେ ନିଜର ଆତ୍ମତୃପ୍ତି ଭଲ ଭାବରେ ବ୍ୟାଖ୍ୟା କରିପାରିବ ଯେତେବେଳେ ସେ ଅନ୍ୟ ର ଅଭାବ କୁ ପୁରଣ କରିପାରେ । ସମାଜରେ ଏଭଳି ଅନେକ ଲୋକ ଅଛନ୍ତି ଯିଏ ସାମାଜ ସେବା କୁ ନିଜ ର ବ୍ରତ ବା ବୃତ୍ତି ରୂପେ ଆଦରି ନେବା ସହିତ ଅବହେଳିତ ଲୋକଙ୍କୁ ସମାଜ ର ମୁଖ୍ୟ ସ୍ରୋତ ରେ ସାମିଲ କରିବା ପାଇଁ ଅହରହ ଚେଷ୍ଟା ଜାରି ରଖିଥାନ୍ତି। ରାଜ୍ୟ ବା ରାଜ୍ୟ ବାହାରେ ବଣ ଜଙ୍ଗଲରେ ବସବାସ କରୁଥିବା ନିରୀହ ତଥା ଅବହେଳିତ ଆଦିବାସୀ ମାନଙ୍କୁ ଶିକ୍ଷା ମାଧ୍ୟମରେ ସମାଜର ମୁଖ୍ୟ ସ୍ରୋତ ରେ ସାମିଲ କରିବା କଥା ଆଲୋଚନା ବେଳେ, ଜଣେ ଉଦାରମନା ବ୍ୟକ୍ତିତ୍ୱ ଚେହେରା ଆଗକୁ ଆସେ ସେ ହଉଛନ୍ତି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ। ଅତି ସରଳ ଜୀବନଯାପନ କରୁଥିବା, ଉଦାରମନା ବ୍ୟକ୍ତିତ୍ୱ ଙ୍କ ଦୃଢ଼ ଇଚ୍ଛା ଶକ୍ତି ଅନ୍ୟ ମାନଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ବା ଆଶା ର କିରଣ ରୂପେ ପ୍ରତୀୟମାନ ହେଉଛି । ତାଙ୍କ ହୃଦୟ ର ପରିଭାଷା ହେଉଛି ଯେଉଁ ସାମାଜ ମୋତେ ବିଶ୍ୱ ଦରବାରରେ ପରିଚୟ ଦେଇଛି ତା' ପାଇଁ ଜୀବନ ସାରା କିଛି କରି ଚାଲିବି। ଏଭଳି ଏକ ପଣ ରଖି ସେ କହିଛନ୍ତି "ସମାଜ ମୋତେ କରିଛି ବଡ, ଶୁଝିବି ଋଣ ନ ହୋଇ ଜଡ" । ଏହାକୁ ତର୍ଜମା କଲେ ଏଥିରେ ଯେଉଁ ଅସଲ ମହତ୍ ତତ୍ତ୍ୱ ଅନ୍ତଃନିହିତ ଅଛି ତାହା ହେଉଛି 'ସାମାଜିକ ଉନ୍ନତି ପାଇଁ ପ୍ରତିବଦ୍ଧତା'। ଈଶ୍ୱରଙ୍କ କୃପାରୁ ଜୀବନରେ ଅନେକ ସିଦ୍ଧି ହାସଲ କରିବା ସହିତ ସମାଜର ବିଭିନ୍ନ ବର୍ଗ ଙ୍କ ସାମୁହିକ ହିତପାଇଁ ଏକ ମହାନ ଆକାଂକ୍ଷା ହେଉଛି "ଆର୍ଟ ଅଫ୍ ଗିଭିଂ" ଯାହା ତାଙ୍କ ଜୀବନ ଦର୍ଶନର ଏକ ବାସ୍ତବ ପରିକଳ୍ପନା । ଏହି ଅଭିନବ ପ୍ରଚେଷ୍ଟା ମାଧ୍ୟମ ରେ ବିଭିନ୍ନ ବର୍ଗର ଲୋକଙ୍କୁ ସାହାଯ୍ୟ, ସହଯୋଗ, ସହାନୁଭୂତିର ହାତ ବଢ଼ାଇ ସମାଜରେ ଏକ ଅନ୍ୟନ ପରିଚୟ ସୃଷ୍ଟି କରିଛନ୍ତି। ୧୯୧୩ ମସିହା "ମେ" ୧୭ ତାରିଖରେ ଆରମ୍ଭ ହୋଇଥିବା ଏହି ପ୍ରଚେଷ୍ଟା ଟି ବର୍ତ୍ତମାନ ଦେଶ, ବିଦେଶରେ ରେ ବେଶ୍ ଆଦୃତି ଲାଭ କରିବା ସହିତ ଏକ ବିରାଟ ଜନଆନ୍ଦୋଳନ ରେ ପରିଣତ ହୋଇଛି । ଚଳିତ ବର୍ଷ ଏହି ଅନୁଷ୍ଠାନ ତା'ର ୧୩ ତମ ବର୍ଷ ରେ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳନ କରୁଛି। ପ୍ରତି ବର୍ଷ ଭଳି, ଚଳିତ ବର୍ଷର ଏକ ଅଭିନବ ସ୍ଲୋଗାନ ଟି ହେଉଛି "ସେୟାର ଟୁ ସାଇନ୍" ବା "ଦେଇଥିଲେ ପାଇ" । ଏହା ଆମ ସମସ୍ତଙ୍କ ପାଇଁ ଏକ ମହାନୁଭବର ତଥା ପ୍ରେରଣାଦାୟୀ ବାର୍ତ୍ତା। ଦେବାର ଇଚ୍ଛା କୁ ମନ ଭିତରେ ଜାଗ୍ରତ କରିବା ହେଉଛି ଏହାର ମୂଳ ଉଦ୍ଦେଶ୍ୟ। ଦେବା କେବଳ ଟଙ୍କା, ପଇସା, ଧନ, ରତ୍ନ ମାଧ୍ୟମ ରେ ଅନ୍ୟର ଆବଶ୍ୟକତା ପୂରଣ କରିବାର ଏକମାତ୍ର ମାପକାଠି ନୁହେଁ । ଅନ୍ୟକୁ ସ୍ନେହ, ଆଦର, ମିଠାକଥା, ଛୋଟ ମୋଟ ଉପହାର, ଅସମୟ ରେ ଅନ୍ୟକୁ ଆବଶ୍ୟକ ସାହାଯ୍ୟ, ସହଯୋଗ, ଭଲ ଉପଦେଶ ଦେଇ ମନ କିଣିବା ହେଉଛି "ଦେବା" ର ଅସଲ ଉଦ୍ଦେଶ୍ୟ। ଅନ୍ୟପକ୍ଷରେ କହିଲେ "ଦେବା" ହେଉଛି ଏକ କଳା, ଏହା ଏକ କଷ୍ଟସାଧ ପ୍ରବୃତ୍ତି ହେଲେ ମଧ ଏହାକୁ କରାୟତ କରିପାରିଲେ, ଏହା ନିଶ୍ଚିତ ଭାବେ ଅନେକ ଲୋକଙ୍କ ଆବଶ୍ୟତା କୁ ପୂରଣ କରିପାରିବ ଏଥିରେ ସନ୍ଦେହ ନାହିଁ । ଆର୍ଟ ଅଫ୍ ଗିଭିଂ ଏପରି ଏକ ପରିକଳ୍ପନା ଯାହା ଲୋକଙ୍କ ହିତ ଲଗି ପ୍ରଯୁଜ୍ୟ। ଅତୀତରେ ଏହି ପ୍ରଚେଷ୍ଟା, କୋଭିଡ ମହାମାରୀ ଭଳି ସଙ୍କଟ ସମୟରେ ପଶୁ, ପକ୍ଷୀ ମାନଙ୍କୁ ଖାଦ୍ୟ ବିତରଣ କରି ଏକ ଦୃଷ୍ଟାନ୍ତ ରଚନା କରିଥିଲା। ଅନେକ ସମୟରେ ସମାଜର ବିଭିନ୍ନ ବର୍ଗ ର ଅନାଥ ପିଲାଙ୍କ ଠାରୁ ଆରମ୍ଭ ବୁଢା ପର୍ଯ୍ୟନ୍ତ, ତଥା ବିଭନ୍ନ କ୍ଷେତ୍ରରେ ପାରଦର୍ଶିତା କରୁଥିବା ଯୁବକ ଯୁବତୀ, ଛାତ୍ରଛାତ୍ରୀଙ୍କୁ ସାହାଯ୍ୟର ହାତ ବଢ଼ାଇ, ମନୋବଳକୁ ବଢାଇବା ସହିତ ନୂଆ ଆଶାକୁ ସଂଚାର କରୁଥିଲେ। ଚଳିତ ବର୍ଷର ମୁଖ୍ୟ ଉଦ୍ଦେଶ୍ୟ ହେଉଛି "ଦେବା" ମାଧ୍ୟମରେ ପ୍ରତ୍ୟେକଙ୍କୁ କିଛି ସାହାଯ୍ୟ ସହଯୋଗ କରି ସାରା ବିଶ୍ୱରେ ଶାନ୍ତି ଓ ମୈତ୍ରୀ ସ୍ଥାପନ କରିବା ସହିତ ଭାରତୀୟ ସଂସ୍କୃତିର ମହାନ ଆର୍ଭିମୁଖ୍ୟ "ବସୁଧୈବ କୁଟୁମ୍ବକଂ"ବାର୍ତ୍ତା ବାଣ୍ଟିବା ସହିତ, "ଦେଇଥିଲେ ପାଇ" ସେୟାର ଟୁ ସାଇନ୍ ଭଳି ମହତ ଉଦ୍ଦେଶ୍ୟକୁ ଚରିତାର୍ଥ କରିପାରିଲେ, ବିଶ୍ୱର ଶାନ୍ତି ପ୍ରତିଷ୍ଠା କରିବା ପାଇଁ କମ୍ ସମୟ ଲାଗିବ ଏଥିରେ ଆଦୌ ସନ୍ଦେହ ନାହିଁ। ଆସନ୍ତୁ ଏହି ମହାନ ପ୍ରଚେଷ୍ଟାରେ ସାମିଲ ହୋଇ ଆମ ଭିତରେ ଥିବା ଉତ୍କୃଷ୍ଟ ମାନବୀୟ ଗୁଣକୁ ସଦ୍ ଉପଯୋଗ କରି ନିଜକୁ ଗର୍ବିତ କରିବା ସହିତ ସୁସ୍ଥ ସମାଜ ଗଠନରେ ଭାଗୀଦାରି ହେବା।

# ରାଜସ୍ୱ ମାମଲାରେ ବିଳମ୍ବିତ ନ୍ୟାୟ



ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ
ରିଟାୟାର୍ଡ ଆଇ ଏ ଏସ, ନିଳାଦ୍ରି ବିହାର, ଭୁବନେଶ୍ୱର
ମୋ ୯୪୩୯୪୯୦୦୦୯.

ରାଜସ୍ୱ ମାମଲା ସମ୍ବନ୍ଧୀୟ ବିଭିନ୍ନ ଆଇନରେ, ଅପିଲ, ପୁନର୍ବିଚାର (Revision) ଇତ୍ୟାଦିର ଶୁଣାଣି ଓ ବିଚାର ପାଇଁ ରାଜସ୍ୱ ଅଧିକାରୀଙ୍କୁ ଅଧିକାର ଦିଆଯାଇଛି। କିନ୍ତୁ ପ୍ରାୟୋଗିକ ଭାବେ ଦେଖିବାକୁ ଗଲେ ସେମାନଙ୍କୁ ରାଜସ୍ୱ କାର୍ଯ୍ୟ ସହିତ, ଆଇନ-ଶୃଙ୍ଖଳା ପରିଚାଳନା , ପ୍ରାକୃତିକ ଦୁର୍ବିପାକ ପରିଚାଳନା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଦାୟିତ୍ୱ ମଧ୍ୟ ସମ୍ପାଦନ କରିବାକୁ ପଡିଥାଏ।

ରାଜସ୍ୱ ଅଦାଲତଗୁଡ଼ିକ ସମୟମତେ ବସୁ ନାହାନ୍ତି । ହଜାର ହଜାର ମାମଲା ବିଭିନ୍ନ ରାଜସ୍ୱ ଅଦାଲତ ମାନଙ୍କରେ ବର୍ଷ ବର୍ଷ ଧରି ପଡି ରହିଛି । ଅନେକ ସମୟରେ ଶୁଣାଣି ଚାଲିଥିବା ସମୟରେ ମଧ, ଉର୍ଦ୍ଧ୍ୱତନ କର୍ତ୍ତୃପକ୍ଷଙ୍କ ଡାକରା ଆସିଯାଇଥାଏ ଏବଂ ମାମଲା ଗୁଡ଼ିକ, ପୁଣି ତାରିଖରୁ ତାରିଖ କୁ ଘୁଞ୍ଚି ଯାଏ ଅନ୍ୟପଟେ, ଅଦାଲତର ମୂଳ ଉଦ୍ଦେଶ୍ୟ ହେଉଛି ନିର୍ଭୟ, ନିରପେକ୍ଷ୍ୟ ଓ ତ୍ୱରିତ ନ୍ୟାୟ ପ୍ରଦାନ କରିବା। କିନ୍ତୁ ରାଜସ୍ୱ ଅଧିକାରୀମାନଙ୍କ ମନରେ ଏକ ସ୍ୱାଭାବିକ ଭୟର ବାଦଲ ଆଚ୍ଛାଦିତ ଥାଏ ଯେ, ଯଦି ସେମାନେ ଅଭିଯୋଗକାରୀଙ୍କ ସପକ୍ଷରେ ରାୟ ଦିଅନ୍ତି, ଯାହା ଅନେକ କ୍ଷେତ୍ରରେ ସରକାରଙ୍କ ବିରୋଧରେ ଯାଇପାରେ ଓ ବୋଧହୁଏ, ସରକାର ଏହାକୁ ଗୁରୁତ୍ୱର ସହ ନେଇ ସେମାନଙ୍କ ବିରୁଦ୍ଧରେ ଅନ୍ୟ ପଦକ୍ଷେପ ନେଇପାରନ୍ତି । ତେଣୁ ଅଧିକାଂଶ ଅଧିକାରୀ, ପ୍ରବାହର ବିପରୀତ ଦିଗରେ ପହଁରିବାକୁ ଇଚ୍ଛା କରୁନାହାନ୍ତି ।

ବିଧାନ ପ୍ରଣେତାମାନଙ୍କ ଉଦ୍ଦେଶ୍ୟ ଥିଲା ଯେ, ଯେଉଁ ଅଧିକାରୀମାନେ ରାଜସ୍ୱ ଆଇନ ସମ୍ବନ୍ଧରେ ଜ୍ଞାନୀ , ସେମାନେ ପ୍ରଥମେ ଏହି ବିବାଦଗୁଡ଼ିକର ଶୁଣାଣି କରି ତୁରନ୍ତ ତ୍ରୁଟି ସୁଧାରିବେ। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ମୋହକିଲ ମାନଙ୍କ ସମୟ, ଶକ୍ତି ଓ ଅର୍ଥ ଅପଚୟ ହେଉଛି ଏବଂ ଏଥିରୁ ଓକିଲ ମାନେ ହିଁ ବାରମ୍ବାର ମୋହକିଲଙ୍କ ନଥି ଧରି ଏ କୋର୍ଟ ରୁ ସେ କୋର୍ଟ କୁ ବର୍ଷ ବର୍ଷ ଧରି ଧାଉଁଛନ୍ତି। ପ୍ରକୃତ ନ୍ୟାୟ ମିଳୁଛି ସେତେବେଳେ, ଯେତେବେଳେ, ମାମଲା ଟି ଉଚ୍ଚ ନ୍ୟାୟାଳୟରେ ପହଁଚୁଛି । ସେତେବେଳକୁ କେତେ ଯେ ବର୍ଷ , ଅର୍ଥ ଓ ଧୈର୍ଯ୍ୟ ବୋହିଯାଇ ଥାଏ ତାହା କଳ୍ପନା ର ବିଷୟ. ଦୁଃଖର ବିଷୟ, କେତେକ କ୍ଷେତ୍ର ରେ, ପ୍ରଥମ, ଦ୍ୱିତୀୟ ଓ ତୃତୀୟ "ଅଦାଲତ ଅବମାନନା ମାମଲା" (Contempt Case)ର ନିର୍ଦ୍ଦେଶ ପରେ ଯାଇଁ, ଉଚନ୍ୟାୟାଳୟଙ୍କ ଆଦେଶ କାର୍ଯ୍ୟକାରୀ ହେଉଛି ।

ଏପରି ପରିସ୍ଥିତିରେ, ରାଜସ୍ୱ ବିବାଦ ଗୁଡିକର ଶୀଘ୍ର, ନିରପେକ୍ଷ ଓ ନିର୍ଭୟପୂର୍ଣ୍ଣ ସମାଧାନ ପାଇଁ ସ୍ୱତନ୍ତ୍ର "ରାଜସ୍ୱ ଟ୍ରିବ୍ୟୁନାଲ" ଗଠନ ସମୟର ଆବଶ୍ୟକତା ବୋଲି ମନେ ହୁଏ। ବର୍ତ୍ତମାନ ବିଭିନ୍ନ ରାଜସ୍ୱ ଆଇନ ମାନଙ୍କରେ ଯେଉଁ ଯେଉଁ ସ୍ଥଳରେ "ରିଭିଜନ" ଅର୍ଥାତ, "ପୁନଃ ବିଚାର" ର ବ୍ୟବସ୍ଥା ଅଛି, ସେହି ମାମଲା ଗୁଡିକ, ଉପରୋକ୍ତ "ରାଜସ୍ୱ ଟ୍ରିବୁନଲ" ଦ୍ୱାରା ନିଷ୍ପତ୍ତି ହେଲେ, ତଳ ରାଜସ୍ୱ କୋର୍ଟ ମାନଙ୍କ ନିଷ୍ପତ୍ତି ରେ ଯେଉଁ ତ୍ରୁଟି ମାନ ରହିଯାଇଥିବ, ତାହା ଏହି ଟ୍ରିବୁନାଲ, ନିରପେକ୍ଷ ଓ ନିର୍ଭିକ ଭାବେ ସମାଧାନ କରି ପାରିବେ .. ଏହି ଟ୍ରିବ୍ୟୁନାଲର ଅଧକ୍ଷ ଭାବେ, ଉଚ୍ଚ ନ୍ୟାୟାଳୟର ଅବସର ପ୍ରାପ୍ତ ଜଣେ ନ୍ୟାୟାଧୀଶ, "ଅଧକ୍ଷ୍ୟ" ଏବଂ "ପ୍ରଶାସନିକ ମେମ୍ବର'' ଭାବେ, ରାଜସ୍ୱ ଆଇନ ବିଷୟରେ ପ୍ରଚୁର ଜ୍ଞାନ ଓ ଅନୁଭବ ଥିବା ସରକାରଙ୍କ ପୂର୍ବତନ ସଚିବ / ସ୍ୱତନ୍ତ୍ର ସଚିବ ସ୍ତରର ଦୁଇଜଣ ଅବସରପ୍ରାପ୍ତ IAS /OAS ଅଧିକାରୀଙ୍କୁ, ସଦସ୍ୟ କରାଯାଇ ପାରିବ। ଏହା ଦ୍ୱାରା ସାଧାରଣ ଜନତା ଟିଏ, ତ୍ୱରିତ, ନିରପେକ୍ଷ ଓ ନିର୍ଭୟ-ଯୁକ୍ତ ନ୍ୟାୟ ପାଇପାରିବ..

ବର୍ତ୍ତମାନର ମାନ୍ୟବର ରାଜସ୍ୱ ମନ୍ତ୍ରୀ, ଶ୍ରୀ ସୁରେଶ ପୂଜାରୀ ମହୋଦୟ, ରାଜସ୍ୱ ବିଭାଗ କୁ ତ୍ୱରାନ୍ୱିତ କରିବା ପାଇଁ ନିରନ୍ତର ପ୍ରୟାସ କରିବାର ଦେଖା ଯାଉଛି । ଏଣୁ ଆଶା, ଏ ବିଷୟ ଓ ପ୍ରସ୍ତାବକୁ ମାନ୍ୟବର ମନ୍ତ୍ରୀ ମହୋଦୟ ଓ ସରକାର, ସକାରାତ୍ମକ ବିଚାର କରିବେ।

# ରକ୍ତଚାପ ଏକ ସାଇଲେଣ୍ଟ କିଲର୍ - ମିଳିତ ଭାବେ ନିୟନ୍ତ୍ରଣ କରିବା



ଡି ଦେବହରି ରେଡି
ସ୍ୱାସ୍ଥ୍ୟ ପରାମର୍ଶ ଦାତା
ଉପଖଣ୍ଡ ଚିକିତ୍ସାଳୟ ଛତ୍ରପୁର
୭୦୦୮୨୧୮୫୪୯

ହାଇପରଟେନସନକୁ ସାଧାରଣ ଭାଷାରେ ଉଚ୍ଚ ରକ୍ତଚାପ ବୋଲି କୁହାଯାଏ ଓ ଏହା ଏକ ଦୀର୍ଘକାଳୀନ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି । ରକ୍ତଚାପ ହେଉଛି ସେହି ଶାରୀରିକ ବଳ ବା ଚାପ, ଯାହା ହୃଦୟ ଦ୍ୱାରା ପମ୍ପ ହେଉଥିବା ରକ୍ତ ଆମ ଶରୀରର ରକ୍ତବାହୀ ଧମନୀ ଗୁଡ଼ିକର କାନ୍ଥ ଉପରେ ପକାଇଥାଏ। କିନ୍ତୁ ଉଚ୍ଚ ରକ୍ତଚାପ କ୍ଷେତ୍ରରେ ଧମନୀ କାନ୍ଥରେ ରକ୍ତର ଚାପ କ୍ରମାଗତଭାବେ ଅଧିକ ହୋଇଥାଏ। ଡାକ୍ତରୀ ବିଜ୍ଞାନ ରେ ମଣିଷ ଶରୀରରେ ରକ୍ତଚାପ ଉପର ସଂଖ୍ୟା କୁ ସିଷ୍ଟୋଲିକ (ହୃଦସ୍ପନ୍ଦନ ସମୟର ରକ୍ତଚାପ) ଓ ତଳ ସଂଖ୍ୟା କୁ ଡ଼ାୟାଷ୍ଟୋଲିକ (ଦୁଇଟି ସ୍ପନ୍ଦନ ମଧ୍ୟରେ ହୃଦୟ ବିଶ୍ରାମ ନେଉଥିବା ସମୟର ରକ୍ତଚାପ ) ବୋଲି କୁହାଯାଏ ଯାହାକି ୧୨୦/୮୦ ମିଲିମିଟର ଅଫ୍ ମର୍କ୍ୟୁରୀ ରହିଲେ ତାକୁ ଆମେ ସ୍ୱାଭାବିକ ବୋଲି ଭାବିବା ଯଦି ସିଷ୍ଟୋଲିକ ୧୪୦ ରୁ ଓ ଡ଼ାୟାଷ୍ଟୋଲିକ ୯୦ ରୁ ଉର୍ଦ୍ଧ୍ୱ ରହେ ତାହାକୁ ଆମେ ଉଚ୍ଚ ରକ୍ତଚାପ ବୋଲି କହିବା। ରକ୍ତଚାପ ନିୟନ୍ତ୍ରଣ କରିବା ନିହାତି ଜରୁରୀ ନଚେତ ବୃକକ୍ , ହୃଦଘାତ, ମସ୍ତିଷ୍କଘାତ୍ ଭଳି ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ସହ ଦୃଷ୍ଟିଶକ୍ତି କମିଯିବା ସମ୍ଭାବନା ବି ରହିଛି । ଚିକିତ୍ସା କ୍ଷେତ୍ରରେ ଚାପ ଅନୁସାରେ ରକ୍ତଚାପକୁ ସାଧାରଣତଃ ଏହି ପ୍ରକାରେ ଶ୍ରେଣୀଭୁକ୍ତ କରାଯାଇଛି। ପ୍ରଥମ ସ୍ତର ରକ୍ତଚାପ ଯେଉଁଥିରେ ସିଷ୍ଟୋଲିକ୍ ୧୩୦-୧୩୯ କିମ୍ବା ଡାୟାଷ୍ଟୋଲିକ ୮୦-୮୯ , ଦ୍ୱିତୀୟ ସ୍ତରରେ ଶିଷ୍ଟୋଲିକ ୧୪୦ କିମ୍ବା ଉର୍ଦ୍ଧ୍ୱ ଓ ଡ଼ାୟାଷ୍ଟୋଲିକ ୯୦ କିମ୍ବା ଅଧିକ ରହିଥାଏ। ସେହିପରି ଯଦି ଶିଷ୍ଟୋଲିକ୍ ୧୮୦ ଏବଂ କିମ୍ବା ଡ଼ାୟାଷ୍ଟୋଲିକ ୧୨୦ ରୁ ଅଧିକ ରହେ ସେହି ସ୍ତର କୁ ଜରୁରୀକାଳୀନ ସ୍ଥିତି କୁହାଯାଏ। ଏହି ସମୟରେ ତୁରନ୍ତ ଡାକ୍ତରୀ ସହାୟତା ଆବଶ୍ୟକ ହୁଏ। ରକ୍ତଚାପ ର ବ୍ୟାପକତା ବର୍ତ୍ତମାନ ଏକ ବଡ ଚିନ୍ତାର ବିଷୟ ପାଲଟିଛି। ତଥ୍ୟ ଅନୁସାରେ ଭାରତରେ ପ୍ରତି ଚାରି ଜଣ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ରକ୍ତଚାପ ରୋଗରେ ପୀଡ଼ିତ ଓ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ୫ ତଥ୍ୟ ଅନୁଯାୟୀ ଆମ ରାଜ୍ୟ ଓଡ଼ିଶାରେ ପ୍ରାୟ ଶତକଡା ୨୩ ରୁ ୨୫ ପ୍ରତିଶତ ବୟସ୍କ ବ୍ୟକ୍ତି ଏହି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ କରୁଛନ୍ତି। ସହରାଞ୍ଚଳ ରେ ଏହାର ପ୍ରଭାବ ଶତକଡା ୩୪ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳ ରେ ୨୮ ପ୍ରତିଶତ ରହିଛି ଏବଂ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ୯୦ ରୁ ୯୫ ପ୍ରତିଶତ କ୍ଷେତ୍ରରେ କୌଣସି ନିର୍ଦ୍ଦିଷ୍ଟ କାରଣ ଜଣା ପଡିନଥିଲେ ମଧ ଖାଦ୍ୟରେ ଅତ୍ୟଧିକ ଲୁଣ ବ୍ୟବହାର, ଆଧୁନିକ ସୌଖିନ ଜୀବନଶୈଳୀ, ଶାରୀରିକ ପରିଶ୍ରମର ଅଭାବ, ଅତ୍ୟଧିକ ଓଜନ ବୃଦ୍ଧି, ତମାଖୁ ସେବନ, ମଦ୍ୟପାନ, ଅତ୍ୟଧିକ ମାନସିକ ଚାପ, ଅନିୟନ୍ତ୍ରିତ ରକ୍ତ ଶର୍କରା, ବଂଶଗତ ଇତିହାସ ଓ କିଡନୀ ରୋଗ ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ରୋଗୀଙ୍କ ମଧ୍ୟରୁ ମାତ୍ର ୧୨ ପ୍ରତିଶତ ଲୋକ ସଠିକ୍ ଚିକିତ୍ସା ଓ ଜୀବନଶୈଳୀ ପରିବର୍ତ୍ତନ ଦ୍ୱାରା ନିଜର ରକ୍ତଚାପ ନିୟନ୍ତ୍ରଣରେ ରଖିପାରୁଛନ୍ତି। ଏହି ସ୍ୱାସ୍ଥ୍ୟ ସମସ୍ୟାର କୌଣସି ସ୍ପଷ୍ଟ ଲକ୍ଷଣ ଜଣା ପଡ଼େନାହିଁ କିନ୍ତୁ ଶରୀରର ମୁଖ୍ୟ ଅଙ୍ଗ ଯେପରିକି ହୃଦୟ, ବୃକକ୍ ଓ ମସ୍ତିଷ୍କ କୁ ଗମ୍ଭୀର ଭାବେ କ୍ଷତି ପହଞ୍ଚାଇଥାଏ। ତେଣୁ ଏହାକୁ ସାଇଲେଣ୍ଟ କିଲର୍ ବା ନୀରବ ହତ୍ୟାକାରୀ ବୋଲି କୁହାଯାଏ। ରକ୍ତଚାପ ବିଷୟରେ ସଚେତନ ହେବା ଜରୁରୀ ଅଟେ ତେଣୁ ପ୍ରତି ବର୍ଷ ମେ ୧୭ ତାରିଖକୁ ସାରା ବିଶ୍ୱରେ ବିଶ୍ୱ ରକ୍ତଚାପ ଦିବସ ରୂପେ ପାଳନ କରାଯାଏ। ଉଚ୍ଚ ରକ୍ତଚାପ ବିଷୟରେ ସଚେତନତା ସୃଷ୍ଟି କରିବା, ଏହାକୁ ପ୍ରାରମ୍ଭିକ ପର୍ଯ୍ୟାୟ ରୁ ଚିହ୍ନଟ କରିବା ଏବଂ ଏହାର ସଠିକ୍ ପରିଚାଳନା କରିବା ପ୍ରମୁଖ ମୁଖ୍ୟ ଉଦ୍ଦେଶ୍ୟ ନେଇ ବିଶ୍ୱ ରକ୍ତଚାପ ସଂଘ ଦ୍ୱାରା ୨୦୦୫ ମସିହାରୁ ପାଳନ କରାଯାଇଆସୁଛି। ପ୍ରତିବର୍ଷ ଭଳି ଏହି ବର୍ଷ ଏହି ଦିବସ ର ମୁଖ୍ୟ ବିଷୟବସ୍ତୁ ରହିଛି " ମିଳିତ ଭାବେ ରକ୍ତଚାପ ନିୟନ୍ତ୍ରଣ କରିବା" ଓ ଯାହାକି ରକ୍ତଚାପ ନିୟନ୍ତ୍ରଣ କେବଳ ଜଣେ ବ୍ୟକ୍ତିର ନୁହେଁ ବରଂ ପରିବାର ଓ ସ୍ୱାସ୍ଥ୍ୟକର୍ମୀ ଙ୍କ ମିଳିତ ଦାୟିତ୍ୱ ଓ ସାମୁହିକ ପ୍ରୟାସ ଆବଶ୍ୟକ। ଉଚ୍ଚ ରକ୍ତଚାପ କୁ ନିୟନ୍ତ୍ରଣ କରିବା ଆବଶ୍ୟକ। ଉଚ୍ଚ ରକ୍ତଚାପ ର ବିଭିନ୍ନ କାରଣ ମଧ୍ୟରୁ କିଛି କାରଣକୁ ମଣିଷ ଚେଷ୍ଟା କଲେ ମଧ ରୋକି ପାରିବେ ନାହିଁ ଯେମିତିକି ବଂଶଗତ କାରଣ କିନ୍ତୁ ଆଉ କିଛି କାରଣ ରହିଛି ଯାହାକି ମଣିଷ ପ୍ରତିକାର କରିପାରିବ। ନିୟନ୍ତ୍ରଣ ନିମନ୍ତେ ନିଜର ଦୈନନ୍ଦିନ ଜୀବନଶୈଳୀ ରେ ପରିବର୍ତ୍ତନ ଯଥା ଖାଦ୍ୟରେ ଲୁଣର ପରିମାଣ କମ୍ କରିବା, ଚର୍ବି ଓ ଛଣାଛଣୀ ଖାଦ୍ୟ ପରିତ୍ୟାଗ କରିବା, ତମାଖୁ, ମଦ ଓ ଅନ୍ୟାନ୍ୟ ନିଶା ଅଭ୍ୟାସ ଠାରୁ ଦୂରେଇ ରହିବା, ସବୁଜ ପନିପରିବା ଓ ଫଳ ବେଶୀ ପରିମାଣରେ ଖାଇବା, ପ୍ରତିଦିନ ଶାରୀରିକ ପରିଶ୍ରମ ଯଥା ବ୍ୟାୟାମ ବା ଚାଲିବା, ଯୋଗ ପ୍ରାଣାୟାମ ଅଭ୍ୟାସ କରିବା, ସଠିକ୍ ଓଜନ ବଜାୟ ରଖିବା, ମାନସିକ ଚାପ, ଅବସାଦ କୁ ସନ୍ତୁଳିତ ରଖିବା ପ୍ରମୁଖ ଜୀବନଶୈଳୀ ପରିବର୍ତ୍ତନ କରିପାରିଲେ ରକ୍ତଚାପ ନିୟନ୍ତ୍ରଣ ହୋଇପାରିବ। ଯଦି ଜୀବନଶୈଳୀ ପରିବର୍ତ୍ତନ ପରେ ମଧ ରକ୍ତଚାପ ନିୟନ୍ତ୍ରଣ ନ ହୁଏ ସଠିକ୍ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିୟମିତ ଔଷଧ ସେବନ କରିବା ଓ ପରାମର୍ଶ ନେବା କିନ୍ତୁ ନିଜ ଇଚ୍ଛାରେ କେବେହେଲେ ଔଷଧ ଖାଇବା ବନ୍ଦ କରିବା ଉଚିତ୍ ନାହିଁ । ଅନେକ ସମୟରେ ଲୋକମାନେ ଡାକ୍ତରଙ୍କ ବିନା ପରାମର୍ଶରେ ରକ୍ତଚାପ ଔଷଧ ସେବନ ବନ୍ଦ କରିଦିଅନ୍ତି ଏବଂ ପରୀକ୍ଷା ମଧ କରନ୍ତି ନାହିଁ ଯାହାକି ପରବର୍ତ୍ତୀ ସମୟରେ ଜଟିଳ ପରିସ୍ଥିତି ସୃଷ୍ଟି ହୁଏ ଫଳରେ ଅନେକ ଲୋକଙ୍କ ବୃକକ୍ କ୍ଷତିଗ୍ରସ୍ତ , ମସ୍ତିଷ୍କଘାତ ଓ ହୃଦଘାତ ଭଳି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ତେଣୁ ସମୟ ସମୟରେ ଡାକ୍ତରଙ୍କ ପାଖକୁ ଯାଇ ନିଜର ରକ୍ତଚାପ ପରୀକ୍ଷା କରିବା ସହ ନିୟମିତ ଡାକ୍ତର ଓ ସ୍ୱାସ୍ଥ୍ୟ ପରାମର୍ଶଦାତାଙ୍କ ପରାମର୍ଶ ନେବା ଆବଶ୍ୟକ । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ସମେତ ପ୍ରତ୍ୟେକ ଚିକିତ୍ସାଳୟରେ ରକ୍ତଚାପ ପରୀକ୍ଷା ସହ ଚିକିତ୍ସା ସୁବିଧା ଉପଲବ୍ଧ ରହିଛି ତାହା ଛଡ଼ା ଜାତୀୟ ଅଣ ସଂକ୍ରାମକ ରୋଗ କାର୍ଯ୍ୟକ୍ରମ ଜରିଆ ରେ ପ୍ରତ୍ୟେକ ସୋମବାର ଓ ଗୁରୁବାର ଦିନ ରକ୍ତଚାପ ପରୀକ୍ଷା ସମେତ ଅନ୍ୟାନ୍ୟ ଅଣ ସଂକ୍ରାମକ ରୋଗ ପରୀକ୍ଷା ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ର ରେ ସ୍ୱାସ୍ଥ୍ୟକର୍ମୀ ଙ୍କ ଦ୍ୱାରା କରାଯାଉଛି। ଆସନ୍ତୁ ସମସ୍ତେ ନିଜ ନିଜର ସଠିକ୍ ଭାବେ ନିୟମିତ ରକ୍ତଚାପ ମାପିବା ଏବଂ ପ୍ରାଥମିକ ସ୍ତରରେ ଏହାକୁ ଚିହ୍ନଟ କରିବା। ମିଳିତ ଭାବେ ରକ୍ତଚାପ ନିୟନ୍ତ୍ରଣ କରିବା ଏହି ନୀରବ ହତ୍ୟାକାରୀକୁ ପରାସ୍ତ କରନ୍ତୁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# କାର୍ଯ୍ୟକ୍ଷେତ୍ରରେ ମହିଳା ନିର୍ଯାତନା ରୋକିବା ପାଇଁ ଅନ୍‌ଲାଇନ୍ ଅଭିଯୋଗ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ସଦ୍‌ଭାବନା ସଭା ଗୃହରେ କାର୍ଯ୍ୟ କ୍ଷେତ୍ରରେ ମହିଳା ନିର୍ଯାତନା ରୋକିବା ପାଇଁ ଅନ୍‌ଲାଇନ ଅଭିଯୋଗ ସିଷ୍ଟମ୍ ସି-ବକ୍ସ ପୋର୍ଟାଲ ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଆଇସି, ଏଲ୍‌ସି ଏବଂ ନୋଡାଲ ଅଧିକାରୀମାନଙ୍କ ଭୂମିକା ଉପରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ପୋର୍ଟାଲରେ କିଭଳି ଭାବେ ଅଭିଯୋଗ ଦାଖଲ କରାଯିବ, ଅଭିଯୋଗ ମିଳିଲା ପରେ ନୋଡାଲ ଅଫିସରଙ୍କ ଭୂମିକା କଣ ରହିବ ସେ ଉପରେ ସାରଦା ପ୍ରସନ୍ନ ସାହୁ କମ୍ପ୍ୟୁଟରରେ ଦର୍ଶାଇ କରି ଦେଖାଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ଜିଲ୍ଲା ସୁରକ୍ଷା ଅଧିକାରୀ ସନ୍ତୋଷିନୀ ଭୋଇ, ଜିଲ୍ଲା ଉପଖଣ୍ଡ ପରିଯୋଜନା ଅଧିକାରୀ ଗୀତାଞ୍ଜଳି ଦଳାଇ, ଜିଲ୍ଲା ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ସଭାରେ ଯୋଗଦେଇଥିଲେ। ଶିବିରରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ମହିଳା ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ମହିଳା କର୍ମକର୍ତ୍ତା ହବ୍ ସଂଯୋଜିକା ଭାଗ ନେଇଥିଲେ। ଶେଷରେ ଜିଲ୍ଲା ହବ୍ ସଂଯୋଜିକା ସୁଜାତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।



# କୋର୍ଟ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଗୋଟିଏ ସ୍ଥାନରେ କରିବାକୁ ଦାବି

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିରରେ ପ୍ରସ୍ତାବିତ ନୂତନ ଜିଲ୍ଲାପାଳ କାର୍ଯ୍ୟାଳୟ ଓ ସିଭିଲ କୋର୍ଟକୁ ଜିଲ୍ଲା ହେଡ୍‌କ୍ୱାର୍ଟରରେ ନକରି ଗୋଟିଏ ସମନ୍ୱିତ କମ୍ପ୍ଲେକ୍ସ ମଧ୍ୟରେ ନିର୍ମାଣ କରିବାକୁ ଦାବି ଉଠିଛି। ଏନେଇ ଲୋକ ସେବା ମଞ୍ଚ ପକ୍ଷରୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ କୁହାଯାଇଛି ଯେ, ବର୍ତ୍ତମାନର ଜିଲ୍ଲାପାଳ କାର୍ଯ୍ୟାଳୟ ପୁରୁଣା ଭବନରେ ଚାଲୁଥିବାରୁ ଦିନକୁ ଦିନ ସ୍ଥାନାଭାବ ସହିତ ପ୍ରଶାସନିକ ସମସ୍ୟା ବଢ଼ୁଛି। ପୂର୍ବରୁ ମିନି ସେକ୍ରେଟେରିଏଟ ଧାରାରେ ସମସ୍ତ ପ୍ରମୁଖ କାର୍ଯ୍ୟାଳୟକୁ ଏକାଠି କରିବା ପ୍ରସ୍ତାବ ଥିଲା। କିନ୍ତୁ ବର୍ତ୍ତମାନ ଜିଲ୍ଲାପାଳ କାର୍ଯ୍ୟାଳୟ ଓ ସିଭିଲ କୋର୍ଟକୁ ଅଲଗା ଅଲଗା ସ୍ଥାନରେ ନିର୍ମାଣ କରିବାକୁ ଯୋଜନା ହେଉଥିବା ଜଣାପଡ଼ିଛି। ଯଦି କୋର୍ଟକୁ ଜିଲ୍ଲା କାରାଗାର ନିକଟରେ ଏବଂ ଜିଲ୍ଲାପାଳ କାର୍ଯ୍ୟାଳୟକୁ ବିଷ୍ଣୁପାଲି ନିକଟରେ ସ୍ଥାପନ କରାଯାଏ, ତେବେ ଦୁଇଟି ମଧ୍ୟରେ ପ୍ରାୟ ୭ରୁ ୮ କିଲୋମିଟର ଦୂରତା ରହିବ। ଏଥିଯୋଗୁଁ ସାଧାରଣ ଲୋକ, ଓକିଲ ଓ ସରକାରୀ କର୍ମଚାରୀମାନେ ଅନାବଶ୍ୟକ ହଇରାଣ ହେବେ ବୋଲି ମଞ୍ଚ ପକ୍ଷରୁ ମତ ପ୍ରକାଶ ପାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବାସୁଦେବ ପତି (Convenor), ରତନ କୁମାର ମହାରଣା, ଶଙ୍କର ଶତପଥୀ, ବୁଦ୍ଧିଆ ବାଗ, ରବିନାରାୟଣ ବହିଦାର ଓ ସଞ୍ଜୟ କୁମାର ବାଗର୍ତ୍ତୀ ଉପସ୍ଥିତ ଥିଲେ। ସେହିପରି ଜନସୁବିଧା ଓ ପ୍ରଶାସନିକ ସମନ୍ୱୟ ଦୃଷ୍ଟିରେ ରଖି ଉଭୟ ପ୍ରକଳ୍ପକୁ ଗୋଟିଏ ପରିସର ମଧ୍ୟରେ ନିର୍ମାଣ ପାଇଁ ସରକାର ଶୀଘ୍ର ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ବେଆଇନ୍ ବାଲି ଚାଲାଣ:୫ ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସଦରଥାନା ପୋଲିସ ପକ୍ଷରୁ ଭୋରରୁ ପାଟ୍ରୋଲିଂ ଚାଲିଥିବା ବେଳେ ସଲପା ଗ୍ରାମ ନିକଟସ୍ଥ କୋଲାବ ନଦୀରୁ ବେଆଇନ ବାଲି ଉଠାଇ ଚାଲାଣ କରାଯାଉଥିବା ବେଳେ ଦୁଇଟି ନମ୍ବର ବିହୀନ ଟ୍ରାକ୍ଟର ସମେତ ସମୁଦାୟ ୫ଟି ଟ୍ରାକ୍ଟରକୁ ଜବତ କରାଯାଇଛି ଓ ଉକ୍ତ ଟ୍ରାକ୍ଟର ଡ୍ରାଇଭରମାନଙ୍କୁ ବେଆଇନ ଭାବେ ସରକାରୀ ଖଣିଜ ସମ୍ପଦ ଲୁଟ୍ ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜୟପୁର ସଦରଥାନା ଏଏସ୍‌ଆଇ ବ୍ୟୋମକେଶ ଧାଙ୍ଗଡା ମାଝିଙ୍କ ନେତୃତ୍ୱରେ ଭୋରରୁ ସଦରଥାନା ଅଞ୍ଚଳରେ ପାଟ୍ରୋଲିଂ ବେଳେ ପୂର୍ବାହ୍ନ ପ୍ରାୟ ସାଢ଼େ ୮ ସମୟରେ କୋଲାବ ନଦୀରୁ ବାଲି ଆଣୁଥିବା ଟ୍ରାକ୍ଟର ରାସ୍ତା ପାର୍ଶ୍ୱରେ ବାଲିକୁ ଅନ୍‌ଲୋଡିଂ କରିଦେଇଥିଲା। ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବାଲି ଚାଲାଣର କାଗଜପତ୍ର ଡ୍ରାଇଭରଙ୍କୁ ମାଗିଥିଲେ। କିନ୍ତୁ ଡ୍ରାଇଭର କୌଣସି କାଗଜପତ୍ର ଦେଖାଇପାରିନଥିଲେ। ଶେଷରେ ପୋଲିସ ଉକ୍ତ ଟ୍ରାକ୍ଟରକୁ ଜବତ କରିଥିବା ବେଳେ ଡ୍ରାଇଭର ଚୈତନ୍ୟ ଗାଦବା (୪୦)ଙ୍କୁ ଗିରଫ କରିଛନ୍ତି। ସେହିପରି ଉକ୍ତ କୋଲାବ ନଦୀ ଘାଟରୁ ସଲପା ଗ୍ରାମ ରାସ୍ତା ଦେଇ ବେଆଇନ ଚାଲାଣ ହେଉଥିବା ଦୁଇଟି ନମ୍ବର ବିହୀନ ଟ୍ରାକ୍ଟର ସମେତ ଅନ୍ୟ ଦୁଇଟି ଟ୍ରାକ୍ଟର ଜବତ କରିଛନ୍ତି। ଉକ୍ତ ବେଆଇନ ଚାଲାଣ ହେଉଥିବା ଟ୍ରାକ୍ଟର ଡ୍ରାଇଭର ସଦରଥାନା ରନ୍ଧାରିଗୁଡ଼ାର ବାସିନ୍ଦା ସିମାଞ୍ଚଳ ମାଝି (୩୦), ସଲପା ଗ୍ରାମର ଜଗନ୍ନାଥ ସମରଥ (୪୦), ଖପରା ଗ୍ରାମର ନବୀନ ଗୌଡ଼ (୩୦), ବୋରିଗୁମ୍ମା ଥାନା କୁମାରଗୁଡ଼ା ଗ୍ରାମର ହରିହର ଗାଦବା (୪୬)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ବାଲି ଗୁଡ଼ିକୁ ରାଜ୍ୟ ଖଣି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ମହୁମାଛି ଆକ୍ରମଣରେ ୨୦ ଆହତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ ବିଶ୍ୱନାଥପୁର ଗ୍ରାମରେ ଗୁରୁବାର ମା' ମଙ୍ଗଳାଙ୍କ ଉତ୍ସବ ପାଳନ ବେଳେ ମହୁମାଛି ଆକ୍ରମଣରେ ୨୦ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ଜଣାଯାଇଛି। ଆହତ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ନିରଞ୍ଜନ ମିଶ୍ର, ଗୌରହରି ଜେନା, ଫୁଂଟୁ ପାଣିଗ୍ରାହୀ, ଆକାଶ ଜେନା, ପ୍ରୀତମ ଜେନା, ହରେକୃଷ୍ଣ ପଣ୍ଡା, ଶ୍ରୀଧର ଜେନା, ମନୋଷା ଜେନା, ବେଣୁଧର ଜେନା, ନରେନ୍ଦ୍ର ଜେନା, ବଳରାମ ଜେନା, କାଳିଆ ମାଝୀ, ଗଣେଶ ଜେନା। ସେମାନଙ୍କ ମଧ୍ୟରୁ ନିରଞ୍ଜନ, ନରେନ୍ଦ୍ର ଓ ଗୌରହରି ଗୁରୁତର ହେବାରୁ ସେମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କିଛି ଛାତ୍ରଛାତ୍ରୀ ଟ୍ୟୁସନରୁ ଫେରୁଥିବା ସମୟରେ ମଧ୍ୟ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଘଟଣାରୁ ଜଣାଯାଇଛି ଯେ ଗ୍ରାମରେ ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ପାଳନ ଅବସରରେ ମନ୍ଦିର ଠାରୁ ୫୦ ମିଟର ଦୂରରେ ପ୍ରସାଦ ପାଇଁ ରୋଷେଇ କାର୍ଯ୍ୟ ଚାଲିଥିଲା। ମନ୍ଦିର ପାଖରେ ଥିବା ବରଗଛରେ ଗୁଡ଼ାଏ ମହୁଫେଣା ଥିବାରୁ ରୋଷେଇ ଧୂଆଁ ମହୁଫେଣାରେ ବାଜିଥିଲା। ମହୁମାଛିମାନେ ଉତ୍‌କ୍ଷିପ୍ତ ହୋଇ ଲୋକମାନଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ।

# ଗ୍ରାହକ ପଞ୍ଚାୟତ ତରଫରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ତରଫରୁ ପ୍ରଧାନମନ୍ତ୍ରୀଙ୍କ (ଅର୍ଥ ବିଭାଗ) ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ହୃଦୟରେ ଯେଉଁ ଷ୍ଟେଣ୍ଟ ଲଗାଯାଉଛି ତାର ପ୍ରକୃତ ମୂଲ୍ୟ ୪ ଲକ୍ଷରୁ ୮ ଲକ୍ଷ ହୋଇଥିବାବେଳେ କମ୍ପାନୀ ତାହାର ବିକ୍ରିମୂଲ୍ୟ ୨୬ ଲକ୍ଷ ଟଙ୍କା ଉଲ୍ଲେଖ କରିଛି। ବିଭିନ୍ନ କମ୍ପାନୀ ପାଇଁ ଉପଲବ୍ଧ ଥିବା ଜିନିଷ ଗୁଡିକ ୫ ଟଙ୍କାରୁ ୧୬ ଟଙ୍କା ଭିତରେ କିଣୁଥିବାବେଳେ ଏହାର ମୂଲ୍ୟ ଉଲ୍ଲେଖ ରହିଛି ୯୫ ଟଙ୍କାରୁ ଆରମ୍ଭ କରି ୧୩୬ ଟଙ୍କା ପର୍ଯ୍ୟନ୍ତ। ବଡ ବଡ ମହଲ ଗୁଡ଼ିକରେ ଯେଉଁ ସାମଗ୍ରୀ ଗୁଡ଼ିକ ମିଳୁଛି ତାହାର ମୂଲ୍ୟ ଯାହା ଉଲ୍ଲେଖ ରହୁଛି ଅନ୍‌ଲାଇନ୍ ମାଧ୍ୟମରେ ସେହି ଜିନିଷ ଗୁଡ଼ିକ ଅଧା ମୂଲ୍ୟରେ ଘରେ ଆସି ପହଞ୍ଚୁଛି। ଏହିଭଳି ଭାବରେ କମ୍ପାନୀ ଗୁଡ଼ିକ ସାମଗ୍ରୀର ମୂଲ୍ୟ ମନଇଚ୍ଛା ନିର୍ଦ୍ଧାରଣ କରିଥିବାବେଳେ ଏଥିପ୍ରତି ସରକାରଙ୍କର କୌଣସି ନିୟନ୍ତ୍ରଣ ରହୁନାହିଁ। ଯାହାଫଳରେ କମ୍ପାନୀ ଗୁଡ଼ିକ ଦୋଖଆଇନ୍ ଭାବରେ ଖାଉଟିମାନଙ୍କ ଠାରୁ ଲୁଟ୍ କରୁଛନ୍ତି। ଅପରପକ୍ଷରେ ଖାଉଟିମାନେ ଅଳ୍ପ ମୂଲ୍ୟର ଜିନିଷ ଗୁଡ଼ିକୁ ଅଧିକ ମୂଲ୍ୟରେ କିଣି ସର୍ବସ୍ୱାନ୍ତ ହେଉଛନ୍ତି। ତେବେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ତରଫରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଖାଉଟି ମାନଙ୍କୁ ଶୋଷଣରୁ ମୁକ୍ତ କରିବାପାଇଁ ବରିଷ୍ଠ ଆଇନଜୀବୀ, ସରକାରୀ ଓକିଲ ତଥା ଜିଲ୍ଲା ସଭାପତି ଗଗନ ରାଉତ ଓ ସମ୍ପାଦକ ରମାକାନ୍ତ ସାହୁ, ସଭ୍ୟ ସୁରେନ୍ଦ୍ର ସେଠୀ, ସଂଜୟ କୁମାର ମଲ୍ଲିକ ପ୍ରମୁଖ ଜିଲ୍ଲାପାଳ ରଘୁରାମ.ଆର୍.ଆୟାରଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।



# ୫୧୦ ଲିଟର ମହୁଲି ମଦ ଜବତ:୧୧ କୋର୍ଟ ଚାଲାଣ





**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ରାଉରକେଲା ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୫ ତାରିଖରେ ରାଉରକେଲା ବିଭାଗ ପକ୍ଷରୁ ବ୍ରାହ୍ମଣୀତରଙ୍ଗ, ରଘୁନାଥପାଲି, ଛେଣ୍ଡ, ବିଶ୍ରା ଅଞ୍ଚଳରେ ଚଢ଼ଉ କରି ମୋଟ୍ ୧୩ ଗୋଟି କେସ୍ ରୁଜୁ କରାଯିବା ସହିତ ମୋଟ୍ ୫୧୦ ଲିଟର ବେଆଇନ ମହୁଲି ମଦ, ବେଆଇନ୍ ମହୁଲ ଫୁଲ ୧୦୦ କିଗ୍ରା, Two Wheeler -୦୩, Beer - ୧୫.୬୦୦ ଲିଟର ଜବତ କରା ଯାଇଛି ଓ ୧୦,୦୦୦ କିଗ୍ରା ମହୁଲ ପୋଚ ନଷ୍ଟ କରାଯାଇଛି। ମୋଟ ୧୧ଟି claim କେସ୍ ଏବଂ ୨ ଗୋଟି Unclaim କେସ୍ କରାଯାଇଛି। ମୋଟ୍ ୧୧ ଜଣ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ Excise Inspector ମୋହନ ପଧାନ ଓ inspector ହେମନ୍ତ ମହାନନ୍ଦିଆ, ASI ବିନୋଦିନୀ ବେହେରା, ବିଦ୍ୟୁତ ଭୂଷଣ ଦାଶ, ଆଲୋକ ପ୍ରଧାନ ଓ ଯୁବରାଜ ବାଗ ଓ ଷ୍ଟାଫ୍- ହେମ ମଞ୍ଜରୀ ବିଶ୍ୱାଳ, ଗୋବର୍ଦ୍ଧନ ବିଶି, ଆରେଖା ମିଂଜ, ତ୍ରିଲୋଚନ ପାଢ଼ୀ, ଆକାଶ ପଟେଲ, ନବୀନ ଭୂୟାଁ, ପ୍ରଦୀପ ଲୁଗୁନ୍, ବହୁଲ ସ୍ୱାଇଁ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଭିକାରୋଡିଆ ଡୁଙ୍ଗଡୁଙ୍ଗ୍, ଟେରେସା ବାର୍ଲା, ଲିଲିମା ଭୋଇ, ସୁର୍ଯ୍ୟକାନ୍ତ ସ୍ୱାଇଁ, ନିରଞ୍ଜନ ରାଉତ ଆଦି ସାମିଲ ଥିଲେ।

# ବଲାଙ୍ଗିର ଜିଲ୍ଲାରେ ଅସୁରକ୍ଷିତ ହାତୀ ପଲ:ଦାୟି କିଏ?

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲାରେ ହାତୀଙ୍କ ସୁରକ୍ଷା ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ମାସ ପୂର୍ବରୁ ଜଙ୍ଗଲ ଭିତରେ ଏକ ଗାତରେ ଫସି ରହିଥିବା ଏକ ହାତୀ ଛୁଆକୁ ଉଦ୍ଧାର କରାଯାଇଥିଲା। ଗୁରୁବାର ଦିନ ମୁରିବାହାଲ ରେଞ୍ଜରେ ଏକ ଦନ୍ତା ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିବା ସହିତ ଏକ ନୂତନ ବିବାଦ ସୃଷ୍ଟି ହୋଇଥିଲା। ଏହି କେନ୍ଦ୍ରୀୟ ପ୍ରଶ୍ନ ଏବେ ବିତର୍କିତ ହେଉଛି ମୃତ୍ୟୁ ପାଇଁ ଜଙ୍ଗଲ ବିଭାଗ - ବନ ବିଭାଗ ନା ବିଦ୍ୟୁତ୍ ବିଭାଗ? ଘଟଣାର ଚାରି ଦିନ ବିତିଯାଇଥିଲେ ମଧ୍ୟ, କୌଣସି ବିଭାଗ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଉଭୟ ପକ୍ଷର ଅଧିକାରୀମାନେ ଦୋଷ ସ୍ୱୀକାର କରିବାକୁ ପଛଘୁଞ୍ଚା ଦେଉଛନ୍ତି, ଯାହା ଉତ୍ତରଦାୟିତ୍ୱ ବଦଳରେ ଦୋଷ ଖେଳକୁ ନେଇ ଚାଲିଛି। ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ମୁରିବାହାଲ ରେଞ୍ଜର ସଂରକ୍ଷିତ ଜଙ୍ଗଲରେ ୫ରୁ ଅଧିକ ହାତୀ ବାସ କରନ୍ତି। ଗୁରୁବାର ସେକ୍ସନ ଅନ୍ତର୍ଗତ ଚାନ୍ଦୁଟମାଲ ଗ୍ରାମର ନାରାୟଣ ପଟେଲଙ୍କ ବାଡ଼ିକୁ ବଗିଚାରେ ଦନ୍ତାର ମୃତଦେହ ମିଳିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ହାତୀଟି ବଗିଚା ଦେଇ ଯାଉଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛି। ବନ ବିଭାଗ ଏକ ପୋଷ୍ଟମର୍ଟମ୍ କରି ତଦନ୍ତ ଆରମ୍ଭ କରିଥିଲା, କିନ୍ତୁ କିଛି ଦିନ ପରେ ମଧ୍ୟ କୌଣସି ନିଷ୍କର୍ଷରେ ପହଞ୍ଚିପାରିନାହିଁ। ସୂତ୍ର ଅନୁଯାୟୀ, ଜଙ୍ଗଲ ଏବଂ ବିଦ୍ୟୁତ୍ ବିଭାଗ ଉଭୟ ପରସ୍ପର ଉପରେ ଦୋଷ ଲଦିବାରେ ଲାଗିଛନ୍ତି। ଏହି ସମୟରେ, ସଂରକ୍ଷଣବାଦୀମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଏ ଦୋଷୀ, ଜିଲ୍ଲାରେ ହାତୀମାନେ ଅସୁରକ୍ଷିତ ଅଛନ୍ତି।

# ଓଜେୟୁ ଜିଲ୍ଲା ସଭାପତିଙ୍କ ପରଲୋକ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା ସଭାପତି ରବିନ୍ଦ୍ର ପଟନାୟକଙ୍କ (୬୪) ବର୍ଷ ବୟସରେ ବିୟୋଗ ଘଟିଛି। ଯାହାଙ୍କୁ ନେଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କର ହୃଦ୍‌ଘାତରେ ନିଜ ବାସଭବନରେ ବିୟୋଗ ଘଟିଥିଲା। ନିଜ ଗାଁ କଙ୍କରଡ଼ା ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ବିଭୁ ପ୍ରସାଦ ତାଙ୍କର ମୁଖାଗ୍ନି ଦେଇଥିଲେ। ଶତାଧିକ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ସେ ଜଣେ ପରୋପକାରୀ, ନିର୍ଭିକ, ସଚ୍ଚୋଟ, ଧର୍ମପରାୟଣ, ସତ୍ୟବାଦୀ ପ୍ରକୃତିର ବ୍ୟକ୍ତିତ୍ୱ ରହିଥିଲେ। ସେ ଓ ଜେୟୁର ଜିଲ୍ଲାର ଦାୟିତ୍ୱ ନେବା ଦିନ ଠାରୁ ସମ୍ବାଦିକ ମାନଙ୍କ ସାମୂହିକ ବିକାଶ ପାଇଁ ଉଦ୍ୟମ କରିଆସୁଥିଲେ। ରାଜ୍ୟ ସଭାପତି ଶଶି ଭୂଷଣ ପ୍ରହରାଜ, ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ଉପସଭାପତି ଦୀପକ କୁମାର ସାହୁ ପ୍ରମୁଖଙ୍କ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାର ସମ୍ବାଦିକମାନେ ଶୋକବ୍ୟକ୍ତ କରିଥିଲେ। ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ସମ୍ପାଦକ ଶିବ ପ୍ରସାଦ ସାହୁ, କୋଷାଧ୍ୟକ୍ଷ ଭାସ୍କର ବେହେରା, ସରୋଜ ପଟନାୟକ, ସୂର୍ଯ୍ୟ ନାରାୟଣ ପାଣିଗ୍ରାହି, ରମେଶ ଗୌଡ଼ ପ୍ରମୁଖ ସମ୍ବାଦିକ ତାଙ୍କ ବାସଭାବନାରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଉପସଭାପତି ପ୍ରଶାନ୍ତ ମହାରଣା, କେ. ଡି. ଜ୍ୟୋତି ରଞ୍ଜନ ଆଚାରୀ, ଗଞ୍ଜାମ ପ୍ରେସ୍ କ୍ଲବ ସଭାପତି ଶବର ତରାଇ, ସମ୍ପାଦକ ବିଦ୍ୟାଧର ସାହୁ, ଛତ୍ରପୁର ପ୍ରେସ୍‌କ୍ଲବ ସଭାପତି ସରୋଜ କୁମାର ସାମଲ ପ୍ରମୁଖଙ୍କ ସହ ଜିଲ୍ଲାର ବିଭିନ୍ନ ଅଞ୍ଚଳର ସମ୍ବାଦିକ ଶୋକବ୍ୟକ୍ତ କରିଥିଲେ।

# ହାଇୱା - ଟ୍ରେଲର ମୁହାଁମୁହିଁ:ଦୁଇ ଡ୍ରାଇଭର ଗୁରୁତର

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ଖଣି ଅଞ୍ଚଳରେ ଦିନକୁ ଦିନ ଦୁର୍ଘଟଣାମାନ ବୃଦ୍ଧି ପାଉଥିବାବେଳେ ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା, ବଡ଼ବିଲ ଅଞ୍ଚଳରେ ଏହା ଅଧିକ ମାତ୍ରାରେ ଘଟୁଥିବା ଦେଖିବାକୁ ମିଳୁଛି। ଏହି ଅଞ୍ଚଳରେ ପ୍ରାୟ ସମୟରେ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ଘଟୁଥିବା ନଜରକୁ ଆସୁଥିବାବେଳେ କିଛି ଟ୍ରକ୍ ଡ୍ରାଇଭର ଅଧିକ ଟ୍ରିପ୍ କରିବା ଆଶାରେ ଦ୍ରୁତଗତିରେ ଗାଡ଼ିଚାଳନା କରୁଥିବା ଯୋଗୁଁ ଦୁର୍ଘଟଣା ଘଟୁଥିବା କୁହାଯାଉଛି। କିଛି ଅମାନିଆ ଡ୍ରାଇଭରମାନଙ୍କ ପାଇଁ ଅନ୍ୟ ଡ୍ରାଇଭରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ୫୨୦ ନମ୍ବର ଜାତୀୟ ରାଜପଥରେ ପ୍ରାୟ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉଥିବାରୁ ସାଧାରଣ ଲୋକେ ରାସ୍ତାରେ ଯିବାକୁ ମଧ୍ୟ ଭୟ କଲେଣି। ସେହିପରି ୫୨୦ ନମ୍ବର ଜାତୀୟ ରାଜପଥର ଦୁର୍ଘଟଣାର ଲାଇନ୍ କୁହାଯାଉଥିବା କାଶିଆ ବିଆରପିଏଲ ନିକଟରେ ଦେଖିବାକୁ ମିଳିଥିଲା ସେହିଭଳି ଦୁର୍ଘଟଣା। ତିନୋଟି ହାଇୱା ସହ ଗୋଟିଏ ଟ୍ରେଲର ମୁହାଁ ମୁହିଁ ଧକ୍କା ହୋଇଥିବାବେଳେ ଦୁଇ ଚାଳକ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ଗୁରୁତର ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ସହ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଶୁଳିଆ ଗ୍ରାମରେ ଶ୍ରୀରାଧାକୃଷ୍ଣ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀ କଲଣ୍ଡାଆୟତ ଶୁଳିଆ ଗ୍ରାମରେ ଶ୍ରୀଶ୍ରୀ ରାଧାକୃଷ୍ଣ ବିଗ୍ରହ ତଥା ବାସୁଦେବ ମଠ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଚାରିଦିନ ବ୍ୟାପି ଅନୁଷ୍ଠିତ ଏହି ଉତ୍ସବର ପ୍ରଥମ ଦିନରେ ଅଙ୍କୁରା ରୋପଣ କରାଯାଇଥିଲା। ଭଜନକୀର୍ତ୍ତନ ସାଙ୍ଗକୁ ଘଣ୍ଟଶଙ୍ଖ ହରିବୋଲ ହୁଳହୁଳି ଶବ୍ଦ ସହ ଜୟଶ୍ରୀ ରାଧାକୃଷ୍ଣ ଧ୍ୱନିରେ ସମଗ୍ର ଅଞ୍ଚଳରେ ଏକଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହି ଅବସରରେ ଗ୍ରାମର ବହୁ ଭକ୍ତବୃନ୍ଦ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହିତ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଗ୍ରାମର ଭକ୍ତ ମହିଳା ମା'ମାନେ ୧୦୮ କଳସୀରେ ଜଳ ଆଣି ସ୍ଥାପନ କରିଥିଲେ। ପଣ୍ଡିତ ଡ଼. ପ୍ରଭଞ୍ଜନ ପତି, ବିଜୟକୁମାର ପତି, ନିରାକାର ଦାସ, କ୍ଷେତ୍ରବାସି ପତି, ବଳରାମ ପତି, ନିରଞ୍ଜନ ପତି, ଶୁଭଙ୍କର ଶତପଥୀ, ଜନାର୍ଦ୍ଦନ ଦାସ, ଦେବାଶିଷ ପତି, ବଳରାମ ଦାସ ପ୍ରମୁଖଙ୍କ ପୌରୋହିତ୍ୟରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା ଓ ଯଜ୍ଞକର୍ମ ସାଙ୍ଗକୁ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ତୃତୀୟ ଦିନ ବିଗ୍ରହଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଶେଷଦିନରେ ଶ୍ରୀ ରାଧାକୃଷ୍ଣ ବିଗ୍ରହଙ୍କୁ ମନ୍ଦିର ଭିତରେ ସହ ରତ୍ନସିଂହାସନ ଆରୋହଣ କରାଯିବା ପରେ ପୂର୍ଣ୍ଣାହୁତି କରାଯାଇଥିଲା। ଏହି ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସୁକିନ୍ଦା ବିଧାୟକ ପ୍ରୀତା ରଞ୍ଜନ ଘଡ଼ାଇ, ରାଜ୍ୟ ସମବାୟ ସଚିବାଳୟ, ରାଣୀ ଅର୍ଚ୍ଚଶ୍ରୀ ସିଂ ଧୀର ଓ ବହୁ ସରପଞ୍ଚ ଓ ସମିତିସଭ୍ୟ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ। ପଡୋଶୀ ଗ୍ରାମରୁ ବହୁ ଭକ୍ତବୃନ୍ଦ ଯଜ୍ଞ ଉତ୍ସବରେ ଯୋଗଦେଇ ପ୍ରଭୁକୃପା ଲାଭ କରିବା ସହିତ ପ୍ରସାଦ ସେବନ କରିଥିଲେ। ଉତ୍ସବକୁ ସଫଳ କରିବା ଭାବେ ଅମୂଲ୍ୟ କୁମାର ସାହୁ, ରଶ୍ମିତ ସାହୁ, ଶିକ୍ଷକ ରଶ୍ମିକାନ୍ତ ସାହୁ, ଜମଣିକା ସାହୁ ସମସ୍ତ ଦାୟିତ୍ୱ ତୁଲାଇ ଥିଲେ। ଶୁଳିଆଗ୍ରାମର ସମସ୍ତ ଗ୍ରାମବାସୀ ଏହି ପ୍ରତିଷ୍ଠା ଉତ୍ସବକୁ ପରିଚାଳନା କରିଥିଲେ।

# ନର୍ସିଂ କାର୍ଯ୍ୟାଳୟରେ ଅତ୍ୟାଧୁନିକ ଜ୍ଞାନ କୌଶଳ ଉପଯୋଗ ପାଇଁ ପରାମର୍ଶ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସମ୍ ନର୍ସିଂ କଲେଜ ଭୁବନେଶ୍ୱର ପକ୍ଷରୁ ମଙ୍ଗଳବାର ଆନ୍ତର୍ଜାତିକ ନର୍ସେସ୍ ଦିବସ ପରିଷ୍କାରରେ ଉତ୍ସାହ ଓ ସମ୍ମାନ ସହ ପାଳନ କରାଯାଇଛି। ନର୍ସମାନେ ଦିବାରାତ୍ରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରି ରଖୁଥିବା ବେଳେ ସେମାନଙ୍କୁ ସମ୍ମାନ ଦେବା ଏବଂ ସେମାନଙ୍କ ସେବା ସମ୍ପର୍କରେ ଏହି ଦିବସ ପାଳନ ଅବସରରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନ୍ୟାସନାଲ୍ ଆଲାଏନ୍ସ ଅଫ୍ ଓମେନ୍ ଇନ୍ ଇଣ୍ଡିଆ, ଓଡ଼ିଶା ଶାଖାର ସମ୍ପାଦିକା ପ୍ରମିଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ପ୍ରତ୍ୟେକ ମା' ନର୍ସଙ୍କ ଭୂମିକା ତୁଲାଇଥାନ୍ତି। ଏହି ବୃତ୍ତିକୁ ଆପଣାଉଥିବା ଛାତ୍ରଛାତ୍ରୀମାନେ ସମ୍ମାନର ସହ କାର୍ଯ୍ୟ କରନ୍ତୁ। ତେବେ ସେମାନଙ୍କୁ ସଶକ୍ତ ହେବାର ଆବଶ୍ୟକତା ଥିବା ସେ କହିଥିଲେ। କାର୍ଯ୍ୟକ୍ରମରେ କଳିଙ୍ଗ ହସ୍ପିଟାଲ, ଭୁବନେଶ୍ୱରର ନିର୍ଦ୍ଦେଶିକା ନର୍ସିଂ ସର୍ଭିସେସ୍ ଲେଫ୍ଟେନାଣ୍ଟ କର୍ଣ୍ଣେଲ୍ ପ୍ରଫେସର ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ନର୍ସମାନେ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇପାରିବେ। ତେବେ ସେମାନଙ୍କୁ ଅଧିକ ଦକ୍ଷ ହେବାକୁ ପଡ଼ିବ ଏବଂ ଆନାଟୋମୀ ଏବଂ ଫିଜିଓଲୋଜି ଭଳି ବିଷୟକୁ ଅଧିକ ବୁଝିବାକୁ ପଡ଼ିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଟ୍ରେନ୍ଡ ନର୍ସେସ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଟିଏନ୍‌ଏଆଇ) ଓଡ଼ିଶା ଶାଖାର ଉପଦେଷ୍ଟା ପ୍ରଫେସର ସରୋଜ ନଳିନୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ସହଯୋଗ ନେଇ କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଦେଇଥିଲେ। ସେ କହିଥିଲେ ଯେ ବର୍ତ୍ତମାନ ଅଧିକରୁ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ନର୍ସିଂ ବୃତ୍ତିରେ ପ୍ରବେଶ କରୁଛନ୍ତି। ଏହା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଖୁବ୍ ଭଲ ସଙ୍କେତ ବୋଲି ସେ କହିଥିଲେ। ଏହି ଅବସରରେ ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରିପାଠୀ ଯୋଗଦେଇ କିଭଳି ଭାବରେ ଜଣେ ଭଲ ନର୍ସ ହେବା ସହ ସମ୍ମାନର ସହ ଦକ୍ଷ ରୋଗୀ ସେବା ତୁଲାଇ ପାରିବ ସେ ସମ୍ପର୍କରେ କହିଥିଲେ। ସେ କହିଥିଲେ ଯେ ଆମ ବୃତ୍ତିରେ ନର୍ସମାନେ ହେଉଛନ୍ତି ହିରୋ ତେଣୁ ସେମାନଙ୍କୁ ସଶକ୍ତ କରିବାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ ଏସୋସିଏଟ୍ ଭୁବନେଶ୍ୱରର ଡିନ୍ ପ୍ରଫେସର ସସ୍ମିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଡିସନାଲ୍ ଡିନ୍ ପ୍ରଫେସର ତପତୀ ଶାହା ଚଳିତ ବର୍ଷ ଆନ୍ତର୍ଜାତିକ ନର୍ସେସ୍ ଦିବସର ପ୍ରସଙ୍ଗ 'ଆୱାର ନର୍ସେସ୍, ଆୱାର ଫ୍ୟୁଚର, ଏମ୍ପାୱାରଡ ନର୍ସେସ୍ ସେଭ୍ ଲାଇଭସ୍' ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଆସୋସିଏଟ୍ ପ୍ରଫେସର ସୁଚିସ୍ମିତା ପାହାଡ଼ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଫିଁଟୁଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭିତିରି ଗୁମର

## ରାଜନୀତି ବିଜ୍ଞାନ ବିଭାଗର ପ୍ରସ୍ତାବିତ ଡ଼ି-ଲିଟ୍ ସାକ୍ଷାତକାର ସ୍ଥଗିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ଆସନ୍ତା ୧୮ ତାରିଖରେ ହେବାକୁଥିବା ଡିଲିଟ୍ ଡ଼ିଗ୍ରୀ ପାଇଁ ଚୁଡ଼ାନ୍ତ ପର୍ଯ୍ୟାୟ ପ୍ରକ୍ରିୟାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖିଛନ୍ତି। ଡ଼ଃ ମୋନାଲିସା ବଳଙ୍କର ଆସନ୍ତା ୧୮ ତାରିଖ ସୋମବାର ଦିନ ୧୧ଟା ୩୦ ମିନିଟ୍‌ରେ ସାକ୍ଷାତକାର ହେବାକୁ ଦିନ ଧାର୍ଯ୍ୟ କରାଯାଇ ଗତ ୧୨ ତାରିଖରେ ନୋଟିସ୍ ଜାର କରାଯାଇଥିଲା। ଯାହାକୁ ଶେଷ ମୁହୂର୍ତ୍ତରେ ଗତ ୧୪ ତାରିଖରେ ବିଶ୍ୱବିଦ୍ୟାଳୟର ଡ଼େପୁଟି କନ୍‌ଟ୍ରୋଲର ସ୍ଥଗିତ ହୋଇଥିବା ନେଇ ନୋଟିସ୍ ଜାରି କରିଛନ୍ତି। ଏନେଇ ସେ ସମ୍ପୃକ୍ତ ପ୍ରାର୍ଥୀ ଡଃ ମୋନାଲିସା ବଳଙ୍କ ସମେତ ତାଙ୍କ ଗାଇଡ୍ ତଥା ପୂର୍ବତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଓ ପଶ୍ଚିମବଙ୍ଗ ଗୌର ବଙ୍ଗା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଜିତେନ୍ଦ୍ର ସାହୁଙ୍କୁ ନୋଟିସ୍ କରିଥିବା ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିବାକୁଥିବା ଏହି ସର୍ବୋଚ୍ଚ ତଥା ମର୍ଯ୍ୟାଦା ସମ୍ପନ୍ନ ସମ୍ମାନ ପାଇବାକୁ ସମ୍ପୃକ୍ତ ପ୍ରାର୍ଥୀଙ୍କର ଏପରିକି ତାଙ୍କ ଗାଇଡ୍‌ଙ୍କର ଆବଶ୍ୟକତା ଯୋଗ୍ୟତା ନଥିବା ନେଇ ଅଭିଯୋଗ ହୋଇଥିଲା। ମର୍ଯ୍ୟାଦା ସମ୍ପନ୍ନ ଡ଼ି ଲିଟ୍ ଡ଼ିଗ୍ରୀକୁ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ କୁଳାଧିପତି ତଥା ରାଜ୍ୟପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ। ଏଥିପାଇଁ ସମ୍ପୃକ୍ତ ପ୍ରାର୍ଥୀଙ୍କ ସହିତ ତାଙ୍କର ଗାଇଡ୍‌ଙ୍କ ଯୋଗ୍ୟତା ସମ୍ପର୍କିତ ନିର୍ଦ୍ଦିଷ୍ଟ ନୀତିନିୟମ ରହିଛି। ଅଭିଜ୍ଞତା ସହିତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରୀୟ ଗବେଷଣା ଉପରେ ମୁଖ୍ୟତଃ ଏହି ଡିଗ୍ରୀ ପ୍ରଦାନ କରାଯାଇଥାଏ। ବିଶ୍ୱବିଦ୍ୟାଳୟର ଯେଉଁଭଳି ସମ୍ମାନରେ ଆଞ୍ଚ ନଆସେ ପ୍ରାର୍ଥୀଙ୍କ ଚୟନ ଓ ପଞ୍ଜିକରଣ ବେଳେ କଡ଼ାକଡ଼ି ଭାବେ ଯାଞ୍ଚ କରାଯିବା ଉଚିତ୍। କିନ୍ତୁ ଏସବୁ କ୍ଷେତ୍ରରେ ଅଣଦେଖା କରି ୨୦୨୨ ମସିହାରେ ପ୍ରାର୍ଥୀଙ୍କ ପଞ୍ଜିକରଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏପରିକି ସମ୍ପୃକ୍ତ ପ୍ରାର୍ଥୀଙ୍କୁ ସୁହାଇବା ଭଳି ବିଶ୍ୱବିଦ୍ୟାଳୟର ନିୟମରେ ମଧ ଗତ ୨୦୨୩ ମସିହା ଜୁନ୍ ୨୬ ତାରିଖରେ ସଂଶୋଧନ କରାଯାଇଥିବା ଅଭିଯୋଗ ହୋଇଛି। ଏସବୁ ତଥ୍ୟ ସହିତ ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ ମହାପାତ୍ର କୁଳାଧିପତିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସାମାଜିକ ଗଣମାଧ୍ୟମରୁ ସୂଚନା ମିଳିଛି। ବର୍ତ୍ତମାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ନେଇଥିବା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁ ସାକ୍ଷାତକାରକୁ ସ୍ଥଗିତ ରଖି ବିଶ୍ୱବିଦ୍ୟାଳୟର ଗାରିମା ରକ୍ଷା କରିଥିବାର ପ୍ରଫେସର ମହାପାତ୍ର ତାଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ତେବେ ଏହି ବଡ଼ ଧରଣର ଚକ୍ରାନ୍ତ ଓ ଅନିୟମିତତା ପଛରେ ଆଉ କାହାର ସମ୍ପୃକ୍ତି ରହିଛି ତାହାର ତଦନ୍ତ କରି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସେପଟେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବିଦାୟୀ ତଥା ପୂର୍ବତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ସମୟରେ ହୋଇଥିବା ବିଭିନ୍ନ ଅନିୟମିତତା କ୍ରମଶଃ ପଦାକୁ ଆସୁଛି। ପୂର୍ବରୁ ଏନେଇ ଅଭିଯାଗ ହେଉଥିଲେ ହେଁ ଏଥିପ୍ରତି କେହି କର୍ଣ୍ଣପାତ କରୁନଥିଲେ। ବର୍ତ୍ତମାନ ଯେତେବେଳେ ପ୍ରଫେସର ଶ୍ରୀମତି ଦାଶ କୁଳପତି ପଦବୀରୁ ଅବସର ଗ୍ରହଣ କରିଛନ୍ତି ସବୁ ଅଭିଯୋଗର ଗୋଟି ଗୋଟି କରି ତର୍ଜମା କରାଯିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରଥମେ ବିଶ୍ୱବିଦ୍ୟାଳୟରେ ବେନିୟମ ଭାବେ ସୃଷ୍ଟି ଡ଼େପୁଟି କନ୍‌ଟ୍ରୋଲର ପଦବୀ ଓ ତାଙ୍କୁ ଦିଆଯାଇଥିବା ଅଖଣ୍ଡ କ୍ଷମତା ଉପରେ ଅଙ୍କୁଶ ଲଗାଯାଇଛି। ଏଭଳି ସ୍ଥିତିରେ ବିଶ୍ୱବିଦ୍ୟାଳୟରେ ଇଂରାଜୀ, ଓଡ଼ିଆ ଓ ଆଇଆର୍‌ପିଏମ୍ ଭଳି ଏକାଧିକ ବିଭାଗରେ ବିନା ସାକ୍ଷାତକାରରେ ଅତିଥି ଅଧ୍ୟାପକଙ୍କ ନିଯୁକ୍ତି ହୋଇଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସିଣ୍ଡିକେଟ୍ ବୈଠକରେ କିଛି ସଦସ୍ୟ ପ୍ରଶ୍ନ ମଧ୍ୟ କରିଥିଲେ। ତେବେ ଅତିଥି ଅଧ୍ୟାପକଙ୍କୁ ବିଶ୍ୱବିଦ୍ୟାଳୟର ନିଜସ୍ୱ ପାଣ୍ଠିରୁ ଅର୍ଥ ପ୍ରଦାନ କରାଯାଉ ଥିବାରୁ କୁଳପତି ଏନେଇ ନିଜେ ନିଷ୍ପତି ନେଇପାରିବେ ବୋଲି କୁଆଡ଼େ ଉତର ଦିଆଯାଇଥିଲା। ସେହିଭଳି ଏଲ୍‌ଏଲ୍‌ଏମ୍ ଓ ଏଜୁକେସନ୍ ବିଭାଗରେ ମଧ୍ୟ ପିଏଚ୍‌ଇଡ଼ି ଡ଼ିଗ୍ରୀ ପ୍ରଦାନ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଯାହାର ନିରପେକ୍ଷ ତଦନ୍ତ ପାଇଁ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି କରାଯାଇଛି।



# ଭଦ୍ରକ ଜିଲ୍ଲା ପେଟ୍ରୋଲ ପମ୍ପରେ ଅଭାବୀ ତୈଳ ବିକ୍ରିକୁ ନେଇ ଯାଞ୍ଚ ଆରମ୍ଭ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାରେ ପେଟ୍ରୋଲର ଅଭାବ ଦେଖାଦେଇଥିବା ବେଳେ ଅନେକ ପେଟ୍ରୋଲ ପମ୍ପ ବନ୍ଦ ରହିଛି। କେତେକ ପେଟ୍ରୋଲ ପମ୍ପରେ ୧୦୦/୨୦୦ ଟଙ୍କାରେ ପେଟ୍ରୋଲ ଦିଆଯାଉଛି। ପେଟ୍ରୋଲର ଅଭାବ ବିକ୍ରି ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରାଙ୍କ ତରଫରୁ ମା' ଦକ୍ଷିଣେଶ୍ୱର କାଳୀ ମନ୍ଦିର ସମ୍ମୁଖ ଟାଙ୍କି, ବୀଣା ଫିଲିଂ ଷ୍ଟେସନ୍, ଡାହାଣୀଗଡିଆ ଦୀକ୍ଷିତ ଫିଲିଂ ଷ୍ଟେସନ୍, ବରାଙ୍ଗ ନିକଟସ୍ଥ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଟାଙ୍କିର ଷ୍ଟକର ମିଳିତ ଯାଞ୍ଚ କରାଯାଇଛି। ଉପଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ଲୋକମାନଙ୍କୁ ବ୍ୟସ୍ତ ହୁଅନ୍ତୁ ନାହିଁ, ତେଲ ଯୋଗାଣରେ ସାମାନ୍ୟ ସମସ୍ୟା ଅଛି। କିନ୍ତୁ ଲୋକେ ଗୁଜବକୁ ବିଶ୍ୱାସ ନକରି ଅଧିକ ତେଲ ନକିଣି ଯେତିକି ଆବଶ୍ୟକ ସେତିକି କିଣନ୍ତୁ, ଇଭି ଗାଡି ଥିଲେ ବ୍ୟବହାର କରନ୍ତୁ। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ହୋଇଯିବ ବୋଲି କହିଛନ୍ତି। ପେଟ୍ରୋଲ ପମ୍ପର କର୍ମଚାରୀଙ୍କ କହିବା କଥା ଯେ ଆବଶ୍ୟକତା ଠାରୁ କମ୍ ପେଟ୍ରୋଲ ମିଳୁଛି। ଭିଡକୁ ଦେଖି ୨ ଶହ ରୁ ୫ ଶହ ଟଙ୍କାର ପେଟ୍ରୋଲ ଦିଆଯାଉଛି। ତେବେ ତେଲ ପାଇଁ ବିଭିନ୍ନ ଟାଙ୍କିରେ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ଏଠାରେ ସୂଚନାଯୋଗ୍ୟ ଜିଲ୍ଲାରେ ୬୪ଟି ପେଟ୍ରୋଲ ପମ୍ପ ଏବେ କାର୍ଯ୍ୟ କରୁଛି।

### ଥାଇଲାଣ୍ଡ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ସାତ୍ତ୍ୱିକ-ଚିରାଗ



**ବ୍ୟାଙ୍କକ୍**

ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ ଶେଟ୍ଟି ଥାଇଲାଣ୍ଡ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୯ ଓ ୨୦୨୪ରେ ଟାଇଟଲ ବିଜେତା ଏହି ଭାରତୀୟ ଯୋଡ଼ି ଶନିବାର ଅନୁଷ୍ଠିତ ଫାଇନାଲରେ ମାଲେସିଆର ତଥା ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ଗୋହ ସେଜ୍ ଫେଇ ଓ ନୂର ଇଜୁଦ୍ଦିନଙ୍କୁ ୧୯-୨୧, ୨୨-୨୦, ୨୧-୧୬ରେ ହରାଇ ଦେଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ଦୀର୍ଘ ୮୨ ମିନିଟ ଧରି ଚାଲିଥିଲା। ୫୦୦,୦୦୦ ଆମେରିକୀୟ ଡଲାର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀ ଯୋଡ଼ିଙ୍କର ଏହା ଥିଲା ତୃତୀୟ ଏବଂ ଚଳିତ ସିଜନରେ ପ୍ରଥମ ଫାଇନାଲ। ସେମିଫାଇନାଲ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ଥିବାରୁ ଭାରତୀୟ ଯୋଡ଼ି କ୍ଲାନ୍ତ ହୋଇ ପଡ଼ିଥିବା ସ୍ୱାଭାବିକ। ଫାଇନାଲରେ ସେମାନେ ଇଣ୍ଡୋନେସିଆର ଲିଓ ରୋଲି କାର୍ଣ୍ଣାଣ୍ଡୋ ଓ ଡାନିଏଲ ମାର୍ଟିନଙ୍କୁ ଭେଟିବେ।

# କୋଲକାତାର ବିଜୟ, ଗୁଜରାଟ ୨୯ ରନ୍‌ରେ ପରାସ୍ତ

**କୋଲକାତା**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୦ତମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ବିଜୟୀ ହୋଇଛି। ଗୁଜରାଟ ଟାଇଟନ୍ସକୁ କୋଲକାତା ୨୯ ରନ୍‌ରେ ପରାସ୍ତ କରିଛି। ଗୁଜରାଟ ୨୪୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୪ଟି ଓ୍ୱିକେଟ୍ ହରାଇ ୨୧୮ ରନ୍ ସଂଗ୍ରହ କରିପାରିଥିଲା।

ଗୁଜରାଟ ପାଇଁ ନିଜେ ଅଧିନାୟକ ଶୁବମନ ଗିଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୯ଟି ବଲ୍ ଖେଳି ୫ଟି ଚୌକା ଏବଂ ୭ଟି ଛକା ବଳରେ ୮୫ ରନ୍ ସଂଗ୍ରହ କରିଥିଲେ। ନିଶାନ୍ତ ସିନ୍ଧୁ ୧ ରନ୍ କରିଥିଲେ। ଜୋସ ବଟଲର ୩୫ଟି ବଲ୍ ଖେଳି ୫ଟି ଚୌକା ଏବଂ ୨ଟି ଛକା ବଳରେ ୫୭ ରନ୍ କରିଥିଲେ। ସାଇ ସୁଦର୍ଶନ ୨୮ଟି ବଲ୍ ଖେଳି ୬ଟି ଚୌକା ଏବଂ ୩ଟି ଛକା ବଳରେ ୫୪ ରନ୍ ସଂଗ୍ରହ କରିଥିଲେ।

କୋଲକାତାର ଇଡେନ୍ ଗାର୍ଡେନ୍ସରେ ଗୁଜରାଟ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଏବଂ ଘରୋଇ ଦଳ ବ୍ୟାଟିଂ କରିଥିଲା। ଆଜିଙ୍କ୍ୟ ରହାଣେଙ୍କ ଦଳ ଫିନ୍ ଆଲେନ ଏବଂ ଅଙ୍ଗକ୍ରିଶ ରଘୁବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ନିର୍ଦ୍ଧାରିତ ୨୦ ଓଭରରେ



୨ଟି ଓ୍ୱିକେଟ୍ ହରାଇ ୨୪୭ ରନ୍ ସଂଗ୍ରହ କରିଥିଲା।

କୋଲକାତା ପାଇଁ ପ୍ରାରମ୍ଭିକ ବ୍ୟାଟର ଆଜିଙ୍କ୍ୟ ରହାଣେ ଏବଂ ଫିନ୍ ଆଲୋନ୍ ବିସ୍ଫୋରକ ଆରମ୍ଭ କରିଥିଲେ। ୪.୧ ଓଭରରେ ଦଳର ସ୍କୋର ପ୍ରଥମ ଓ୍ୱିକେଟ୍ ପାଇଁ ୪୪ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ରହାଣେଙ୍କର ବ୍ୟକ୍ତିଗତ ସ୍କୋର ୧୪ ରନ୍ ଥିଲା, ଯେଉଁଥିରେ ଗୋଟିଏ ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା।

ଦ୍ୱିତୀୟ ଓ୍ୱିକେଟ୍ ପାଇଁ ଫିନ୍ ଆଲେନ ଏବଂ ଅଙ୍ଗ୍‌କ୍ରିଶ ୯୫ ରନ୍‌ର ଭାଗିଦାରୀ କରିଥିଲେ। ସେହି ସମୟରେ ଦଳରେ ସ୍କୋର ୧୧.୨ ଓଭରରେ ୧୩୯ ରନ୍‌ରେ ପହଞ୍ଚିଥିଲା। ଆଲେନ୍ ଆଉଟ୍ ହେବା ପରେ ଦଳର ମୋର୍ଚ୍ଚା ସମ୍ଭାଳି ଥିଲେ ରଘୁବଂଶୀଙ୍କ ସହିତ କେମରନ ଗ୍ରିନ୍।

ଫିନ୍ ଆଲେନ ଶତକରୁ ବଞ୍ଚିତ ହୋଇଥିଲେ। ସେ ୩୫ଟି ବଲ୍ ଖେଳି ୯୩ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୪ଟି ଚୌକା ଏବଂ ୧୦ଟି ଛକା ସାମିଲ କରିଥିଲେ। ସେହିପରି ରଘୁବଂଶୀ ୪୪ଟି ବଲ୍ ଖେଳି ଅପରାଜିତ ୮୨ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୪ଟି ଚୌକା ଏବଂ ୭ଟି ଛକା ମାରିଥିଲେ। କେମରନ ଗ୍ରିନଙ୍କ ବ୍ୟାଟରୁ ୫୨ ରନ୍ ଅମଳ ହୋଇଥିଲା। ସେ ୨୮ଟି ବଲ୍ ଖେଳି ୩ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ଗୁଜରାଟ ପାଇଁ ମହମ୍ମଦ ସିରାଜ ଏବଂ ରବି ଶ୍ରୀନିବାସନ ସାଇ କିଶୋର ଗୋଟିଏ ଲେଖାଏଁ ଓ୍ୱିକେଟ୍ ନେଇଥିଲେ।

## କ୍ରିକେଟ ଖେଳୁଥିବା ବେଳେ ଯୁବକଙ୍କ ଉପରେ ହେଲା ବଜ୍ରପାତ



**ମୋହନା**

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବାଘମାରି ପଞ୍ଚାୟତ ଶୁଲୁବା ଗାଁ ରେ ଅଘଟଣ ଘଟିଛି। ଗାଁ ନିକଟସ୍ଥ ଏକ ପଡ଼ିଆରେ ବୟନ୍ତ କୁମାର ବେହେରଦଳାଇ (୨୮)ଙ୍କ ସହ ସାଙ୍ଗ ସାଥି କ୍ରିକେଟ୍ ଖେଳୁଥିବା ସମୟରେ ହଠାତ ବର୍ଷା ସହ ପବନ ହୋଇଥିଲା। ବର୍ଷା ପବନ ହେବାର ଦେଖି ସମସ୍ତ ଖେଳାଳି ଘରକୁ ଦୌଡ଼ିଥିଲେ। କିନ୍ତୁ କିଛି ସମୟ ଦୌଡ଼ିବା ପରେ ବଜ୍ରାଘାତ ହୋଇଥିଲା। ବଜ୍ରାଘାତରେ ଗାଁର ଜୟନ୍ତ କୁମାର ବେହେରଦଳାଇ (୨୮) ନାମକ ଯୁବକ ସେଠାରେ ପଡ଼ିଯାଇଥିଲେ। ଖବର ପାଇ ଚନ୍ଦ୍ରଗିରି ସରପଞ୍ଚ ରଜନୀ ପ୍ରଧାନ ସେଠାରେ ଥିବା ସାଙ୍ଗ ସାଥୀ ଏକ ଅଟୋ ମାଧ୍ୟମରେ ତାଙ୍କୁ ଉଦ୍ଧାର କରି ଚନ୍ଦ୍ରଗିରି ମେଡ଼ିକାଲରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। ହେଲେ ଚିକିତ୍ସାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଘଟଣାସ୍ଥଳରେ ଚନ୍ଦ୍ରଗିରି ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଇଥିବା ଫାଣ୍ଡି ଅଧିକାରୀ ସୁନୀଲ ସେଠି କହିଛନ୍ତି।

## ଦ୍ୱିତୀୟ ବିବାହ କରିବେ ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ**

ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ପ୍ରେମିକା ମାହିକା ଶର୍ମାଙ୍କ ସହ ସାତଫେରା ନେବାକୁ ଯାଉଛନ୍ତି। ୨୦୨୬ ଆଇପିଏଲ୍ ସିଜିନ୍ ମଧ୍ୟରେ ବିବାହ କରିବାକୁ ହେବ ବୋଲି ଗୁଜବ ହେଉଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ରିପୋର୍ଟ ଅନୁଯାୟୀ, ହାର୍ଦ୍ଦିକ ଏବଂ ମାହିକା ଏହି ଚଳିତ ମାସରେ ବିବାହ କରିବାକୁ ଯାଉଛନ୍ତି। ଏବେ ଏହି କପଲଙ୍କ ବିବାହ ସମ୍ପର୍କିତ ଏହି ରିପୋର୍ଟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ସୋସିଆଲ ମିଡିଆ ପୋଷ୍ଟ ଗୁଡ଼ିକ ଦ୍ରୁତ ଗତିରେ ପ୍ରସାରିତ ହେଉଛି ଯେ ଭାରତୀୟ କ୍ରିକେଟ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏହି ମାସରେ ଅର୍ଥାତ୍ ମେ’ ୨୨ ତାରିଖରେ ଉଦୟପୁରରେ ମାହିକା ଶର୍ମାଙ୍କୁ ବିବାହ କରିବାକୁ ଯାଉଛନ୍ତି। ଏହି ଦମ୍ପତି ସବୁଦିନ ପାଇଁ ଏକାଠି ହେବାକୁ ଯାଉଛନ୍ତି। ଦୁହେଁ ବିବାହ ପାରମ୍ପରିକ ରୀତିନୀତି ଅନୁଯାୟୀ କରିବେ। ଖବର ମିଳିଛି ଯେ ବିବାହ ଏକ ଘନିଷ୍ଠ ଲୋକଙ୍କ ମଧ୍ୟ ହେବ। ଯେଉଁଥିରେ କେବଳ



ସେମାନଙ୍କ ନିକଟତମ ପରିବାର, ନିକଟତର ସମ୍ପର୍କୀୟ ଏବଂ ବନ୍ଧୁମାନେ ଯୋଗଦେବେ।

ହାର୍ଦ୍ଦିକ ଏବଂ ମାହିକାଙ୍କ ବିବାହ ଖବର ପ୍ରକାଶ ପାଇବା ମାତ୍ରେ, ଏହା କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ହେଲେ ଆମେ ଏହି ଖବରକୁ କନଫର୍ମ କରିନାହିଁ, କାରଣ ହାର୍ଦ୍ଦିକ ପାଣ୍ଡ୍ୟା କିମ୍ବା ମାହିକା ଏପର୍ଯ୍ୟନ୍ତ ସେମାନଙ୍କ ବିବାହ ସମ୍ପର୍କିତ ଭାଇରାଲ୍ ରିପୋର୍ଟରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଏହା ବ୍ୟତୀତ, ସେମାନଙ୍କ ଟିମ୍ ପକ୍ଷରୁ ବିବାହ ସମ୍ପର୍କରେ କୌଣସି ବିବୃତି ଜାରି କରାଯାଇ ନାହିଁ।

## ବିବାଦ ପରେ ଭାରତ ଆସିପାରନ୍ତି ପିସିବି ଅଧ୍ୟକ୍ଷ

**ନୂଆଦିଲ୍ଲୀ**

ଭାରତ ଗସ୍ତରେ ଆସିପାରନ୍ତି ପାକିସ୍ତାନ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ମହସିନ୍ ନକ୍‌ଭି। ଆଇସିସିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପାଇଁ ଭାରତ ଆସିପାରନ୍ତି। ତାଙ୍କୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯାଇଥିବା ବେଳେ ଏଯାବତ୍ ସ୍ପଷ୍ଟ ହୋଇନାହିଁ। ଭାରତ ପାକିସ୍ତାନ ମଧ୍ୟରେ ସମ୍ପର୍କ ଭଲ ନଥିବା ବେଳେ ଏ ଉପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ କୌଣସି ସୂଚନା ପ୍ରଦାନ କରିନାହାନ୍ତି। ଅହମ୍ମଦାବାଦରେ ଆଇସିସି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଯେଉଁଥିରେ ବହୁ ବୋର୍ଡ ଯୋଗଦେବେ।

କହି ରଖୁଛୁ କି, ଏସୀଆ କପ୍



ଟ୍ରଫି ଦେବା ସମୟରେ ନକ୍‌ଭି କପ୍ ନେଇ ପଳାଇଥିଲେ। ଭାରତ ବିଜୟୀ ହୋଇଥିବାବେଳେ ତାଙ୍କ ହାତରୁ ଟ୍ରଫି ନେବାକୁ ମନା କରିଥିଲା। ମାତ୍ର ସେ କପ୍ ଦେବା ବଦଳରେ ହୋଟେଲକୁ ନେଇ ପଳାଇଥିଲେ। ଏହାସହ ପଦକ ମଧ୍ୟ ଦେବାକୁ ମନା କରିଥିଲେ। ଯାହାକୁ ନେଇ ବିସିସିଆଇ ପକ୍ଷରୁ ମଧ୍ୟ କ୍ଷୋଭ ପ୍ରକାଶ କରାଯାଇଥିଲା। ବିନା ଟ୍ରଫିରେ ଉତ୍ସବ ମନାଇଥିଲା ଟିମ୍ ଇଣ୍ଡିଆ। ଯାହାକୁ ନେଇ ନକଭିଙ୍କୁ ଭାରତୀୟ ଫ୍ୟାନ୍ସମାନେ ଟ୍ରୋଲ ମଧ୍ୟ କରିଥିଲେ। ଦୀର୍ଘଦିନ ପରେ ମଧ୍ୟ ଏହି ବିବାଦର ସମାଧାନ ହୋଇନାହିଁ।

ସେପଟେ ଭାରତ-ପାକିସ୍ତାନ ମଧ୍ୟରେ ୨୦୦୮ ମସିହା ପରଠାରୁ ଦ୍ୱିପାକ୍ଷିକ ସିରିଜ୍ ଖେଳାଯାଉନାହିଁ। ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ପରଠାରୁ ବନ୍ଦ ରହିଛି। ଉଭୟ ପଡ଼ୋଶୀ ଦେଶ ମଧ୍ୟରେ କେବଳ ଆଇସିସିର ଟୁର୍ଣ୍ଣାମେଣ୍ଟ ଏବଂ ଏସୀଆ କପରେ ଭେଟାଭେଟି ହେଉଛନ୍ତି। ଯେଉଁଥିରେ ଭାରତର ବିଜୟ ହାର ଅଧିକ ରହିଛି। ଲଗାତାର ଭାବେ ପାକିସ୍ତାନ ପରାଜୟ ବରଣ କରି ଆସୁଛି।

## ପତ୍ନୀଙ୍କ ପାଇଁ ଆମିଷ ଛାଡ଼ିଦେଇଥିଲି : କୋହଲି

**ନୂଆଦିଲ୍ଲୀ**

ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ବଲିଉଡ୍ ଏବଂ କ୍ରିକେଟ ଉଭୟରେ ସବୁଠାରୁ ଚର୍ଚ୍ଚିତ ଦମ୍ପତିଙ୍କ ମଧ୍ୟରୁ ଜଣେ। ଏହି ଦମ୍ପତି ସେମାନଙ୍କର କଠିନ ପରିଶ୍ରମ ଦ୍ୱାରା ଏହି ସ୍ଥାନରେ ପହଞ୍ଚିପାରିଛନ୍ତି। ବିରାଟ ଏବଂ ଅନୁଷ୍କା ପ୍ରାୟତଃ ସେମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ପାଇଁ ପରସ୍ପରକୁ ଶ୍ରେୟ ଦିଅନ୍ତି। ନିରାମିଷ ଏବଂ ଆମିଷ ଜୀବନଶୈଳୀ ଗ୍ରହଣ କରିବା ସେହି ପରିବର୍ତ୍ତନ ମଧ୍ୟରୁ ଗୋଟିଏ। ଅନୁଷ୍କା ୨୦୧୫ରେ ଏକ ନିରାମିଷ ଜୀବନଶୈଳୀ ଆପଣାଇଥିଲେ। ଏକ ସାକ୍ଷାତ୍‌କାରରେ, ପ୍ରାଣୀମାନଙ୍କ ପ୍ରତି ତାଙ୍କର ପ୍ରେମ ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧ ତାଙ୍କ ନିଷ୍ପତ୍ତିର କାରଣ ଥିଲା। ପରେ ବିରାଟ ମଧ୍ୟ ଆମିଷ ଛାଡ଼ି ଦେଇଥିଲେ।

ଏକ ସାକ୍ଷାତକାରରେ ବିରାଟ କୋହଲି କହିଥିଲେ, ଅନୁଷ୍କା ମୋତେ ଜୀବନ ପ୍ରତି ଏକ ନୂତନ ଦୃଷ୍ଟିକୋଣ ଦେଇଥିଲେ। ତାଙ୍କ ସହିତ ସାକ୍ଷାତ୍ କରିବା ପୂର୍ବରୁ ମୁଁ ଏତେ ସନ୍ତୁଳିତ ବ୍ୟକ୍ତି ନ ଥିଲି। ତାଙ୍କ ପାଇଁ ମୁଁ ଆମିଷ ଖାଇବା ଛାଡ଼ିଦେଇଛି। ଅନୁଷ୍କାଙ୍କ ପ୍ରାଣୀମାନଙ୍କ ପ୍ରତି ପ୍ରେମ ମୋ ଚିନ୍ତାଧାରାକୁ ବଦଳାଇ ଦେଇଥିଲା। ନିରାମିଷ ହେବା ପରେ ମୋ ଫିଟ୍‌ନେସ୍ ଏବଂ ସ୍ୱାସ୍ଥ୍ୟରେ ଯଥେଷ୍ଟ ଉନ୍ନତି ଘଟିଛି। ଏହା ମୋ ଜୀବନର ସର୍ବଶ୍ରେଷ୍ଠ ନିଷ୍ପତ୍ତି। ଅନୁଷ୍କା ମୋତେ ଏକ ଭଲ ବ୍ୟକ୍ତି କରିଛନ୍ତି। ମୁଁ ନିଜକୁ



ଭାଗ୍ୟବାନ ମନେ କରୁଛି।

ଉଲ୍ଲେଖନୀୟ ଯେ, ଅନୁଷ୍କା ଶର୍ମା ଏବଂ ତାଙ୍କ ସ୍ୱାମୀ ବିରାଟ କୋହଲି ପ୍ରାୟତଃ ବୃନ୍ଦାବନରେ ପ୍ରେମାନନ୍ଦ ମହାରାଜଙ୍କୁ ଦର୍ଶନ କରନ୍ତି। ଏହି ଦମ୍ପତି ତାଙ୍କଠାରୁ ମଧ୍ୟ ଦୀକ୍ଷା ଗ୍ରହଣ କରିଥିଲେ। ସେବେଠାରୁ ସେମାନଙ୍କୁ ପ୍ରାୟତଃ ବେକରେ ତୁଳସୀ ମାଳା ପିନ୍ଧିଥିବାର ଦେଖାଯାଇଛି। ଅନୁଷ୍କା ଏବଂ ବିରାଟ ଡିସେମ୍ବର ୧୧, ୨୦୧୭ରେ ଇଟାଲୀର ଟସ୍କାନାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏହି ଦମ୍ପତିଙ୍କ ଝିଅ ଭାମିକା ଏବଂ ପୁଅ ଅକାୟ ଅଛନ୍ତି।

## ଆଇପିଏଲ୍‌ରେ ଜାତିଗତ ଆକ୍ଷେପ : ତିଲକ ବର୍ମାଙ୍କୁ ‘ଅନ୍ଧେରେ’ କହି ବିବାଦରେ ଅର୍ଶଦୀପ

**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୬ ମୈଦାନରେ ପୁଣି ଏକ ବଡ଼ ବିବାଦ ମୁଣ୍ଡ ଟେକିଛି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ପରାଜୟ ପରେ ପଞ୍ଜାବ କିଙ୍ଗସର ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରେ ସେ ମୁମ୍ବାଇ ବ୍ୟାଟର ତିଲକ ବର୍ମାଙ୍କୁ ରଙ୍ଗଭେଦ ବା ଜାତିଗତ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ପୂର୍ବତନ ଭାରତୀୟ ସ୍ପିନର ଲକ୍ଷ୍ମଣ ଶିବରାମକ୍ରିଷ୍ଣନ କଡ଼ା ପ୍ରତିକ୍ରିୟା ପ୍ରକାଶ କରିବା ସହ ଅର୍ଶଦୀପଙ୍କୁ ଚଳିତ ସିଜନରୁ ବ୍ୟାନ କରିବାକୁ ଦାବି କରିଛନ୍ତି।

ଧର୍ମଶାଳାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପଞ୍ଜାବ କ୍ରମାଗତ ୫ମ ପରାଜୟ ବରଣ କରିଥିଲା। ଭାଇରାଲ ହେଉଥିବା ଭିଡିଓରେ ଅର୍ଶଦୀପ, ତିଲକ ବର୍ମାଙ୍କୁ ଉଦ୍ଦେଶ୍ୟ



କରି କହୁଛନ୍ତି, ‘ଓଏ ଅନ୍ଧେରେ, ସନସ୍କ୍ରିନ୍ ଲଗାୟା’ (ଏଇ କଳା ଲୋକ, ସନସ୍କ୍ରିନ୍ ଲଗାଇଛୁ କି)। ଏହି ମନ୍ତବ୍ୟ ତିଳକଙ୍କ ଚର୍ମର ରଙ୍ଗକୁ ନେଇ କରାଯାଇଥିବା ଅଭିଯୋଗ ହେଉଛି, ଯାହାକୁ ନେଇ କ୍ରିକେଟ୍ ଜଗତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପୂର୍ବତନ କ୍ରିକେଟର ଲକ୍ଷ୍ମଣ ଶିବରାମକ୍ରିଷ୍ଣନ ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ରେ ପୋଷ୍ଟ କରି ଅର୍ଶଦୀପଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ ଲେଖିଛନ୍ତି, ‘ଅର୍ଶଦୀପଙ୍କୁ ଚଳିତ ସିଜନରୁ ବ୍ୟାନ କରାଯିବା ଉଚିତ୍। ଖେଳାଳିମାନଙ୍କୁ ସେଠାରେ ଆଘାତ ଦେବା ଦରକାର ଯେଉଁଠି ସେମାନଙ୍କୁ ସବୁଠାରୁ ଅଧିକ କଷ୍ଟ ହେବ। ତିଲକ ବର୍ମା ଏବେ ନିଜ କ୍ୟାରିୟରର ପ୍ରଥମ ପର୍ଯ୍ୟାୟରେ ଥିବାରୁ ହୁଏତ କିଛି କହିପାରୁ ନାହାନ୍ତି, କିନ୍ତୁ ବିସିସିଆଇ ଏହି ପ୍ରମାଣ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍।’

ଏହି ଘଟଣା ଶିବରାମକ୍ରିଷ୍ଣନଙ୍କୁ ନିଜ ଖେଳ ଦିନର ପୁରୁଣା ସ୍ମୃତି ମନେ ପକାଇ ଦେଇଛି। ସେ ଅଭିଯୋଗ କରିଛନ୍ତି ଯେ, ନିଜ ଦଳର ସଦସ୍ୟମାନେ ମଧ୍ୟ ତାଙ୍କୁ ରଙ୍ଗକୁ ନେଇ ପରିହାସ କରୁଥିଲେ। ସେ ଏକ ଘଟଣା ସମ୍ପର୍କରେ କହିଛନ୍ତି ଯେ, ପାକିସ୍ତାନ ଗସ୍ତ ସମୟରେ ତତ୍କାଳୀନ ଅଧିନାୟକ ସୁନୀଲ ଗାଭାସ୍କର ତାଙ୍କ ପାଇଁ ଏକ କେକ୍ ମଗାଇଥିଲେ। ସେତେବେଳେ ଜଣେ ସାଥୀ ଖେଳାଳି କହିଥିଲେ, ‘ସନି, ତୁମେ ଏହି କଳା ପିଲା ପାଇଁ ଏକଦମ୍ ସଠିକ୍ ରଙ୍ଗର ଡାର୍କ ଚକୋଲେଟ୍ କେକ୍ ମଗାଇଛ।’

ସୂଚନାଯୋଗ୍ୟ ଯେ, ଶିବରାମକ୍ରିଷ୍ଣନ ଭାରତ ପାଇଁ ୯ଟି ଟେଷ୍ଟ ଓ ୧୬ଟି ଦିନିକିଆ ଖେଳିଛନ୍ତି। ଏବେ ଅର୍ଶଦୀପଙ୍କ ବିରୋଧରେ ବିସିସିଆଇ କ’ଣ ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ସ୍ଲୋ ଓଭର ପାଇଁ ଋଷଭ ପନ୍ତଙ୍କ ଉପରେ ଲାଗିଲା ଜରିମାନା

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୬ର ୫୯ତମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଚେନ୍ନାଇ ସୁପର କିଙ୍ଗ୍ସକୁ ୭ ଓ୍ୱିକେଟରେ ହରାଇଛି। ଏହାପରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଅଧିନାୟକ ଋଷଭ ପନ୍ତଙ୍କ ଉପରେ ସ୍ଲୋ ଓଭର ପକାଇବା ଲାଗି ଜରିମାନା ଲାଗିଛି। ଏହି ମ୍ୟାଚ୍‌ରେ ପନ୍ତ ବ୍ୟାଟିଂ କରିପାରି ନ ଥିଲେ, ଦଳ ୨୦ ବଲ୍ ବାକି ଥାଇ ଲକ୍ଷ୍ୟ ହାସଲ କରିଥିଲା।

ଆଇପିଏଲ୍ ଦ୍ୱାରା ଜାରି କରାଯାଇଥିବା ମନ୍ତବ୍ୟରେ କୁହାଯାଇଛି, ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଅଧିନାୟକ ଋଷଭ ପନ୍ତଙ୍କ ଉପରେ ଶୁକ୍ରବାର ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍ ସମୟରେ ତାଙ୍କ ଦ୍ୱାରା ସ୍ଲୋ ଓଭର ଜାରି ରଖିବା ନେଇ ଜରିମାନା ଲଗାଯାଇଛି। ପନ୍ତଙ୍କ ଉପରେ ୧୨ ଲକ୍ଷର ଜରିମାନା ଲାଗିଛି। ସେହିଭଳି ଆଗକୁ କୁହାଯାଇଛି କି, ଆଇପିଏଲର ଆଚାର ସଂହିତା ଅନୁଚ୍ଛେଦ ୨.୨୨ମାଧ୍ୟମରେ ଯାହା ନ୍ୟୁନତମ ଓଭର ରେଟ୍ ସହ ଯୋଡ଼ି ହୋଇଥିବା



ଅପରାଧ ସହ ସମ୍ବନ୍ଧିତ ଅଛି, ଏହା ତାଙ୍କ ଟିମ୍‌ର ଏହି ସଂସ୍କରଣର ପ୍ରଥମ ଅପରାଧ ଥିଲା। ଏଥିଲାଗି ଋଷଭ ପନ୍ତଙ୍କ ଉପରେ ୧୨ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି।

ଇକାନା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ପ୍ରଥମେ ବ୍ୟାଟିଂ କରି ୧୮୭ ରନ୍ କରିଥିଲେ। ସଞ୍ଜୁ ସାମସନ୍ ୨୦ ରନ୍ ଏବଂ ଋତୁରାଜ ଗାୟକ୍‌ୱାଡ଼ ୧୩ରନ୍ କରି ଆଉଟ୍ ହୋଇଥିଲେ। ଉର୍ବିଲ ପଟେଲ ମଧ୍ୟ ମାତ୍ର ୬ରନ୍ କରିପାରିଥିଲେ। ଚତୁର୍ଥ ସ୍ଥାନରେ ଆସିଥିବା କାର୍ତ୍ତିକ ଶର୍ମା ୪୨ ବଲରେ ୭୧ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଶେଷରେ, ଶିବମ୍ ଦୁବେ ୧୬ ବଲରେ ୩୨ ରନ୍ କରି ସ୍କୋରକୁ ୧୮୭ ରନରେ ପହଞ୍ଚାଇଥିଲେ।

ଏହି ଟାର୍ଗେଟର ପିଛା କରି, ମିଚେଲ ମାର୍ଶ ଏବଂ ଜୋଶ ଇଙ୍ଗ୍ଲିସଙ୍କ ଓପନିଂ ଯୋଡ଼ି ଶତକୀୟ ଭାଗୀଦାରି ସହ ଲକ୍ଷ୍ନୌକୁ ଏକ ଦୃଢ଼ ଆରମ୍ଭ ଦେଇଥିଲେ। ମାର୍ଶ ୩୮ ବଲ୍‌ରେ ୭ ଛକ୍କା ଏବଂ ୯ ଚୌକା ସାହାଯ୍ୟରେ ୯୦ ରନ୍ କରିଥିଲେ। ସେ ରନ ଆଉଟ୍ ହୋଇଥିଲେ। ୧୭ତମ ଓଭରର ଆରମ୍ଭ ୪ ବଲରେ ୪ ଛକ୍କା ମାରି ନିକୋଲସ ପୂରନ ଟିମ୍ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଥିଲେ।

## ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ପଦକ୍ଷେପ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆସନ୍ତା ମୌସୁମୀ ଋତୁରେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ତାଙ୍କ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବନ୍ଧୀୟ ବିବରଣୀ ଜିଲ୍ଲା ଜରୁରୀ ଶାଖାକୁ ଦାଖଲ କରିବା ପାଇଁ କୁହାଯାଇଥିଲା।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଲୀନା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସ, ସୋନପୁର ଉପଜିଲ୍ଲାପାଳ ଡା. ସୌମ୍ୟରୂପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର ଏବଂ ବିଭିନ୍ନ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକକୁ ଜିଲ୍ଲା ଜରୁରୀ ଶାଖା ଅଧିକାରୀ ରାଜେଶ



କୁମାର ସାହୁ ପରିଚାଳନା କରିଥିଲେ।

ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକରେ କିପରି ପଦକ୍ଷେପ ଗ୍ରହଣ କରାଯିବ, ସେଥିପାଇଁ ଆଲୋଚନା କରାଯାଇ ଥିଲା। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପିଏଚଡି ଏବଂ ଗ୍ରାମୀଣ ଜଳ ଯୋଗାଣ ଓ ସ୍ୱଚ୍ଛତା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାଛଡ଼ା ଜଣ୍ଡିସ୍ ପ୍ରଭାବିତ ଗ୍ରାମଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ସାପ କାମୁଡ଼ା, ପାଣିରେ ବୁଡ଼ି ମୃତ୍ୟୁ କିମ୍ବା ବଜ୍ରାଘାତଜନିତ ମୃତ୍ୟୁ ଘଟିଲେ ମୃତକଙ୍କ ପରିବାରକୁ କିପରି ସହାୟତା ରାଶି ପ୍ରଦାନ କରାଯିବ ଏବଂ ସେଥିପାଇଁ ଆବଶ୍ୟକ ମିଳିତ ନିରୀକ୍ଷଣ କରାଯିବ, ସେଥିପାଇଁ ବୈଠକରେ ଜୋର ଦିଆଯାଇଥିଲା।

ବନ୍ୟା ସମୟରେ ମିଥ୍ୟା ଓ ଭ୍ରାନ୍ତିକର ଖବର ଉପରେ ବିଶ୍ୱାସ ନ କରି କେବଳ ସରକାରୀ ସୂତ୍ରରୁ ମିଳୁଥିବା ସୂଚନା ଉପରେ ଲୋକମାନେ କିପରି ବିଶ୍ୱାସ କରିବେ ଏବଂ ସେଥିପାଇଁ କ’ଣ କ’ଣ ପଦକ୍ଷେପ ଗ୍ରହଣ କରାଯାଇ ପାରିବ, ସେ ବିଷୟରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା।

## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

**ଚାନ୍ଦବାଲି, ନ୍ୟୁଜ୍‌ବ୍ୟୁରୋ**

ସାବିତ୍ରୀ ବ୍ରତ ଦିନ ଟ୍ରାକ୍ଟର ଚକା ତଳେ ଗଲା ଯୁବକଙ୍କ ଜୀବନ। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଞ୍ଚଳରେ। ଏ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ତେନ୍ତୁଳିଡିହି ପଞ୍ଚାୟତର ମୂଳକାଇମା ଗ୍ରାମର ଉପେନ୍ଦ୍ର ବିଶ୍ୱାଳଙ୍କ ପୁଅ ପରେଶ ବିଶ୍ୱାଳ (୨୮) ଅପରାହ୍ନରେ ଚାନ୍ଦବାଲିସ୍ଥିତ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରେ ନିଜ ବାଇକରେ ପେଟ୍ରୋଲ ଭରି ବାହାରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସରେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ, ମାତ୍ର ଡାକ୍ତରମାନେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ସୁନାମୀ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ମକ୍‌ଡ୍ରିଲ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହିଡ଼ିଗାଁ ଗ୍ରାମପଞ୍ଚାୟତର ହିଡ଼ିଗାଁ ଓ ଗୁଡୁପାହି ଗ୍ରାମପଞ୍ଚାୟତର ଗୁଡୁପାହି ଗ୍ରାମଠାରେ ଜିଲ୍ଲାସ୍ତରୀୟ, ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଗୁଡୁପାହି ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲକୁ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସାଇ କୃଷ୍ଣ ଜେନା ଉଦ୍‌ଘାଟନ କରିଥିଲେ। ସୁନାମି ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇପାରିବ ଏବଂ ଧନଜୀବନ କ୍ଷୟକ୍ଷତିକୁ ରୋକି ହେବ ସେଥିପ୍ରତି ଦୃଷ୍ଟି ଦେବା ଉପରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଜେନା ଗୁରୁତ୍ୱାରୋପ କରିଥିଲେ। ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ବାଲେଶ୍ୱର ଜିଲ୍ଲାର ସଦର ବ୍ଲକର ଦୁଇଗୋଟି ଗ୍ରାମ ଯଥା ଗୁଡୁପାହି ଓ ହିଡ଼ିଗାଁ ଗ୍ରାମରେ ମକଡ୍ରିଲ ଅନୁଷ୍ଠିତ ହୋଇଥିବା ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ କୁହାଯାଇଛି। ଗୁଡୁପାହି ଓ ହିଡ଼ିଗାଁବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲରେ ଏନଡିଆରଏଫ, ଓଡ୍ରାଫ ବାହିନୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲା। ଏନଡିଆରଏଫ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିଥିଲେ ଏବଂ ସେଗୁଡିକର କାର୍ଯ୍ୟକ୍ଷମତା ବାବଦରେ ଅବଗତ କରାଇଥିଲେ। ଓସଡାମା ସହଯୋଗରେ ଅନୁଷ୍ଠିତ ଏହି ମକ୍‌ଡ୍ରିଲରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଓସଡାମା କାର୍ଯ୍ୟାଳୟରୁ ଆସିଥିବା ପର୍ଯ୍ୟବେକ୍ଷକ ଓ କାର୍ଯ୍ୟକ୍ରମ ପରିଚାଳକ ମେଘନାଦ ବେହେରା ଉପସ୍ଥିତ ରହି ନିଜର ପ୍ରତିକ୍ରିୟା ରଖିଥିଲେ। ଜିଲ୍ଲାସ୍ତରୀୟ ମକଡ୍ରିଲ୍ କାର୍ଯ୍ୟକ୍ରମରେ , ହିଡ଼ିଗାଁ ଓ ଗୁଡୁ ଗ୍ରାମପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସରପଞ୍ଚ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଲେଶ୍ୱର ସଦର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବାଲେଶ୍ୱର, ସାଇ କୃଷ୍ଣ ଜେନା, ଏନଡିଆରଏଫ ଟିମ୍ କମାଣ୍ଡର, ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କର ସମ୍ପାଦକ ପ୍ରଦୀପ ଜେନା ଉପସ୍ଥିତ ରହି ମକଡ୍ରିଲ ସଂପର୍କରେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଓସଡାମା) ଅବନୀକାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।





# ପୋଲିସ ଡିଜି ଦୌଡ଼ରେ ୧୧ ବରିଷ୍ଠ ଆଇପିଏସ୍ ଅଧିକାରୀ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଅଗଷ୍ଟ ୩୧ରେ ପୋଲିସ ଡିଜି ୱାଇ.ବି. ଖୁରାନିଆଙ୍କ କାର୍ଯ୍ୟକାଳ ଶେଷ ହେଉଛି । ତେଣୁ ଆଗୁଆ ନୂଆ ପୋଲିସ ଡିଜି ଚୟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ସରକାର । ସାଧାରଣ ପ୍ରଶାସନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନୂଆଦିଲ୍ଲୀ ଯାଇ ଶୁକ୍ରବାର ନିର୍ଦ୍ଧାରିତ ଫର୍ମାଟରେ ୟୁପିଏସ୍‌ସି କର୍ତ୍ତୃପକ୍ଷଙ୍କ ପାଖରେ ଶର୍ଟଲିଷ୍ଟ ହୋଇଥିବା ୧୧ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ବିବରଣୀ ଦାଖଲ କରିଛନ୍ତି । ସେମାନେ ହେଲେ ୧୯୯୦ ବ୍ୟାଚ୍ ଆଇପିଏସ୍ ଅଧିକାରୀ ତଥା ଅଗ୍ନିଶମ ସେବା ଡିଜି ସୁଧାଂଶୁ ଷଡ଼ଙ୍ଗୀ । ୧୯୯୩ ବ୍ୟାଚର ଜେଲ୍ ଡିଜି ସୁଶାନ୍ତ ନାଥ ଓ ଗୋଇନ୍ଦା ଡିଜି ଆର.ପି. କୋଚେଙ୍କ ସମେତ ୧୯୯୪ ବ୍ୟାଚର ସଞ୍ଜୀବ ପଣ୍ଡା ଓ ଯଶବନ୍ତ ଜେଠ୍ୱା । ୧୯୯୫ ବ୍ୟାଚ୍ର ରୀତୁ ଅରୋରା, ସୌମେନ୍ଦ୍ର ପ୍ରିୟଦର୍ଶୀ, ପିଏସ୍ ରଣପିସେ ଓ ସନ୍ତୋଷ ବାଲା ଏବଂ ୧୯୯୬ ବ୍ୟାଚର ଅରୁଣ ବୋଥ୍ରା ଓ ସୁନୀତା କାକରନ ରହିଛନ୍ତି । ତେବେ ଏମାନଙ୍କ ମଧ୍ୟରୁ ଆଇପିଏସ୍ ଅଧିକାରୀ ରୀତୁ, ରଣପିସେ ଓ ସୁନୀତା ଏବେ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି । ବରିଷ୍ଠତା ଭିତ୍ତିରେ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ ନାଥ ଓ ଆର.ପି. କୋଚେଙ୍କ ନାମ ପରବର୍ତ୍ତୀ ଡିଜିପି ନିମନ୍ତେ ଅଧିକ ଚର୍ଚ୍ଚାରେ ରହିଛି । ତେବେ ଅଫିସର ଭାବେ ସୁଧାଂଶୁ ଷଡ଼ଙ୍ଗୀ, ସଞ୍ଜୀବ ପଣ୍ଡା ଓ ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ପଦବୀ ପାଇଁ ମୁଖ୍ୟ ଦାବିଦାର ଥିବା ଚର୍ଚ୍ଚା ହେଉଛି । ସେହିପରି ତାଲିକାରେ ୩ ଜଣ ମହିଳା ଆଇପିଏସ୍ ଅଧିକାରୀ ସନ୍ତୋଷ ବାଲା, ରୀତୁ ଅରୋରା ଓ ସୁନୀତା କାକରନ ରହିଛନ୍ତି । ରାଜ୍ୟ ସରକାର ଯଦି 'ମହିଳା କାର୍ଡ' ଖେଳନ୍ତି ତା'ହେଲେ ଏମାନଙ୍କ ମଧ୍ୟରୁ କାହାକୁ ବି ଡିଜିପି ମୁକୁଟ ପିନ୍ଧାଇପାରନ୍ତି । ରୀତୁ ଓ ସୁନୀତା ଏବେ କେନ୍ଦ୍ରୀୟ ଡେପୁଟେଶନରେ ଥିବାରୁ ସନ୍ତୋଷ ବାଲା ହିଁ ପ୍ରମୁଖ ଦାବିଦାର ବୋଲି କୁହାଯାଉଛି । ଅନ୍ୟମାନଙ୍କ ମଧ୍ୟରେ ଭିଜିଲାନ୍ସ ଏଡିଜି ଯଶୋବନ୍ତ ଜେଠ୍ୱା ମଧ୍ୟ ଦାବିଦାର ରହିଛନ୍ତି । ସେ ବହୁ ବଡ଼ ବଡ଼ ଦୁର୍ନୀତିଗ୍ରସ୍ତ ସରକାରୀ ଅଫିସରଙ୍କୁ ବାନ୍ଧି ଚର୍ଚ୍ଚାରେ ଅଛନ୍ତି । ତେଣୁ ତାଙ୍କ ଟ୍ରାକ୍ ରେକର୍ଡ ଭଲ ଥିବାରୁ ସରକାର ତାଙ୍କୁ ଡିଜିପି କରିପାରନ୍ତି ବୋଲି ଅଧିକାରୀସ୍ତରରେ ଆଲୋଚନା ହେଉଛି ।

ଡିଜିଙ୍କ କାର୍ଯ୍ୟକାଳ ଶେଷହେବାର ଅତିକମରେ ଅଢ଼େଇ ମାସ ପୂର୍ବରୁ ନୂଆ ଡିଜିପି ଚୟନ ନିମନ୍ତେ ପ୍ରସ୍ତାବ ପଠାଇବାକୁ ରାଜ୍ୟଗୁଡ଼ିକୁ ଗତ ଜାନୁଆରୀରେ ୟୁପିଏସସି କର୍ତ୍ତୃପକ୍ଷ ପରାମର୍ଶ ଦେଇଥିଲେ । ଏଥିସହ ରାଜ୍ୟର ନୂଆ ପୋଲିସ ଡିଜି ପଦବୀ ନିମନ୍ତେ ତାଲିକାଭୁକ୍ତ ଆଇପିଏସ୍‌ଙ୍କ ବିବରଣୀ ପଠାଇବା ପାଇଁ ୟୁପିଏସ୍‌ସି କର୍ତ୍ତୃପକ୍ଷ ନିକଟରେ ରାଜ୍ୟ ସରକାରଙ୍କୁ ଚିଠି ପଠାଇଥିଲେ । ଏହାପରେ ଡିଜିପି ପଦବୀ ନିମନ୍ତେ ନିର୍ଦ୍ଧାରିତ ମାନଦଣ୍ଡ ଆଧାରରେ ଆଇପିଏସ୍ ସେବାରେ ୩୦ ବର୍ଷ କାର୍ଯ୍ୟକାଳ ପୂରଣ କରିଥିବା ୧୧ଜଣ ବରିଷ୍ଠ ଆଇପିଏସ୍ ଅଫିସର(୧୯୯୦ରୁ ୧୯୯୬ ବ୍ୟାଚ୍ ପର୍ଯ୍ୟନ୍ତ)ଙ୍କ ସିସିଆର୍‌ଠୁ ଆରମ୍ଭକରି ସମସ୍ତ ତଥ୍ୟକୁ ଗୃହ ବିଭାଗ ଦୁଇଦିନ ପୂର୍ବରୁ ସାଧାରଣ ପ୍ରଶାସନ ବିଭାଗକୁ ପଠାଇଥିଲା, ଯାହାକୁ ସାଧାରଣ ପ୍ରଶାସନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଆଜି ଦିଲ୍ଲୀ ଯାଇ ଦାଖଲ କରିଛନ୍ତି । ରାଜ୍ୟ ସରକାର ନିର୍ଦ୍ଧାରିତ ଅବଧି ମଧ୍ୟରେ ତାଲିକା ଦାଖଲ କରିଥିବାରୁ ଅଗଷ୍ଟ ପୂର୍ବରୁ ରାଜ୍ୟକୁ ନୂଆ ପୋଲିସ ଡିଜି ମିଳିଯିବ ବୋଲି କୁହାଯାଉଛି ।

# ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ସଚେତନତା ଅଭିଯାନ ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ରେଳବାଇ ପକ୍ଷରୁ 'ଜଳବାୟୁ ପରିବର୍ତ୍ତନ' ବିଷୟ ବସ୍ତୁକୁ ନେଇ 'ବିଶ୍ୱ ପରିବେଶ ଦିବସ ଅଭିଯାନ' ଆରମ୍ଭ କରାଯାଇଛି । ଏହି ଅଭିଯାନ ୧୫.୦୫.୨୦୨୬ରୁ ୦୫.୦୬.୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହି ପଦକ୍ଷେପର ଏକ ଅଂଶ ସ୍ୱରୂପ, ଯାତ୍ରୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ତ କରିବାର ଗୁରୁତ୍ୱକୁ ବୁଝାଇବା ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳ ବିଭିନ୍ନ ସଚେତନତା ଏବଂ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଏକ ବ୍ୟାପକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛି ।



ଏହି ଅଭିଯାନର ପ୍ରଥମ ଦିନରେ, ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ରେଳ ଷ୍ଟେସନ, ରେଳବାଇ କଲୋନୀ ଏବଂ ଅନ୍ୟାନ୍ୟ ରେଳ ପ୍ରତିଷ୍ଠାନଗୁଡ଼ିକରେ ବ୍ୟାନର ପ୍ରଦର୍ଶନ ଏବଂ ଯାତ୍ରୀମାନଙ୍କୁ ଲିଫ୍‌ଲେଟ୍ (ପତ୍ରିକା) ବଣ୍ଟନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ନିଜର ଦୈନନ୍ଦିନ ଜୀବନରେ ପରିବେଶ ପ୍ରତି ଦାୟିତ୍ୱବାନ ଅଭ୍ୟାସ ଆପଣାଇବା ସହ ନିଜ ପରିବାର ସଦସ୍ୟ, ବନ୍ଧୁ ଏବଂ ସମାଜକୁ ପରିବେଶ ଅନୁକୂଳ ଅଭ୍ୟାସ ପାଇଁ ପ୍ରେରିତ କରିବାକୁ କର୍ମଚାରୀ ଓ ଯାତ୍ରୀମାନଙ୍କୁ ଶପଥ ପାଠ କରାଯାଇଥିଲା ।

ଏହି ଅଭିଯାନ ଅବଧି ମଧ୍ୟରେ ସମଗ୍ର ମଣ୍ଡଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ । ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ସଠିକ ନିଷ୍କାସନ, ବର୍ଜ୍ୟବସ୍ତୁ ପୃଥକୀକରଣ ଅଭ୍ୟାସ ବିଷୟରେ କର୍ମଚାରୀଙ୍କୁ ସଚେତନ କରିବା ଏବଂ ଷ୍ଟେସନ ଓ ରେଳବାଇ ପରିସରରେ ସ୍ୱଚ୍ଛତା ଅଭିଯାନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ (ଥରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ) ବ୍ୟାନର ପ୍ରଭାବଶାଳୀ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଷ୍ଟେସନ ଷ୍ଟଲଗୁଡ଼ିକରେ ସ୍ୱତନ୍ତ୍ର ନିରୀକ୍ଷଣ ଅଭିଯାନ ମଧ୍ୟ ଚଲାଯିବ ।

ପ୍ଲାଷ୍ଟିକ ପ୍ରଦୂଷଣର କୁପ୍ରଭାବ ଏବଂ ଏହାର ନିରାକରଣ ପାଇଁ ଗ୍ରହଣୀୟ ପଦକ୍ଷେପ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପଥପ୍ରାନ୍ତ ନାଟକ ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ଚକ୍ର ଆୟୋଜିତ ହେବ । ସେହିପରି, କପଡ଼ା ଓ ଝୋଟ ବ୍ୟାଗ୍ ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ ଡିଜିଟାଲ୍ ଏବଂ କାଗଜବିହୀନ ଟିକେଟିଂ ବ୍ୟବସ୍ଥାର ପ୍ରଚାର ପାଇଁ ମଧ୍ୟ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

ଏହି ବିଶ୍ୱ ପରିବେଶ ଦିବସ ଅଭିଯାନକୁ ଖୋର୍ଦ୍ଧା ରୋଡ଼ ମଣ୍ଡଳର ମେକାନିକାଲ୍ ବିଭାଗର ଏନଭାଇରନମେଣ୍ଟ ଆଣ୍ଡ ହାଉସକିପିଂ ମ୍ୟାନେଜମେଣ୍ଟ ଶାଖା ଦ୍ୱାରା ପରିଚାଳିତ କରାଯାଉଛି ।

# ଉଚ୍ଚଶିକ୍ଷା ସଚିବ ଓ ଅନ୍ୟ ଅଧିକାରୀଙ୍କୁ ପୋଲିସ ନୋଟିସ

**କଟକ,ନ୍ୟୁଜ୍‌ବ୍ୟୁରୋ**

ଅଦାଲତ ଅବମାନନା ମାମଲାକୁ ନେଇ ଓଡ଼ିଶା ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଅଦାଲତଙ୍କ ଆଦେଶ ପାଳନ ନ କରିବା ଅଭିଯୋଗରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ବିରୋଧରେ ଜରୁରୀକାଳୀନ ପୁଲିସ ନୋଟିସ୍ ଜାରି ହୋଇଛି । ଜଷ୍ଟିସ୍ କୃଷ୍ଣ ଏସ୍. ଦୀକ୍ଷିତ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି । ଈଶ୍ୱର ପ୍ରସାଦ ନନ୍ଦ ନାମକ ଜଣେ ବ୍ୟକ୍ତି ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯାଇ ନଥିବା ଦର୍ଶାଇ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଅନ୍ୟ ଅଧିକାରୀମାନଙ୍କ ବିରୋଧରେ ଏକ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ । ଅଦାଲତ ଏହି ମାମଲାକୁ ଗମ୍ଭୀରତାର ସହ ନେଇ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପ୍ରତିପକ୍ଷ ଅଧିକାରୀମାନଙ୍କୁ ଜରୁରୀକାଳୀନ ପୁଲିସ ନୋଟିସ୍ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାର ଜବାବ ୧୦ ଦିନ ମଧ୍ୟରେ ଦେବାକୁ କୁହାଯାଇଛି । ଏହା ସହିତ ଅଦାଲତ ସମ୍ପୃକ୍ତ ଅଞ୍ଚଳର ଏସ୍‌ପି କିମ୍ବା ଡିସିପିଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନେ ନିଜେ ଏହି କୋର୍ଟ ନୋଟିସ୍ ସମ୍ପୃକ୍ତ ଅଧିକାରୀମାନଙ୍କୁ ହସ୍ତାନ୍ତର କରିବେ । ଏହି ନୋଟିସ୍ ସଫଳତାର ସହ ପ୍ରଦାନ କରାଯାଇଥିବା ନେଇ ଏକ ଅନୁପାଳନ ରିପୋର୍ଟ ଅଫିସିଆଲ୍ ଇ-ମେଲ୍ ମାଧ୍ୟମରେ ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ବ୍ରଜବନ୍ଧୁ ପରିଡ଼ାଙ୍କ ବିୟୋଗରେ ଶୋକସଭା

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ବରିଷ୍ଠ ପୁଜ୍ୟପୂଜା ପ୍ରାଣ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ତଥା ରଣଭୂଇଁ ସାପ୍ତାହିକ ସମ୍ବାଦପତ୍ରର ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା ହୃଦ୍‌ଘାତରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ ମାତ୍ର ୭୩ ବର୍ଷ ବୟସରେ ଗତ ମଇ ୧୩ ତାରିଖରେ ଇହଧାମ ପରିତ୍ୟାଗ କରି ଆରପୁରକୁ ଚାଲିଗଲେ । ନିଖିଳ ଓଡିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭାର ଆୟୋଜନ କରାଯାଇ ଥିଲା । ସ୍ୱର୍ଗତ ପରିଡ଼ାଙ୍କ ଉକ୍ତ ଶୋକସଭାରେ ବରିଷ୍ଠ ସାମ୍ବାଦିକ, ସମାଜସେବୀ ଓ ଲେଖକଲେଖିକାମାନେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସ୍ୱର୍ଗତ ପରିଡ଼ାଙ୍କ ବିୟୋଗ ସମଗ୍ର ପୁଜ୍ୟପୂଜା ପାଇଁ ଅପୁରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଥିଲେ । ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ମହାନ୍ତି, ସଂଘର ପ୍ରତିଷ୍ଠାତା ସମ୍ପାଦକ କବି କସ୍ତୁରୀ ଚରଣ ଦାସ, ବିଧାନ ସାପ୍ତାହିକ ଖବରକାଗଜର ସମ୍ପାଦକ ସୁରଥ ଦାସ, ଶିଶୁକଲମର ସମ୍ପାଦକ ଜନ୍ମେଜୟ ପ୍ରଧାନ, ଅକ୍ଷୟ ମହାନ୍ତି ଫାଉଣ୍ଡେସନର ସମ୍ପାଦକ କବି ଚୈତନ୍ୟ ପ୍ରସାଦ ବେହେରା, କବି କମଳ କୁମାର ମହାନ୍ତି, କବି ପ୍ରବୀର କୁମାର ମହାନ୍ତି, ସଂଘର ଉପ-ସଭାପତି ଡ଼. ପ୍ରଭାତ ବେଉରା, କବି ପ୍ରଣତୀ ମିଶ୍ର, ଅଧ୍ୟାପିକା ସୌଦାମିନୀ ବେହେରା, ପ୍ରମୁଖ ଉକ୍ତ ଶୋକ ସଭାରେ ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

# ୨୫୦ କୋଟିରେ କଟକ ଚାରିପଟେ ନିର୍ମାଣ ହେବ ସଂପ୍ରସାରିତ ରାସ୍ତା

**କଟକ,ନ୍ୟୁଜ୍‌ବ୍ୟୁରୋ**

କଟକ ସହରକୁ ଭିଡ଼ମୁକ୍ତ କରିବା ଏବଂ ସହରରେ ଗମନାଗମନ ବ୍ୟବସ୍ଥାକୁ ସହଜ ତଥା ସ୍ୱାଭାବିକ କରିବା ପାଇଁ ରାଜ୍ୟ ସରକାର ସହର ଚାରିପଟେ ପ୍ରାୟ ୨୫୦ କୋଟିରୁ ଅଧିକ ଟଙ୍କାର ସଂପ୍ରସାରିତ ରାସ୍ତା ଯୋଜନା କରିଛନ୍ତି । ସେଥିରୁ ୪ଟି ପ୍ରକଳ୍ପ ଟେଣ୍ଡର ପ୍ରକ୍ରିୟାରେ ରହିଥିବା ବେଳେ ଖୁବ୍‌ଶୀଘ୍ର ଆଉ ଏକ ରାସ୍ତା ପାଇଁ ଟେଣ୍ଡର ହେବାକୁ ଯାଉଛି ।



ସୂଚନା ଅନୁଯାୟୀ ଗଲା ମାର୍ଚ୍ଚ ମାସରେ ତିନିଟି ପ୍ରକଳ୍ପ ଟେଣ୍ଡର ପ୍ରକ୍ରିୟାକୁ ଯାଇଥିବା ବେଳେ ମେ' ମାସରେ ଗୋଟିଏ ପ୍ରକଳ୍ପ ଟେଣ୍ଡରକୁ ଆସିଛି । ଯୋଜନା ଅନୁଯାୟୀ ଜୁଡିସିଆଲ ଏକାଡେମିରୁ ଚହଟା ଛକ ପର୍ଯ୍ୟନ୍ତ ରାସ୍ତାକୁ ଛଅ ଲେନ୍ ବିଶିଷ୍ଟ କରାଯିବ । ଏଥିପାଇଁ ପ୍ରାୟ ୪୮ କୋଟି ୩୭ ଲକ୍ଷ ୧୨ ହଜାର ଟଙ୍କା ବ୍ୟୟ ହେବ । ଅନ୍ୟପଟେ ନେତାଜୀ ସୁଭାଷ ଛକ (ବେଲଭ୍ୟୁ/ଜୁଡିସିଆଲ ଏକାଡେମି)ରୁ ନରାଜ ବ୍ରଜବିହାରୀପୁର ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରିତ ହେବ । ଏହି ରାସ୍ତା ସେକ୍ଟର-୧୧ ପର୍ଯ୍ୟନ୍ତ ସଂପ୍ରସାରଣ ହୋଇଥିବା ବେଳେ ସେକ୍ଟର-୧୧ରୁ ନରାଜ ବ୍ରଜବିହାରୀପୁର ପର୍ଯ୍ୟନ୍ତ ଛଅ ଲେନ୍ ରାସ୍ତା ନିର୍ମାଣ ହେବ । ଏଥିପାଇଁ ୫୯ କୋଟି ୭୭ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସେହିଭଳି ମହାନଦୀ ମଧୁ ସେତୁ ନିକଟରୁ ନରାଜ ବ୍ରଜବିହାରୀପୁର ପର୍ଯ୍ୟନ୍ତ ରାସ୍ତାର ସଂପ୍ରସାରଣ ପାଇଁ ୮୯ କୋଟି ୮୬ ଲକ୍ଷ ୬୨ ହଜାର ଟଙ୍କା ଅଟକଳ କରାଯାଇଛି । ଏହା ସହିତ କଟକରୁ ଗୋବିନ୍ଦପୁର ଦେଇ ବାଙ୍କୀ ସିମର ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ ପାଇଁ ୩୫ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି । ଅନ୍ୟପଟେ ନେତାଜୀ ସୁଭାଷ ଛକ (ବେଲଭ୍ୟୁ/ଜୁଡିସିଆଲ ଏକାଡେମି)ରୁ ଖାନନଗର ପର୍ଯ୍ୟନ୍ତ କାଠଯୋଡ଼ି ରିଂ ବନ୍ଧ ସଂପ୍ରସାରଣ ପାଇଁ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଉଥିବା ବେଳେ କାଠଯୋଡ଼ି ଉପରେ ନେତାଜୀ ସେତୁ ସହ ସମାନ୍ତରାଳ ଆଉ ଏକ ସେତୁ ପାଇଁ ମଧ୍ୟ ସରକାର ନିଷ୍ପତ୍ତି ନେଇ ସାରିଛନ୍ତି । ଏସବୁ ଯୋଜନାରେ କଟକ ସହର ଚାରିପଟେ ରାସ୍ତା ସଂପ୍ରସାରଣ ପାଇଁ ୨୫୦ କୋଟିରୁ ଅଧିକ ବ୍ୟୟ ଅଟକଳ ସହିତ ୮ରୁ ୧୧ ମାସ ମଧ୍ୟରେ ପ୍ରକଳ୍ପ ଶେଷ କରିବାକୁ ଯୋଜନା ରହିଛି । କିନ୍ତୁ ବାସ୍ତବରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଯେଉଁ ଗତିରେ ଆଗକୁ ବଢ଼ୁଛି, ସେଥିରେ ସ୍ୱାଭାବିକ ଭାବେ ସହରବାସୀ କେବେ ଉପକୃତ ହେବେ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଖାନନଗରରୁ ଲିଙ୍କ୍ ରୋଡ୍ ପର୍ଯ୍ୟନ୍ତ ଚାଲିଥିବା କାଠଯୋଡ଼ି ରିଂ ବନ୍ଧ ସଂପ୍ରସାରଣ କାର୍ଯ୍ୟ ଗଲା ୩ ବର୍ଷ ହେଲା ଚାଲିଥିବା ବେଳେ ଏବେ ରେଳ ସେତୁ ତଳେ ନିର୍ମାଣକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି । ସରକାରଙ୍କ ଏସବୁ ଯୋଜନାରୁ ଭିଡ଼ମୁକ୍ତ କଟକ ସହର ସ୍ୱପ୍ନ ଦାନା ବାନ୍ଧୁଥିଲେ ହେଁ ଏହାର ବାସ୍ତବତା ଏବେ ବି ଆଶଙ୍କା ଭିତରେ ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଫେଇ ଦେଲେ...

ବୃତ୍ତିଗତ ଆଚରଣକୁ ଦୃଷ୍ଟିରେ ରଖି ଏହାକୁ ରଦ୍ଦ କରିଦେବେ । ଓକିଲଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟକୁ ଆଧାର କରି ପ୍ରଧାନ ବିଚାରପତି କହିଥିଲେ ଯେ, ସମାଜରେ ଅନେକ ପରଜୀବୀ ଅଛନ୍ତି ଯେଉଁମାନେ ବ୍ୟବସ୍ଥା ଉପରେ ଆକ୍ରମଣ କରନ୍ତି ଓ ତୁମେ ସେମାନଙ୍କ ସହିତ ହାତ ମିଳାଇବାକୁ ଚାହୁଁଛ । ସେ ଆହୁରି ମଧ୍ୟ କହିଥିଲେ ଯେ, ଅସରପା ପରି ଯୁବପିଢ଼ି ଅଛନ୍ତି, ଯେଉଁମାନେ କୌଣସି ଚାକିରି ପାଆନ୍ତି ନାହିଁ, କିମ୍ବା ସେମାନଙ୍କର କୌଣସି ବୃତ୍ତି ନାହିଁ । ସେମାନଙ୍କ ମଧ୍ୟରୁ କେତେକ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ, ସୂଚନା ଅଧିକାରୀ କର୍ମୀ ଓ ଅନ୍ୟ କର୍ମକର୍ତ୍ତା ଭାବେ ସମସ୍ତଙ୍କୁ ଆକ୍ରମଣ କରିବା ଆରମ୍ଭ କରିଦିଅନ୍ତି । ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ପରେ ଆବେଦନକାରୀ ଖଣ୍ଡପୀଠଙ୍କୁ କ୍ଷମା ମାଗିବା ସହିତ ତାଙ୍କ ଆବେଦନ ଫେରାଇ ନେବାକୁ ଅନୁମତି ମାଗିଥିଲେ ଓ ଖଣ୍ଡପୀଠ ଏଥିପାଇଁ ଅନୁମତି ପ୍ରଦାନ କରିଥିଲେ ।

### ଓଡ଼ିଶାର ଅର୍ଥନୈତିକ...

ପାଇଲଟ୍ ପ୍ଲାଣ୍ଟର ସଫଳ ପରୀକ୍ଷଣ କରିଛି । ଏହାଦ୍ୱାରା ଓଡିଶାରେ କ୍ଲିନ୍ ଏନର୍ଜି, ଇଲୋକ୍ଟ୍ରୋନିକ୍ସ ଓ ଆଧୁନିକ ମୋଟର ଗାଡି ନିର୍ମାଣ ପାଇଁ ମୌଳିକ ଧାତୁ ଯୋଗାଇ ଦେବାରେ ଓଏମ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ୨୦୩୬ ସମୃଦ୍ଧ ଓଡିଶା ପରିକଳ୍ପନାକୁ ସାକାର କରିବାରେ ଓଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ ।

ସେ ଆହୁରି କହିଥିଲେ, ପରିବେଶ ସୁରକ୍ଷା, ସୁରକ୍ଷିତ ଖଣି ପରିଚାଳନା ଏବଂ ଖଣି ଅଞ୍ଚଳର ସାମଗ୍ରିକ ବିକାଶ ଦିଗରେ ଓଏମ୍‌ସି ନିରନ୍ତର ଉଦ୍ୟମ ଜାରି ରଖିଛି । ସିଏସଆର୍ ପଦକ୍ଷେପ ମାଧ୍ୟମରେ ଖଣି ଅଞ୍ଚଳ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ମହିଳା ସଶକ୍ତିକରଣ, କ୍ରୀଡା, ଭିତ୍ତିଭୂମି ବିକାଶ ଦିଗରେ ଅନେକ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଅଞ୍ଚଳରେ ସକାରାତ୍ମକ ପରିବର୍ତ୍ତନ ଆଣିଛି । ମେସିନ୍ ସହିତ ସ୍ଥାନୀୟ ବାସିନ୍ଦାଙ୍କୁ ଖଣି କ୍ଷେତ୍ରରେ ଅଧିକ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଗମକୁ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କର ଜୀବନ ଜୀବିକା ଆହୁରି ସୁଦୃଢ଼ ହେବ ବୋଲି ସେ ମତ ଦେଇଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କାଳିଆପାଣି ଠାରେ ନବନିର୍ମିତ ଓଡିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ, ଖଣି ଅଞ୍ଚଳ ବାସୀଙ୍କ ପାଇଁ ୮ଟି ଅତ୍ୟାଧୁନିକେସିକ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ, ସମନ୍ୱିତ ପରିଚାଳନା ଓ ଅନୁଧ୍ୟାନ କେନ୍ଦ୍ର ଏବଂ ଓ-ସ୍ୱାସ୍ଥ୍ୟ ନାମକ ଏକ ଡିଜିଟାଲ୍ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ । ଏଥି ସହିତ ଶ୍ରେଷ୍ଠ ପ୍ରଦର୍ଶନକାରୀ ଖଣି ଓ ରିଜିଅନ୍‌କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି.କେ ସିଂହ ଓଡିଶାରେ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ଦିଗରେ ଓଏମ୍‌ସିର ଅତୁଳନୀୟ ଯୋଗଦାନ ରହିଛି ବୋଲି ଉଲ୍ଲେଖ କରି ଓଏମ୍‌ସି ଦ୍ୱାରା ପରିଚାଳିତ ଖଣି ଖାଦାନ ଗୁଡିକ କିଭଳି ରାଜ୍ୟ ଓ ଦେଶର ବିକାଶ କ୍ଷେତ୍ରରେ ଅଧିକ ଉପଯୋଗୀ ହେବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ କହିଥିଲେ ।

ଓଡିଶା ଖଣି ନିଗମର ଅଧ୍ୟକ୍ଷ ଗିରୀଶ୍ ଏସ୍.ଏନ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

### ରବିବାର ଦୁଇ ...

ମୋଦୀଙ୍କ ଆହ୍ୱାନକ୍ରମେ ନିରାଡମ୍ବର ଭାବେ ରାଷ୍ଟ୍ରୀୟ ସଭାପତିଙ୍କୁ ସ୍ୱାଗତ କରାଯିବ । ରାଜ୍ୟ ସଭାପତି, ମୁଖ୍ୟମନ୍ତ୍ରୀଙ୍କ ସମେତ ଶୀର୍ଷ ନେତୃବୃନ୍ଦ ରାଷ୍ଟ୍ରୀୟ ସଭାପତିଙ୍କୁ ବିମାନବନ୍ଦରରେ ସ୍ୱାଗତ ଜଣାଇବେ ବୋଲି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି । ସୋମବାର ଦିନ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ 'ରାଜ୍ୟ କୋର୍ କମିଟି' ବୈଠକରେ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ଯୋଗଦେବେ । ଏହା ପରେ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ଖୋର୍ଦ୍ଧା ଜିଲ୍ଲା ଜଟଣୀସ୍ଥିତ ଆଇଆଇଟି ନିକଟସ୍ଥ ଏସିଆନ ଇନଷ୍ଟିଚ୍ୟୁଟ ଅଫ ଫିଜିକାଲ ହେଲ୍‌ଥ (ଏଆଇପିଏଚ୍) ବିଶ୍ୱବିଦ୍ୟାଳୟ ପରିସରରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ତରଫରୁ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପଣ୍ଡିତ ଦୀନଦୟାଲ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଶିବିରର ଉଦ୍‌ଘାଟନ କରିବେ । ଏହା ପରେ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ମହାପ୍ରସାଦ ସେବନ କରିବେ ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି ।

ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ଅପରାହ୍ନରେ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ରାଜ୍ୟ ପଦାଧିକାରୀ, ମୋର୍ଚ୍ଚା ସଭାପତି ବୈଠକ ଏବଂ ମନ୍ତ୍ରୀପରିଷଦ ବୈଠକରେ ଯୋଗ ଦେଇ ସମସ୍ତଙ୍କ ସହ ଭେଟଘାଟ କରି ଚର୍ଚ୍ଚା ଓ ଆଲୋଚନା କରିବେ ।

ସନ୍ଧ୍ୟାରେ ରାଷ୍ଟ୍ରୀୟ ସଭାପତି ଶ୍ରୀ ନବୀନ ଭୁବନେଶ୍ୱର ବିମାନ ବନ୍ଦରରୁ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି । ଏହି ଅବସରରେ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ଉପସ୍ଥିତ ଥିଲେ ।

### ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ...

ଓ.ଡବ୍ଲ୍ୟୁ.ଏସ୍.ଏସ୍.ବି. , ୟୁ.ଆଇ.ଡି.ଏଫ୍., ଓ.ଏସ୍.ଏଚ୍.ବି., କଟକ ସହରୀ ପରିବହନ ସଂସ୍ଥା, ବି.ଏମ୍.ଆରସି.ଏଲ୍., ୱାଟ୍‌କୋ ଓ.ୟୁ.ଏଚ୍.ଏମ୍., ଓ.ୟୁ.ଏ., ଓରିଏଟ ଏବଂ ଓରେରାକୁ ମଧ୍ୟ ଏହି ପରାମର୍ଶ ପୂର୍ଣ୍ଣ ନିଷ୍ଠାର ସହ ଅନୁପାଳନ କରିବାକୁ କୁହାଯାଇଛି । ଏହି ସମସ୍ତ ସଂସ୍ଥା ନିଜ ନିଜ କାର୍ଯ୍ୟାଳୟରେ ଇନ୍ଧନ ସଂରକ୍ଷଣ ଓ ସମ୍ବଳର ମିତବ୍ୟୟୀ ତଥା ସର୍ବୋତ୍ତମ ବ୍ୟବହାର ପାଇଁ ସମାନ ପଦକ୍ଷେପ ଗ୍ରହଣ କରିବେ । ଏହି ସାମୂହିକ ଓ ସଚେତନ ପ୍ରୟାସ ମାଧ୍ୟମରେ ଉଚ୍ଚ ପ୍ରଶାସନିକ ଶୃଙ୍ଖଳା ପ୍ରଦର୍ଶନ କରିବା ସହ ବର୍ତ୍ତମାନର ବିଶ୍ୱ ଆର୍ଥିକ ଓ ଶକ୍ତି-ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକର ସଫଳ ମୁକାବିଲାରେ ରାଷ୍ଟ୍ରକୁ ସହାୟତା କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ , ଶ୍ରୀମତୀ ପାଢୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସକ୍ରିୟ ସହଯୋଗ କାମନା କରିଛନ୍ତି ।

### ପ୍ରଶ୍ନପତ୍ର ଲିକ୍ ...

ସିବିଆଇ କହିଛି ଯେ ମନୀଷା ମାନ୍ଧାରେଙ୍କ ପାଖରେ ଉଦ୍ଭିଦ ବିଜ୍ଞାନ ଏବଂ ପ୍ରାଣୀ ବିଜ୍ଞାନ ସମ୍ବନ୍ଧୀୟ କାଗଜପତ୍ର ସବୁ ଉପଲବ୍ଧ ଥିଲା । ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଏପ୍ରିଲ ମାସରେ ସେ ପୁଣେର ମନୀଷା ୱାଘମାରେଙ୍କ ମାଧ୍ୟମରେ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କୁ ଏକତ୍ରିତ କରିଥିଲେ ଏବଂ ତାଙ୍କ ପୁଣେ ବାସଭବନରେ ସ୍ୱତନ୍ତ୍ର କୋଚିଂ କ୍ଲାସ୍ ପରିଚାଳନା କରିଥିଲେ । ମନୀଷାଙ୍କୁ ପୂର୍ବରୁ ୧୪ରେ ଗିରଫ କରାଯାଇଛି ।

### ଲମ୍ବା ଲାଇନରେ ...

ରବିବାର ମଧ୍ୟ ତେଲ ଡିପୋରୁ ମଧ୍ୟ ତେଲ ଯୋଗାଣ କରାଯିବ । ସୋମବାର ସନ୍ଧ୍ୟା ସୁଦ୍ଧା ସ୍ଥିତି ସ୍ୱାଭାବିକ ହେବ ବୋଲି ସେ ଆଶ୍ୱସ୍ତ କରିଛନ୍ତି ।

### ଭାରତକୁ ...

ତା'ହେଲେ ଜୁନ ୫ କିମ୍ବା ୬ ସୁଦ୍ଧା ଏହା ଓଡ଼ିଶା ଛୁଇଁବାର ମଧ୍ୟ ସମ୍ଭାବନା ରହିଛି ।

୨୦୨୬ ବର୍ଷରେ ମୌସୁମୀ ଆଗୁଆ ଭାରତରେ ପ୍ରବେଶ କରିଥିଲେ ହେଁ ଏହାର ପ୍ରଭାବରେ ସ୍ୱାଭାବିକ ଠାରୁ କମ ବର୍ଷା ହୋଇପାରେ ବୋଲି ଆଇଏମଡି ଆକଳନ କରି ସାରିଛି । ଆଇଏମଡିର କହିବା କଥା ଯେ ଚଳିତ ବର୍ଷ ସମଗ୍ର ଦେଶରେ ଦୀର୍ଘ ଅବଧିରେ ହାରହାରି ୯୨% ଯାଏ ବର୍ଷା ହେବ । ଏହି ଆକଳନ ୫% ଅଧିକ କିମ୍ବା ୫% କମ ହୋଇପାରେ । ଜୁନରୁ ସେପ୍ଟେମ୍ବର ମଧ୍ୟରେ ୯୦ରୁ ୯୫% ବର୍ଷା ହେଲେ ଏହାକୁ ସ୍ୱାଭାବିକ ଠାରୁ କମ ବର୍ଷା ବୋଲି କୁହାଯାଏ ।

ଦକ୍ଷିଣ ପଶ୍ଚିମ ମୌସୁମୀ ପାରମ୍ପରିକ ଭାବେ କେରଳମ ଦେଇ ଭାରତର ବିଭିନ୍ନ ସ୍ଥାନକୁ ପ୍ରବେଶ କରିଥାଏ । ଜୁନ ୧ରେ ଏହା କେରଳମ ସ୍ପର୍ଶ କରିବା ସହ ସେପ୍ଟେମ୍ବର ଯାଏ ସମଗ୍ର ଦେଶରେ ନିଜର ଦବଦବା ଦେଖାଇଥାଏ । ଏଥର ମୌସୁମୀ ଉପରେ ଏଲ ନିନୋର ପ୍ରଭାବ ଅଧିକ ଥିବାରୁ ସ୍ୱାଭାବିକ ଠାରୁ କମ ବର୍ଷା ହେବ । ଦେଶର ଜିଡିପିରେ କୃଷି କ୍ଷେତ୍ରର ଅବଦାନ ୧୮% । ସେହିପରି ଦେଶର ୪୨% ଲୋକ କୃଷି ଉପରେ ନିର୍ଭର କରନ୍ତି । ତେଣୁ ମୌସୁମୀ ସ୍ୱାଭାବିକ ଠାରୁ କମ ବର୍ଷିବା ଭଲ ସଙ୍କେତ ନୁହେଁ । ମୌସୁମୀ ଉପରେ ଦେଶର ୫୨% ଉତ୍ପାଦନ ନିର୍ଭର କରିଥାଏ । ସେହିପରି ପିଇବା ପାଣି ଯୋଗାଣ ଓ ବିଜୁଳି ଉତ୍ପାଦନରେ ମଧ୍ୟ ଭଲ ମୌସୁମୀ ସହାୟକ ହୋଇଥାଏ ।

### କୋରାପୁଟ ଓ ...

ପ୍ରବଳ ବର୍ଷା ଓ ପବନ ହୋଇଛି । ସହରର ଅନେକ ସ୍ଥାନରେ ଭାଙ୍ଗି ପଡ଼ିଥିଲା ଗଛ । ପ୍ରବଳ ପବନ ସହ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା । ଟ୍ରାନ୍ସଫର୍ମର ଉପରେ ପଡ଼ିଥିଲା ଗଛ । ତେଣୁ ବିଦ୍ୟୁତ ସେବା ବନ୍ଦ ହୋଇଯାଇଥିଲା ।



ଭୁବନେଶ୍ୱର : ସାବିତ୍ରୀ ବ୍ରତ ପାଳନ କରିବା ଅବସରରେ ରାଜଧାନୀ ସ୍ଥିତ ମନ୍ଦିରରେ ମହିଳାମାନଙ୍କ ପ୍ରବଳ ଭିଡ଼ । (ଫଟୋ : ସମ୍ବାଦ କଳିକା)

# କେହି ଭୟଭୀତ ହୋଇ ଅଧିକ କିଣାକିଣି କରନ୍ତୁ ନାହିଁ : ବ୍ୟବସାୟୀ ସଂଘ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଖାଇବା ତେଲ ଦାମ୍ ବୃଦ୍ଧି ନେଇ ପ୍ରତିକ୍ରିୟା ରଖିଛି ବ୍ୟବସାୟୀ ସଂଘ । ବ୍ୟବସାୟୀ ସଂଘ ମହାସଚିବ ସୁଧାକର ପଣ୍ଡା କେହି ଭୟଭୀତ ହୋଇ ଅଧିକ କିଣାକିଣି ନ କରିବାକୁ ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି । ଦରଦାମ୍ ବଢ଼ିବାର କୌଣସି ସମ୍ଭାବନା ନାହିଁ, ସାମଗ୍ରୀ ମହଜୁଦ ରହିଛି । ସରକାର ପରିବହନ ବ୍ୟବସ୍ଥାକୁ ସ୍ୱାଭାବିକ କଲେ ସମସ୍ୟା ହେବନି । ଏସବୁ ସତ୍ତ୍ୱେ ଏବେ ପରିବହନକାରୀ ସଂସ୍ଥା ଅଧିକ ଦେୟ ଦାବି କରୁଛନ୍ତି । ତେଣୁ ଯାହା ଅଧିକ ଖର୍ଚ୍ଚ ହେବ ତାହା ଖାଉଟିଙ୍କ ଉପରେ ହିଁ ପଡ଼ିବ ।

# ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କଲେ ରାହୁଲ

**ନୂଆଦିଲ୍ଲୀ**

ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରର ତୀବ୍ର ସମାଲୋଚନା କରିଛନ୍ତି । ରାହୁଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତୁରନ୍ତ ଇସ୍ତଫା ଦାବି କରିଛନ୍ତି । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ରାହୁଲ ଲେଖିଛନ୍ତି, ନିଟ୍ ପରୀକ୍ଷା ଦେଇଥିବା ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ସହିତ ବିଶ୍ୱାସଘାତକତା ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ଏହି ପ୍ରସଙ୍ଗରେ ନିରବ ଥିବା କହି ସମାଲୋଚନା କରିଛନ୍ତି । ରାହୁଲ କହିଛନ୍ତି ପ୍ରଧାନମନ୍ତ୍ରୀ ତୁରନ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହଟାନ୍ତୁ ନଚେତ୍ ନିଜେ ଏଥିପାଇଁ ଦାୟୀ ରୁହନ୍ତୁ । ରାହୁଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହଟେଇବାକୁ ଦାବି କରିଛନ୍ତି । ସୂଚନାଯୋଗ୍ୟ, ଡାକ୍ତରୀ ଶିକ୍ଷାରେ ନାମଲେଖା ପାଇଁ ମେ ୩ ତାରିଖରେ ନିଟ୍ -ୟୁଜି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ତେବେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିବା ପରେ ନିଟ୍ ପରୀକ୍ଷା ବାତିଲ କରାଯିବା ସହିତ ଜୁନ୍ ୨୧ରେ ପୁନଃ ପରୀକ୍ଷା ପାଇଁ ସରକାର ଘୋଷଣା କରିଛନ୍ତି ।

Email- rd_nuapada@rediffmail.com
GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, NUAPADA
BID IDENTIFICATION NO. RWNPD - 01 (Online) of 2026-27 25001/155/2627
"e" PROCUREMENT NOTICE
Bid documents consisting of Work, Estimate Cost, Cost of tender Paper, EMD / BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in
1.Name of the Work : Building works in the District of Nuapada as mentioned in DTCN
2. Total No of Works :03 Nos.
3.Estimated Cost: : Rs.40.64 Lakhs (Building)
4.Period of Completion: : 09 (Nine), Calendar Month
5.Other Details:

| Procurement officer | Bid Identification No. | Availability of Tender online for bidding | | Last date & time of Seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Nuapada | RWNPD-01/ 2026-27 (Online) | 20.05.2026 at 10.00 AM | 01.06.2026 up to 5.00 PM | 31.05.2026 upto 05.00 PM | 02.06.2026 at 11.00 AM |

Further details can be seen from the website www.tendersodisha.gov.in
Sd/- Executive Engineer
Rural Works Division, Nuapada
OIPR-25001/25050/1/26-27/0002

e-mail : eerw_sunabeda@yahoo.co.in
GOVERNMENT OF ODISHA
OFFICE OF THE SUPERINTEDNING ENGINEER
RURAL WORKS DIVISION, SUNABEDA
25001/151/2627
e-Procurement Notice for Building works
Identification No Online Tender /01/RWD-SBD/2026-27
Letter No. 1715 / Date: 14.05.2026
01. Name of the work :: Building works Semiliguda, Pottangi, Nandapur, Lamtaput, Bandhugaon, Narayanpatna, Laxmipur block
02. Total Number of works :: 19 nos works
03. Estimated cost :: 3.00 to 37.00 lakhs
04. Class of Contractor :: "B", "C" & "D" Class
05. Period of Completion :: 02 Months
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/01/ RWD-SBD /2026-27 | 21.05.2026 at 11:00 a.m | 04.06.2026 upto 05:00 p.m |

Further details can be seen from the website www.tendersorissa.gov.in
Sd/- Superintending Engineer,
Rural Works Division, Sunabeda
OIPR-25001/25059/1/26-27/0001

ଉତ୍କଳ ଦୀପିକା

ଭୁବନେଶ୍ୱର, ୧୭ ମଇ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ତିନି ରଥର ୪୨ଟି ଚକରୁ ୩୩ଟିର ନିର୍ମାଣ କାର୍ଯ୍ୟ ଶେଷ

**ପୁରୀ, ୧୬।୫ : ନ୍ୟୁଜ୍‌ବ୍ୟୁରୋ**

ଶ୍ରୀଜୀଉଙ୍କ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନି ରଥର ୪୨ଟି ଚକ ମଧ୍ୟରୁ ଶନିବାର ସୁଦ୍ଧା ୩୩ଟି ଚକର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଆଉ ୯ଟି ଚକ ନିର୍ମାଣ ପରେ ତିନି ରଥର ଚକ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ସେହିପରି ଭୂଇଁ ଚଉତା ବିନ୍ଧ ଅନୁକୂଳ ପୂର୍ବରୁ ଭୂଇଁ ଚଉତାର ପାଖୁଡ଼ା ବିନ୍ଧ ପାଇଁ ମାପ ଚିହ୍ନ ଗାରିଆ ଶେଷ ହୋଇଛି। ତିନି ରଥର ୪ ନାହାକା ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥର ଦୁଇଟି ଲେଖାଏଁ ଧମକର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି।

ତାଳଧ୍ୱଜ ରଥର ୧୪ଟି ଚକ ମଧ୍ୟରୁ ୯ଟି ଚକ ନିର୍ମାଣ ଶେଷ ହୋଇଛି। ବାକି ୫ଟି ଚକର ନିର୍ମାଣ କାର୍ଯ୍ୟ ଜାରି ରହିଛି। ତାଳଧ୍ୱଜ ରଥର



ମହାରଣା ସେବକମାନେ ୧୦ମ ଏବଂ ୧୧ତମ ଚକର ତୁମ୍ବ ଅର ସିଙ୍ଗଡ଼ାରେ ପଇ ପିନ୍ଧା ଶେଷ କରି ପଇ କଳଶା ପାଇଁ ପଇରେ ମାପ ଚିହ୍ନ ପକା କାର୍ଯ୍ୟ ଶେଷ କରିଛନ୍ତି। ଏଥିସହ ୧୨ତମ ଓ ୧୩ତମ ଚକର ପଇ ବିନ୍ଧ ଶେଷ ହୋଇ ତୁମ୍ବ ସିଙ୍ଗଡ଼ା କଟାଯାଇ ମୁଖ ସାଲ ଶେଷ ହୋଇଛି।

ଦର୍ପଦଳନ ରଥର ୧୦ଟି ଚକ ନିର୍ମାଣ ଶେଷ ହୋଇଛି। ୧୧ତମ ଚକର ତୁମ୍ବର ପଇ ପିନ୍ଧ ଶେଷ ହୋଇ ପଇ କଳଶା ଜାରି ରହିଛି। ଏଥିସହ ଦର୍ପଦଳନ ରଥର ଚଉପଟ ଶେଷ ହୋଇଥିବା ମୁହାଁଟ, ନିରାଡ଼ି ଏବଂ ଭୂଇଁ ଚଉତାର ବିନ୍ଧ ପାଇଁ ବିନ୍ଧ ମାପ ଚିହ୍ନ ପକା ଶେଷ ହୋଇଛି। ଦର୍ପଦଳନ ରଥର ମହାରଣା ସେବକମାନେ ୪ଟି ଚାରି ନାହାକାରୁ ୩ଟି ନାହାକାର ଚଉପଟ କାର୍ଯ୍ୟ ଶେଷ କରି ସେଥିରେ ଆଠ କୋଣୀ ଅଂଶ ମରା କାର୍ଯ୍ୟ ଜାରି ରଖିଛନ୍ତି।

ନନ୍ଦିଘୋଷ ରଥର ୧୬ ଚକ ମଧ୍ୟରୁ ଶନିବାର ସୁଦ୍ଧା ୧୪ଟି ଚକ ନିର୍ମାଣ ଶେଷ ହୋଇଛି। ୧୫ତମ ଚକର ପଇ ବିନ୍ଧ ଶେଷ ହୋଇ ତୁମ୍ବ ସିଙ୍ଗଡ଼ାର ଅର କଟା ସହ ମୁଖ ସାଲ ଶେଷ ହୋଇଛି। ଏଥିସହ ନନ୍ଦିଘୋଷ ରଥର ଚଉପଟ ଶେଷ ହୋଇଛି। ୧୨ଟି ଭୂଇଁ ଚଉତା ଚଉପଟ ପରେ ବିନ୍ଧ ପାଇଁ ମାପ ଚିହ୍ନ ପକା ଶେଷ ହୋଇଛି। ୪ଟି ନାହାକାରୁ ଦୁଇ ଗୋଟି ନାହାକାର ଚଉପଟ ପରେ ଆଠ କୋଣୀ ଅଂଶ ମରା କାର୍ଯ୍ୟ ଶେଷ ହୋଇଛି। ବାକି ଦୁଇଟି ନାହାକାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।



ଭୁବନେଶ୍ୱର : ଡଃ ଗୁରୁ ବନମାଳୀ ମହାରଣାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଡଃ ଗୁରୁ ଶ୍ରୀ ଆର୍ତ୍ତତ୍ରାଣ ଶତପଥି (ବିଶିଷ୍ଟ ବେହେଲା ବାଦକ)ଙ୍କୁ ଡଃ ଗୁରୁ ଶ୍ରୀ ବନମାଳୀ ମହାରଣା ସ୍ମୃତି ସମ୍ମାନ-୨୦୨୬ ପ୍ରଦାନ କରାଯାଉଛି। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ବିପ୍ଳବୀ ଧରଣୀଧର ଭୂୟାଁଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଧାନସଭା ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

## ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର କର୍ମଚାରୀଙ୍କୁ ପେନସନ୍ ମାମଲା

# ଶୁଣାଣି ପାଇଁ ରାଜ୍ୟ ସରକାର ପୁଣି ସମୟ ଲୋଡ଼ିବା ଘଟଣାରେ ହାଇକୋର୍ଟଙ୍କ ଅସନ୍ତୋଷ

**କଟକ, ୧୬।୫ : ନ୍ୟୁଜ୍‌ବ୍ୟୁରୋ**

ହାଇକୋର୍ଟରେ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ସଂପର୍କିତ ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ପୁଣି ସମୟ ଲୋଡ଼ାଯିବା ଘଟଣାକୁ ନେଇ ହାଇକୋର୍ଟ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏ ସଂପର୍କିତ ମାମଲାର ଶୁଣାଣି ସମୟରେ ସରକାରଙ୍କ ତରଫରୁ ଗ୍ରୀଷ୍ମ ଅବକାଶ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନିବେଦନ କରାଯାଇଥିଲା। ଅନ୍ୟପକ୍ଷରେ ପ୍ରତିପକ୍ଷ ଅବସରପ୍ରାପ୍ତ କର୍ମଚାରୀଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଏହାକୁ ବିରୋଧ କରିଥିଲେ। ୨୦୨୬, ଫେବୃୟାରୀ ୧୭ର ନିର୍ଦ୍ଦେଶରେ ରାଜ୍ୟ



ସରକାରଙ୍କୁ ଆଉ ସମୟ ପ୍ରଦାନ କରାଯିବ ନାହିଁ ବୋଲି ଉଲ୍ଲେଖ କରାଯାଇଥିବା ନେଇ ପ୍ରତିପକ୍ଷଙ୍କ ତରଫରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାପରେ ହାଇକୋର୍ଟ ମେ' ୨୧କୁ ଏ ସଂପର୍କିତ ମାମଲାଗୁଡ଼ିକର ଏକତ୍ର ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଯୋଗ ଅନୁଧ୍ୟାନ ପାଇଁ ଅବସରପ୍ରାପ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚକ୍ଷମତା ସଂପନ୍ନ କମିଟି ଗଠନ କରାଯାଇଥିବା ନେଇ ସରକାର ପୂର୍ବରୁ ଅବଗତ କରିଥିବା ବେଳେ ଏହି କମିଟି କ'ଣ କରିଛି ସେ ନେଇ ପରବର୍ତ୍ତୀ ଶୁଣାଣି ସମୟରେ ଅବଗତ କରିବାକୁ ହାଇକୋର୍ଟ କହିଛନ୍ତି। କମିଟି ସଦସ୍ୟଙ୍କ ନାମ ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା କମିଟି ସଦସ୍ୟଙ୍କ ତରଫରୁ କୌଣସି ଅବହେଳା କିମ୍ବା ତ୍ରୁଟି କ୍ଷେତ୍ରରେ ସେମାନଙ୍କ ବିରୋଧରେ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବ୍ଲକ୍‌ଗ୍ରାଣ୍ଟ ଓ ଏବେର ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ମିଳୁ ନାହିଁ। ପୂର୍ବରୁ ଏହି ପ୍ରସଙ୍ଗ ନେଇ ଶରତ ଚନ୍ଦ୍ର ପରିଡ଼ାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ୨୦୧୫ରେ ହାଇକୋର୍ଟ ବ୍ଲକ୍‌ଗ୍ରାଣ୍ଟ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ, ଅଧ୍ୟାପକ, କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ସପକ୍ଷରେ ରାୟ ଦେଇଥିଲେ। ଏହି ରାୟ ସୁପ୍ରିମକୋର୍ଟରେ କାଏମ ରହିଥିଲା। ପରବର୍ତ୍ତୀ ସମୟରେ ପେନସନ୍ ଓ ଅବସରକାଳୀନ ପ୍ରାପ୍ୟ ଅବସର ପର ଦିନଠାରୁ ପ୍ରଦାନ କରାଯାଉ ବୋଲି ଦର୍ଶାଇ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶତାଧିକ କର୍ମଚାରୀ ଦାଖଲ କରିଥିବା ଦରଖାସ୍ତକୁ କିନ୍ତୁ ସରକାର ଖାରଜ କରିଥିଲେ। ଏହାପରେ ହାଇକୋର୍ଟର ଜଣିକିଆ ବିଚାରପତିଙ୍କ ଖଣ୍ଡପୀଠ ତିନି ମାସ ଭିତରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କୁ ପେନସନ ଏବଂ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ୨୦୨୪, ଜାନୁଆରୀ ୧୨ରେ ରାୟ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ସରକାର ଦୁଇ ଜଣିଆ ଖଣ୍ଡପୀଠରେ ଏକାଧିକ ରିଟ୍ ଅପିଲ ଦାୟର କରିଥିଲେ। ସରକାରଙ୍କ ଆବେଦନ ଗୁଡ଼ିକର ହାଇକୋର୍ଟରେ ଏବେ ଏକତ୍ର ଶୁଣାଣି ଚାଲିଛି। ପ୍ରତିପକ୍ଷ ଅବସରପ୍ରାପ୍ତ କର୍ମଚାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଶୋକ ମହାନ୍ତି, ବୁଦ୍ଧଦେବ ରାଉତରାୟ, ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଛନ୍ତି।

# ବାଲିଅନ୍ତା ସୌମ୍ୟ ହତ୍ୟା ମାମଲାରେ ସିବିଆଇ ତଦନ୍ତ ଦାବି କଲେ ବାପା

**ଭୁବନେଶ୍ୱର, ୧୬।୫ : ନ୍ୟୁଜ୍‌ବ୍ୟୁରୋ**

ବାଲିଅନ୍ତା ସୌମ୍ୟ ହତ୍ୟା ମାମଲା। ସିବିଆଇ ତଦନ୍ତ ଦାବି କରିଛନ୍ତି ସୌମ୍ୟଙ୍କ ବାପା। ସେ କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ମାମଲାର ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ହତ୍ୟା ମାମଲାରେ ମାତ୍ର ୧୩ ଜଣ ଗିରଫକୁ ନେଇ ସେ ଆପତ୍ତି କରିଛନ୍ତି। ହତ୍ୟା ଘଟଣାରେ ପ୍ରାୟ ୪୦ଜଣଙ୍କ ସଂପୃକ୍ତି ଥିବା ସୌମ୍ୟଙ୍କ ବାପା କହିଛନ୍ତି। ସେମାନଙ୍କୁ ଆଜୀବନ ଜେଲ୍ କିମ୍ବା ଫାଶୀଦଣ୍ଡ ଦେବାକୁ ଦାବି କରିଛନ୍ତି।

# କାର୍‌ରୁ ୧୫୫ କେଜି ଗଞ୍ଜେଇ ଜବତ : ଡ୍ରାଇଭର ଓ ସହଯୋଗୀ ଫେରାର

**ରାଜଗାଙ୍ଗପୁର, ୧୬।୫ : ନ୍ୟୁଜ୍‌ବ୍ୟୁରୋ**

୧୦ ନମ୍ବର ରାଜ୍ୟ ରାଜପଥରେ ଜଣେ ବାଇକ୍ ଚାଳକକୁ ଏକ କାର୍ ଧକ୍କା ଦେଇ ଚାଳକ ଓ ତା'ର ସହଯୋଗୀ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ଉକ୍ତ କାର୍ ମଧ୍ୟରୁ ପୋଲିସ ୧୫୫ କେଜି ଗଞ୍ଜେଇ ଜବତ କରିଥିବା ଜଣା ଯାଇଛି। ଘଟଣାରୁ ପ୍ରକାଶ ଯେ ତୁଡ଼ାଲଗା ଗ୍ରାମର ରଙ୍ଗବତୀ ଢାବା ନିକଟରେ ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ପିଣ୍ଡା ପଥର ଗାଁ କାଳିଆପଡ଼ାର କୁବେର ମିଞ୍ଜି ଓ ମିହିର ରଣା ବାଇକ୍ ଯୋଗେ ଗଛକଟା



ମେସିନକୁ ନେଇ ଗାଁକୁ ଯାଉଥିବା ବେଳେ ପଛପଟୁ ଏକ କାର୍ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଦୁଇ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ସ୍ଥଳରେ କାର୍‌ଟି ଅଚଳ ହେବା ପରେ ଡ୍ରାଇଭର ଏବଂ ସହଯୋଗୀ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ଗୁରୁତର ବାଇକ୍ ଆରୋହୀ ଦ୍ୱୟଙ୍କୁ ବଡ଼ଗାଁ ଡାକ୍ତରଖାନାକୁ ଅଣା ଯାଇଥଲା। ସେଠାରେ କୁବେର ଅବସ୍ଥା ଗୁରୁତର ହୋଇଥିବା ଯୋଗୁଁ ତୁରନ୍ତ ରାଉରକେଲା ଆରଜି ଏଚ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବଡ଼ଗାଁ ଥାନା ଅଧିକାରୀ ଦିନେଶ କୁମାର ପଟ୍ଟା ଏବଂ ଥାନାର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ପରେ ଗାଡି ଭିତରେ ଗଞ୍ଜେଇ ଥିବା ଜାଣବା ପରେ ସ୍ଥାନୀୟ ତହସିଲଦାରଙ୍କ ଉପସ୍ଥିତିରେ ଗାଡ଼ିରୁ ବହୁ ପରିମାଣର ଗଞ୍ଜେଇ ବାହାର କରାଯାଇଥିଲା। ଗାଡ଼ିରେ ଥିବା ଗଞ୍ଜେଇର ଅନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ପୋଲିସ କାର୍‌କୁ ଜବତ କରି ତଦନ୍ତ କରୁଥିବା ସ୍ଥାନୀୟ ଏସଡିପିଓ ବିଭୁତି ଭୂଷଣ ଭୋଇ ସୂଚନା ପ୍ରଦାନ କରିଛନ୍ତି।

## ବାଘଛାଲ ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ

# ଛାଲ, ବୋମା ଓ ଖଣ୍ଡା ଜବତ : ୩ ଗିରଫ

**ବ୍ରହ୍ମପୁର, ୧୬।୫ : ନ୍ୟୁଜ୍‌ବ୍ୟୁରୋ**

ବାଘଛାଲ ଚାଲାଣର ଏକ ରାକେଟ୍‌ର ପର୍ଦ୍ଦାଫାସ କରିଛି ବ୍ରହ୍ମପୁର ପୁଲିସ। ଗଞ୍ଜାମଜିଲ୍ଲା ଜରଡ଼ା ପୁଲିସ ଥାନା ଇନ୍‌ସପେକ୍ଟର ମୀନାକ୍ଷୀ ଦଳବେହେରାଙ୍କ ଅଭିଯୋଗ କ୍ରମେ ବ୍ରହ୍ମପୁର ପୁଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ଏକ ପୂର୍ଣ୍ଣାଙ୍ଗ ବାଘଛାଲ, ୨ଟି ବୋମା, ଗୋଟିଏ ଖଣ୍ଡା, ଗୋଟିଏ ଲୁହା ରଡ୍ ଏବଂ ଗୋଟିଏ ଛୁରୀ ଜବତ କରିଛି।

ପୁଲିସ କହିଛି ଅଭିଯୁକ୍ତମାନେ ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ଅଧୀନ ଚଚଡ଼ାଖଟା ଗାଁ ନାରାୟଣ ନାୟକଙ୍କ ପୁଅ ଗୋବିନ୍ଦ ଚନ୍ଦ୍ର ନାୟକ (୪୭), ବାରଡ଼ା ଗାଁର ରବୀନ୍ଦ୍ର ରଇତଙ୍କ ପୁଅ ଗୁଞ୍ଜୁ ରଇତ (୬୦) ଏବଂ ମଙ୍ଗରାଜପୁର ଗାଁର ସ୍ୱର୍ଗତ ସୋମନାଥ ବଡ଼ମୁଣ୍ଡିଙ୍କ ପୁଅ ରିତୁନ ବଡ଼ମୁଣ୍ଡି (୨୫)।

ପୁଲିସ କହିଛି, ଜରଡ଼ା ଥାନାକୁ



ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ, ଧନାବଡ଼ା ଆଙ୍କୁଳି ଅଞ୍ଚଳରେ କିଛି ଲୋକ ବାଘଛାଲ ଚାଲାଣ ପାଇଁ ଉଦ୍ୟମ କରୁଛନ୍ତି। ଏହି ସୂଚନା ଆଧାରରେ ପୁଲିସ କାଳବିଳମ୍ବ ନକରି ଘଟଣାସ୍ଥଳରେ ପହଞ୍ଚିଥିଲା। ବଣଜଙ୍ଗଲ ଅଞ୍ଚଳରେ ୪ଜଣ ଲୋକ ଦୌଡୁଥିବା ପୁଲିସ ଦେଖିବାକୁ ପାଇଥିଲା। ପୁଲିସ ସେମାନଙ୍କୁ ଅନୁସରଣ କରିଥିଲା। ଏହି ସମୟରେ ଅଭିଯୁକ୍ତମାନେ ପୁଲିସକୁ ଧକ୍କା ଦେଇ ଖସିଯିବାକୁ ଉଦ୍ୟମ କରିଥିଲେ। ଜଣେ ଅଭିଯୁକ୍ତ ଖଣ୍ଡା ଦେଖାଇ ପୁଲିସକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ସେହି ସମୟରେ ଅଭିଯୁକ୍ତମାନଙ୍କୁ ପୁଲିସ ଧରିବା ସହଜ ନଥିଲା। ତେବେ କୌଶଳ କ୍ରମେ ପୁଲିସ ସେମାନଙ୍କୁ ନିଜର ଅକ୍ତିଆରକୁ ଆଣିଥିଲା। ତେବେ ଜଣେ ଅଭିଯୁକ୍ତ ବନ୍ଧୁକ ସହିତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା।

ସାମ୍ବାଦିକ ସମ୍ମିଳନୀରେ ପୁଲିସ କହିଛି, ଚଢଉ ସମୟରେ ଅଭିଯୁକ୍ତମାନଙ୍କ ଠାରୁ ଝୋଟରେ ନିର୍ମିତ ଏକ ବ୍ୟାଗ୍‌କୁ ପୁଲିସ ଜବତ କରିଥିଲା, ଯେଉଁଥିରେ ଏକ ପୂର୍ଣ୍ଣ ବାଘଛାଲ ଥିଲା। ବ୍ୟାଗ୍ ଭିତରେ ୨ଟି ବୋମା ଥିଲା। ପୁଲିସକୁ ଅନ୍ୟ ଆପତ୍ତିଜନକ ଜିନିଷପତ୍ର ମଧ୍ୟ ମିଳିଥିଲା। ଅଭିଯୁକ୍ତମାନେ ବାଘଛାଲ ବିକିବା ଉଦ୍ଦେଶ୍ୟରେ ରଖିଥିଲେ। ତେବେ ଏହାକୁ କେଉଁଠୁ ଆଣିଥିଲେ ଏବଂ କେଉଁଠି ବିକ୍ରି କରିଥାନ୍ତେ, ସେନେଇ ତଦନ୍ତ ଜାରି ରହିଛି। ତିନିଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୬/୦୫/୨୦୨୬
୬,୪୫,୮୬୭/- ଟଙ୍କା
ସୁନା:- ୨୪ଗ୍ରାମ୍୭୫୦ ମିଲିଗ୍ରାମ
ରୂପା:- ଶୂନ୍ୟ

# ଆମେରିକାର ଏୟାରଷ୍ଟ୍ରାଇକ୍ : ଆଇଏସଆଇଏସର ଦ୍ୱିତୀୟ ସର୍ବୋଚ୍ଚ କମାଣ୍ଡର ନିହତ

**ୱାଶିଂଟନ, ୧୬।୫**

ଇରାନ ପରେ ପୁଣି ଆଉ ଗୋଟିଏ ଦେଶ ଉପରେ ଆକ୍ରମଣ କରିଛି ଆମେରିକା। ଅବଶ୍ୟ ଆମେରିକା ଏବଂ ନାଇଜେରିଆ ସୈନ୍ୟବାହିନୀର ମିଳିତ ସହଯୋଗରେ ଏହା ଘଟିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ, ଆମେରିକା ଏବଂ ନାଇଜେରିଆର ସେନା ଏକ ବଡ଼ ଆତଙ୍କବାଦ ବିରୋଧୀ ଅଭିଯାନ ସଫଳତାର ସହ ଚଳାଇଛନ୍ତି। ଆଇଏସଆଇଏସର ଦ୍ୱିତୀୟ ସର୍ବୋଚ୍ଚ କମାଣ୍ଡର, ଆବୁ-ବିଲାଲ ଅଲ-ମିନୁକି ଏହି ମିଶନରେ ନିହତ ହୋଇଛନ୍ତି। ସେ ଏହି ସୂଚନା ଟ୍ରୁଥ୍ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

ଟ୍ରମ୍ପ କହିଛନ୍ତି ଯେ, ଏହି ଅଭିଯାନ ଅତ୍ୟନ୍ତ କଷ୍ଟକର ଥିଲା ଏବଂ ଏହା ସୂକ୍ଷ୍ମ ଯୋଜନା ସହିତ କରାଯାଇଥିଲା। ଆବୁ-ବିଲାଲ ଅଲ-ମିନୁକି ଆଫ୍ରିକାରୁ କାର୍ଯ୍ୟ କରୁଥିଲେ ଏବଂ ବିଶ୍ୱବ୍ୟାପୀ ଆଇଏସଆଇଏସ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଲ-ମିନୁକି ବିଶ୍ୱାସ କରୁଥିଲେ ଯେ ସେ ଆଫ୍ରିକାରେ ସୁରକ୍ଷିତ ରହିପାରିବେ, କିନ୍ତୁ ଆମେରିକାର ଏଜେନ୍ସିଗୁଡ଼ିକ ତାଙ୍କ କାର୍ଯ୍ୟକଳାପ ବିଷୟରେ ନିରନ୍ତର ସୂଚନା ପାଉଥିଲା। ସେ ଆଉ ଆଫ୍ରିକୀୟମାନଙ୍କୁ ଆତଙ୍କିତ କରିପାରିବେ ନାହିଁ କିମ୍ବା ଆମେରିକୀୟମାନଙ୍କ ବିରୋଧରେ ଆକ୍ରମଣ ଯୋଜନା କରିପାରିବେ ନାହିଁ।

ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ଏହି ଅଭିଯାନ ଆଇଏସଆଇଏସର ବିଶ୍ୱବ୍ୟାପୀ ନେଟୱାର୍କ ଏବଂ କାର୍ଯ୍ୟ ପାଇଁ ଏକ ବଡ଼ ଝଟ୍‌କା ଥିଲା।

# ଦିନ ଦି'ପହରରେ ବୁଲିଲା ଦନ୍ତା : ଲୋକେ ଆତଙ୍କିତ

**ଘୁ ଉଦୟଗିରି, ୧୬।୫ ନ୍ୟୁଜ୍‌ବ୍ୟୁରୋ**

ଦନ୍ତା ହାତୀ ଆତଙ୍କରୁ ବର୍ତ୍ତି ପାରୁନାହାନ୍ତି କନ୍ଧମାଳଜିଲ୍ଲା ଘୁମୁସର ଉଦୟଗିରିର ଅଞ୍ଚଳର ଲୋକେ। ଦୀର୍ଘ ଦିନ ହେଲା ସ୍ଥାନୀୟ ବନାଞ୍ଚଳରେ ଦୁଇଟି ଦନ୍ତା ନିଜର ସ୍ଥିତି ଜାହିର କରିବା ସହ ଆତଙ୍କ ଜାରି ରଖିଛନ୍ତି। ଦନ୍ତା ହାତୀ ଆକ୍ରମଣରେ ତିନି ଜଣ ବ୍ୟକ୍ତିଙ୍କ ପ୍ରାଣହାନୀ ଘଟିଲାଣି। ଦନ୍ତାଙ୍କ ଗତିବିଧି ସଠିକ ଭାବେ ଜାଣି ପାରୁ ନାହାନ୍ତି ବନବିଭାଗ କର୍ମଚାରୀ।

ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଗ୍ରେସିଙ୍ଗିଆ ପଞ୍ଚାୟତର ଆରଶ୍ମିନ ଜନତା ହାଇସ୍କୁଲ ନିକଟରେ ଦନ୍ତା ବୁଲୁଥିବା ଗ୍ରାମବାସୀ ଦେଖି ଆତଙ୍କିତ ହୋଇ ରହିଛନ୍ତି। ଗାଁ ରାସ୍ତାରେ ହାତୀର ଗତିବିଧି ଦେଖି ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି। ହାତୀ ଚଳପ୍ରଚଳ ପାଇଁ ଗ୍ରେସିଙ୍ଗିଆ, ଡକରିଙ୍ଗିଆ, ଡକେଡି ପ୍ରଭୃତି ଗାଁର ଲୋକ ଜଙ୍ଗଲକୁ ଯିବାକୁ ଭୟ କରି ଘରେ ରହୁଛନ୍ତି। ଅପରପକ୍ଷେ ଦନ୍ତାହାତୀଙ୍କ ଗତିବିଧି ଜାଣିବା ଲାଗି ବନବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।



ବର୍ଷ-୧୭ ସଂଖ୍ୟା-୧୫ RNI Regd.No:ODIODI/2010/34704 ମୂଲ୍ୟ ଟ ୧.୫୦ ପୃଷ୍ଠା ସଂଖ୍ୟା-୮ ଭୁବନେଶ୍ୱର ୧୭-୨୩ ମଇ ୨୦୨୬
With Sambad Kalika ₹ 4.00

ରବିବାସରୀୟ କଳିକା

ଭିତର ପୃଷ୍ଠାରେ...
- ୨୦୨୪ ତୁଳନାରେ ୨୦୨୫ରେ କମ୍ ରୋଗୀ : ୫ବର୍ଷରେ ୪୦ହଜାର ରୋଗୀ ଠାବ
- ବଦଳୁଛି ଭାରତର ଗ୍ରୀଷ୍ମ ଋତୁ
- ଦୀର୍ଘ ବ୍ୟବଧାନ ପରେ 'ଭେଲ୍ କମେଡି'

ବିଶ୍ୱରେ ହିଂସାତ୍ମକ ସଂଘର୍ଷ ଓ ଯୁଦ୍ଧର ବିପଦ ବଢ଼ାଏ ଏଲ୍-ନିନୋ !

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।


ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଇଭିକୁ ଆପଣେଇବ ବିଏମ୍‌ସି

**ଭୁବନେଶ୍ୱର, ୧୬।୫ : ନ୍ୟୁଜ୍‌ବ୍ୟୁରୋ**

ପରିବେଶ ସ୍ୱଚ୍ଛତା, ଜଳବାୟୁ ପରିବର୍ତ୍ତନ ଏବଂ ସାମ୍ପ୍ରତିକ ପରିସ୍ଥିତି ତଥା ସରକାରଙ୍କ ଉପଦେଶକୁ ମାନି ପେଟ୍ରୋଲ ଓ ଡିଜେଲ ବ୍ୟବହାର କମ୍ କରିବା, ଇଲେକ୍ଟ୍ରିକ୍ ଯାନ ବା ଇଭିର ବ୍ୟବହାର କରିବା ପାଇଁ ପଦକ୍ଷେପ ନେଇଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ବିଭିନ୍ନ ଅଧିକାରୀ, କର୍ମଚାରୀଙ୍କ ଯାତାୟାତ ନିମନ୍ତେ ବ୍ୟାଟେରୀ ଚାଳିତ ଗାଡ଼ି ବ୍ୟବହାର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ସଂପ୍ରତି ପ୍ରଶାସନିକ ଅଧିକାରୀ, ଇଂଜିନିୟରିଂ ଉପବିଭାଗ, ବିଦ୍ୟୁତ୍



ଉପବିଭାଗ, ପରିମଳ ଉପବିଭାଗ, ଜୋନ୍ ଅଫିସ୍, ବିବିଧ କ୍ଷେତ୍ର ପ୍ରକଳ୍ପ ନିମନ୍ତେ ଡିଜେଲ ଚାଳିତ ଗାଡ଼ି ବ୍ୟବହୃତ ହେଉଅଛି। ପରିବେଶ ବନ୍ଧୁ ଭାବାପନ୍ନ ହୋଇ କ୍ରମଶଃ ଡିଜେଲ ଚାଳିତ ଗାଡ଼ିରୁ କିପରି ବ୍ୟାଟେରୀ ଚାଳିତ ଗାଡ଼ିର ବ୍ୟବହାର କରାଯାଇ ପାରିବ, ସେଥିପାଇଁ ମହାନଗର ନିଗମ ଗୁରୁତ୍ୱାରୋପ କରିଛି। ଏଥିପାଇଁ ଏକ ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ ପ୍ରସ୍ତୁତ କରାଯାଇଛି। ଆବଶ୍ୟକ ଇଲେକ୍ଟ୍ରୋନିକ୍ସ ଭେହିକ୍ଲ ଯୋଗାଇବାର କ୍ଷମତା ଥିବା ଇଚ୍ଛୁକ ସଂସ୍ଥା ଏଥିପାଇଁ ଆବେଦନ କରିବାକୁ ଏଥିରେ କୁହାଯାଇଛି। ପରିବେଶ ପ୍ରଦୂଷଣ ତଥା ବାୟୁ ମଣ୍ଡଳରୁ ଅଙ୍ଗାରକାମ୍ଳ ହ୍ରାସ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ବିଏମ୍‌ସି ପକ୍ଷରୁ କରାଯାଉଥିବା ବିବିଧ ପରିବେଶ ଉପଯୋଗୀ କାର୍ଯ୍ୟକ୍ରମ ମଧ୍ୟରୁ ଏହା ଅନ୍ୟତମ ପଦକ୍ଷେପ ବୋଲି କୁହାଯାଇଛି।

## ଏଲଆଇସି ଅଫିସରେ ଲାଗିଲା ନିଆଁ

# ଜଳିଗଲା କମ୍ପ୍ୟୁଟର ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର

**କଟକ, ୧୬।୫ : ନ୍ୟୁଜ୍‌ବ୍ୟୁରୋ**

କଟକ ମାଛୁଆ ବଜାର ଏଲଆଇସି ଅଫିସରେ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗିବା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ସିଲିଂ ଫ୍ୟାନ ଅଧିକ ସମୟ ଧରି ଚାଲିବାରୁ ଫ୍ୟାନ୍‌ଟି ପୋଡିଯାଇଥିଲା। ଜଳନ୍ତା ଫ୍ୟାନରୁ ନିଆଁ ଅଫିସ୍ କାଗଜପତ୍ର ଉପରେ ପଡ଼ିବାରୁ ସାରା ଅଫିସରେ ନିଆଁ ବ୍ୟାପୀ ଯାଇଥିଲା। ନିଆଁ ଲାଗିଥିବା ଦେଖି ବିଲ୍ଡିଂରେ ରହୁଥିବା ଲୋକ ଅଗ୍ନିଶମ ବାହୀନିକୁ ଖବର ଦେଇଥିଲେ। ଦମକଳ ବାହିନୀ ଠିକ୍ ସମୟରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୨ଟା ୧୫ମିନିଟ ଭିତରେ ଏଲଆଇସି ଅଫିସରେ ନିଆଁ ଲାଗିଥିଲା। ସିଲିଂ ଫ୍ୟାନ ସର୍ଟ୍‌ସର୍କିଟ୍ ଯୋଗୁ ନିଆଁ ଲାଗିଥିଲା। ତେବେ ଏହି ଅଗ୍ନିକାଣ୍ଡ ତଳ ମହଲାରେ ହୋଇଛି। ଉପର ମହଲାକୁ ନିଆଁ ବ୍ୟାପିବା ପୂର୍ବରୁ ନିଆଁକୁ ଆୟତ୍ତ କରିନେଇଥିଲେ ଅଗ୍ନିଶମ ବାହିନୀ। ଏହି ଅଗ୍ନିକାଣ୍ଡ ଘଟଣାରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହିତ କିଛି କମ୍ପ୍ୟୁଟର ଓ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଛି।